R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୩୫୦
ତିଥି : ଷଷ୍ଠୀ
୨୪ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 350
24 Sept 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




## ଆଉ ତିନିଦିନ ଲଘୁଚାପ ବର୍ଷା

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ସଂଲଗ୍ନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ରହିଛି । ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି । ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏଭଳି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ସୋମବାର ଗୋପାଳପୁରରେ ସର୍ବାଧିକ ୯୮ ମିମି ବର୍ଷା ହୋଇଥିବା ବେଳେ ଭଦ୍ରକରେ ୪୬ ମିମି, ଛତ୍ରପୁରରେ ୪୨ ମିମି, ତାଳଚେର ଓ ମାଲକାନଗିରିରେ ୨୨ମିମି ବର୍ଷା ରେକର୍ଡ ହୋଇଛି । ମଙ୍ଗଳବାର (୯ ପୃଷ୍ଠାରେ)

### ଭରତପୁର ଥାନା ଘଟଣା

# ନ୍ୟାୟିକ ତଦନ୍ତ ଲାଗି ବିଜ୍ଞପ୍ତି ଜାରି




ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଭାରତପୁର ଥାନାରେ ସେନାର କ୍ୟାପ୍ଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ ହୋଇଥିବା ପୋଲିସ ନିର୍ଯାତନା ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । କେଉଁ କେଉଁ ଦିଗ ଉପରେ ତଦନ୍ତ କରାଯିବ ତାହା ଉଲ୍ଲେଖ କରାଯିବା ସହ ୬୦ ଦିନ ମଧ୍ୟରେ ତଦନ୍ତ ସାରିବାକୁ କୁହାଯାଇଛି । ଗୃହ ବିଭାଗ ପକ୍ଷରୁ ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ବିଚାର ବିଭାଗୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ । ବିଜ୍ଞପ୍ତିରେ ମୁଖ୍ୟତଃ ତିନୋଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି । କିଭଳି, କେଉଁ ପରିସ୍ଥିତିରେ (୯ ପୃଷ୍ଠାରେ)

**୬୦ ଦିନରେ ଆସିବ ରିପୋର୍ଟ**

**କେଉଁ ପରିସ୍ଥିତିରେ ଘଟିଲା ଘଟଣା ତାହା ଅନୁଧ୍ୟାନ**

**କମିଶନଙ୍କ ମୁଖ୍ୟାଳୟ ହେବ ଭୁବନେଶ୍ୱର**

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୀଡିତା, ତାଙ୍କ ବାପା

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଭାରତପୁର ଥାନାରେ ନିର୍ଯାତନାର ଅଭିଯୋଗ ଆଣିଥିବା ଯୁବତୀ ଓ ତାଙ୍କ ବାପା ଓ ମେଜର ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି । ଏହାଛଡା ଅବସରପ୍ରାପ୍ତ ସେନାର ପ୍ରତିନିଧିମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି । ଏହି ସାକ୍ଷାତ ଆଲୋଚନାବେଳେ ଉପମୁଖ୍ୟମନ୍ତ୍ରୀ କେବି ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଦି ଉପସ୍ଥିତ ଥିଲେ । ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ନ୍ୟାୟ ଦାବି କରିଥିଲେ । ତେବେ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ପାଇଁ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ ଗ୍ରହଣ କରାଯାଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ।

ପୀଡିତାଙ୍କ ବାପା ସାକ୍ଷାତ ପରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କୁ ସମୟ ଦେଇଥିବାରୁ ଧନ୍ୟବାଦ ଜଣାଉଛୁ । ଦୁଇଦିନ ପୂର୍ବେ ୟୁନିଫର୍ମ ଦେଇଛନ୍ତି । ଝିଅ ରେଷ୍ଟୁରାଣ୍ଟ ଚଳାଉଥିବାରୁ ସବୁଦିନ ରାତିରେ ଘରକୁ ଫେରେ । ଏହାନେଇ ଭବିଷ୍ୟତରେ ଯେଭଳି କୌଣସି ସମସ୍ୟା ନଉପୁଜେ ତାହାର ସମାଧାନ ପାଇଁ ଦାବି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଏହାକୁ

**ନ୍ୟାୟିକ ତଦନ୍ତ ଲାଗି ଧନ୍ୟବାଦ**

**ନିର୍ଦ୍ଧାରିତ ସମୟରେ ନ୍ୟାୟ ପ୍ରଦାନ ପାଇଁ ଗୁରୁତ୍ୱ : ଆଇନ୍‌ମନ୍ତ୍ରୀ**

ପିନ୍ଧି ପୋଲିସ ଅଧିକାରୀମାନେ ପ୍ରତିବାଦ କରିଥିଲେ । ତଦନ୍ତ ନୀରପେକ୍ଷ ହେବ କି ନାହିଁ ସନ୍ଦେହ ଥିଲା । ତେଣୁ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲୁ । ମୁଖ୍ୟମନ୍ତ୍ରୀ ଆମ ଦାବି ମାନିଛନ୍ତି । ଯେଉଁମାନେ ଝିଅର ଭିଡ଼ିଓ ସୋସିଆଲମିଡିଆରେ ଛାଡୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି । ରାଜଧାନୀରେ ମହିଳାମାନେ ଯେଭଳି ଅସୁରକ୍ଷିତ ନରୁହନ୍ତି ସେଥିପାଇଁ ଗଳିକନ୍ଧି ଓ ନିଛାଟିଆ ସ୍ଥାନରେ ଅଧିକ ପୋଲିସ ଭ୍ୟାନ୍ ପାଟ୍ରୋଲିଂ କରିବ । ଘଟଣାକୁ ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ପୀଡିତା ଯେମିତି ନିର୍ଦ୍ଧାରିତ ସମୟରେ ନ୍ୟାୟ ପାଇବେ ତାହା ଉପରେ ଗୁରୁତ୍ୱ (୯ ପୃଷ୍ଠାରେ)

## ଘଟଣାର ପୁନରାବୃତ୍ତି ନଘଟିବା ଲାଗି ପରାମର୍ଶ ଦିଆଯିବ : ଜଷ୍ଟିସ୍ ଦାସ

କଟକ, ୨୩।୯ (ସବ୍ୟୁ) : ଭରତପୁର ଥାନାକୁ ନେଇ ବର୍ତ୍ତମାନ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ନେଇ ତଦନ୍ତ କରିବେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିଯୁକ୍ତ ହୋଇଥିବା ଓଡ଼ିଶା ଏବଂ କୋଲକତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ।

ବିଭିନ୍ନ ଦିଗକୁ ନେଇ ସେ କରିବେ ତଦନ୍ତ । ତେବେ ପୁଲିସ୍ ଦ୍ୱାରା ଯାହା ଘଟିଗଲା ଓଡ଼ିଶାରେ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନଘଟେ ସେଥିପାଇଁ ସବିଶେଷ ପରାମର୍ଶ ଦେବି ବୋଲି କହିଛନ୍ତି ଜଷ୍ଟିସ ଦାଶ । ତିନୋଟି ଦିଗକୁ ନେଇ ସେ ବିଚାର କରିବେ । ପ୍ରଥମ ଦିଗଟି ହେଲା ଯେଉଁ ଯୁବକମାନେ ରାସ୍ତାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଅଟକାଇ ତାଙ୍କ ସହ ଖରାପ ବ୍ୟବହାର କରିଥିଲେ । ଦ୍ୱିତୀୟରେ ଥାନାକୁ ଆସିବା ପରେ ଯାହା ଘଟିଗଲା ତାହାକୁ ନେଇ । ତୃତୀୟରେ ପୁଲିସ୍ ଦ୍ୱାରା ମେଜରଙ୍କ ବାନ୍ଧବୀଙ୍କ ନାମରେ ଯେଉଁ ଏଫଆଇଆର ଦିଆଯାଇଛି ଏସବୁ ଦିଗକୁ ନେଇ ତଦନ୍ତ ଆଗେଇବ । ଏହାକୁ ଛାଡ଼ି ଯଦି ଶୁଣାଣି ବେଳେ ଅନ୍ୟ କୌଣସି ଦିଗ ଆସେ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ । ତେବେ ରାଜ୍ୟ ସରକାର ଏହି ଶୁଣାଣି ପାଇଁ ଯେଉଁ ୬୦ ଦିନର ଅବଧି ଦେଇଛନ୍ତି (୯ ପୃଷ୍ଠାରେ)

### ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ

# ୧୮୨ ମୃତ, ୪୦୦ରୁ ଉର୍ଦ୍ଧ୍ୱ ଆହତ



ନୂଆଦିଲ୍ଲୀ, ୨୩।୯ : ହେଜେବୁଲ୍ଲା ଏବଂ ଇସ୍ରାଏଲ ମଧ୍ୟରେ ଥିବା ବିବାଦ ମଧ୍ୟରେ ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ଆକ୍ରମଣ କରାଯାଇଛି । ଇସ୍ରାଏଲ୍‌ର ଘନଘନ ରକେଟ୍ ମାଡରେ ଲେବାନନ୍‌ର ବହୁ ଧ୍ୱଂଶବିଧ୍ୱଂଶ ହୋଇଛି । ହେଜେବୁଲ୍ଲାର ପ୍ରଭାବ ରହିଥିବା ଦକ୍ଷିଣ ଲେବାନନରେ ବ୍ୟାପକ ଆକ୍ରମଣ ଯୋଗୁ ଶିଶୁଙ୍କ ସମେତ ୧୮୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗାଜା ପରେ ସୀମାପାର ଆକ୍ରମଣ ଇସ୍ରାଏଲର ଏହା ଏକ ବଡ ଘଟଣା ବୋଲି କୁହାଯାଉଛି ।

ଇସ୍ରାଏଲ ସେନା ପକ୍ଷରୁ ଭିଡ଼ିଓ ଜାରି କରାଯାଇ ଆକ୍ରମଣର କିଛିଘଣ୍ଟା ପୂର୍ବରୁ ଅନ୍ୟ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଥିଲା । ଯେଉଁ ସ୍ଥାନରେ ଲେବାନନ ସମର୍ଥିତ ସଂଗଠନ ହେଜେବୁଲ୍ଲା ଅସ୍ତ୍ରଶସ୍ତ୍ର ସଂରକ୍ଷଣ ରଖୁଛି ସେଠାରୁ ତୁରନ୍ତ ଚାଲିଯିବାକୁ ପରାମର୍ଶ ଦିଆଯାଇଥିଲା । ଇସ୍ରାଏଲ ସେନା ଦକ୍ଷିଣ ଲେବାନନର ୧୭ ଗାଁ ଏବଂ ସହରକୁ ମିଶାଇ ଏକ ମାନଚିତ୍ର ପ୍ରକାଶ କରିଥିଲା । ଏହି ମାନଚିତ୍ର ଅନୁଯାୟୀ ସେହି ଅଞ୍ଚଳ ଛାଡିଯିବାକୁ କୁହାଯାଇଥିଲା । ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ହେଜେବୁଲ୍ଲାର ପ୍ରଭାବ ରହିଛି ସେଠାରେ ଆକ୍ରମଣ କରାଯାଇଛି । ତେବେ ବିଶ୍ୱର କ୍ଷମତା ହାସଲ କରିବାକୁ ଇସ୍ରାଏଲ ଓ ହେଜେବୁଲ୍ଲା ମଧ୍ୟରେ ପୁଣି ଯୁଦ୍ଧ ଘଟିଛି । ଲୋକମାନେ ଶୋଇଥିବା ସମୟରେ ଏଭଳି ବୋମାମାଡ ହୋଇଥିବା ସ୍ଥାନୀୟ ବାସୀନ୍ଦା କହିଛନ୍ତି । (୯ ପୃଷ୍ଠାରେ)

# ହାଇକୋର୍ଟ ତତ୍ତ୍ୱାବଧାନରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ମନା



କଟକ, ୨୩।୯ (ସବ୍ୟୁ) : ଭରତପୁର ଥାନା ଘଟଣାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ହାଇକୋର୍ଟ ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ହେଉଥିବା ତଦନ୍ତର ଅନୁଧ୍ୟାନ ପାଇଁ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରି ଦେଇଛନ୍ତି । କିନ୍ତୁ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ହାଇକୋର୍ଟ ରାଜ୍ୟର ବିଭିନ୍ନ ଥାନାରେ ଲାଗିଥିବା ସିସିଟିଭି କେତେ କାର୍ଯ୍ୟକ୍ଷମ ରହିଛି, କେତେ ସିସିଟିଭିରେ ହାର୍ଡଡିସ୍କ ଠିକ୍ ରହିଛି ଏସବୁ ଉପରେ ଜବାବ ରଖିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ହାଇକୋର୍ଟ ପୁଲିସ୍ ଏଡିଜି(ଆଧୁନିକିକରଣ) ଦୟାଲ୍ ଗଙ୍ଗୱାରଙ୍କ କୋର୍ଟକୁ ସହାୟତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଗଙ୍ଗୱାର୍ ଯେକୌଣସି ପଦକୁ ଗଲେ ମଧ୍ୟ ସିସିଟିଭି ମାମଲାରେ ଅଦାଲତଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିବେ ।

ସେହିପରି ଏହି ଘଟଣା ଜଣେ ଆର୍ମି ଅଫିସରଙ୍କ ସହ ହୋଇଥିବାରୁ ଅଦାଲତ ଏହା ଉପରେ ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି । ଜଣେ ଆର୍ମି ଅଫିସର ଥାନାକୁ ଗଲେ ତାଙ୍କ ସହ କିପରି ବ୍ୟବହାର କରାଯିବା ଆବଶ୍ୟକ ଏବଂ ଏ ଦିଗରେ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉପରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଅଦାଲତଙ୍କୁ ସହଯୋଗ ପାଇଁ ହାଇକୋର୍ଟ ବରିଷ୍ଠ ଆଇନଜିବୀ ଗୌତମ ମିଶ୍ରଙ୍କୁ ଆମିକସ୍ କ୍ୟୁରୀ (କୋର୍ଟ ମିତ୍ର) ଭାବେ ନିଯୁକ୍ତ ଦେଇଛନ୍ତି । ଲେଫ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାଓ୍ୱତଙ୍କ ପକ୍ଷରୁ ଆଗତ ଲେଟର ପିଟିସନ୍‌କୁ ଜନସ୍ୱାର୍ଥ ମାମଲା ଭାବେ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି (୯ ପୃଷ୍ଠାରେ)

**ଅଭିଯୁକ୍ତଙ୍କୁ ଥାନାରେ କିଭଳି ବ୍ୟବହାର କରାଯାଉଛି ଜଣାଅ**

**ସମସ୍ତ ଥାନାରେ ସିସିଟିଭି ଲଗାଅ**

**ପୀଡିତା, କ୍ୟାପ୍ଟେନ୍‌ଙ୍କ ନାଁ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ**

**ସେନା ଅଧିକାରୀଙ୍କୁ ଥାନାରେ କିଭଳି ବ୍ୟବହାର କରାଯିବ ଜବାବ ରଖ**

**ଲେଫ୍ଟନାଣ୍ଟ ଜେନେରାଲଙ୍କ ଲେଟର ପିଟିସନ ମାମଲା ଭାବେ ଗ୍ରହଣ**

**ଆଇନଜୀବୀ ଗୌତମ ମିଶ୍ର କୋର୍ଟମିତ୍ର ଭାବେ ନିଯୁକ୍ତ**

## ବଜ୍ରପାତରେ ୨ ମୃତ, ୨ ଆହତ

ସମ୍ବଲପୁର/ଗଣିଆ, ୨୩।୯ (ସବ୍ୟୁ) : ରାଜ୍ୟର ଭିନ୍ନ ଭିନ୍ନ ଦୁଇଟି ସ୍ଥାନରେ ବଜ୍ରାଘାତରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗୋଟିଏ ଘଟଣା ସମ୍ବଲପୁର ଜିଲ୍ଲାରେ ଘଟିଥିବା ବେଳେ ଅନ୍ୟଟି ନୟାଗଡ଼ ଜିଲ୍ଲାରେ ଘଟିଛି।ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଅନ୍ଧାରୀ ଗାଁରେ ଆଜି ଅପରାହ୍ନରେ କିଛି ମହିଳା ଜମିରେ ଘାସ ବାଛୁଥିବା ବେଳେ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ମହିଳାଙ୍କ ନାଁ ଲଳିତା ଭୋଇ।ଆହତ ଦ୍ୱୟ ହେଉଛନ୍ତି- ସାବିତ୍ରୀ ସୁହୁଲା ଓ ପଦ୍ମିନୀ ରଣା। ବଜ୍ରପାତରେ ତିନି ଜଣ ଯାକ ଜମିରେ ଅଚେତ ହୋଇ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଯୁଯୁମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲାଛ ସେଠାରେ ଲଳିତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସାବିତ୍ରୀ ଓ ପଦ୍ମିନୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସମ୍ବଲପୁର ସ୍ଥାନାନ୍ତର କରାଯାଇଥିଲା । (୯ ପୃଷ୍ଠାରେ)

### ଚାଇଲ୍ଡ ପର୍ଣ୍ଣୋଗ୍ରାଫି ମାମଲାରେ ମାଡ୍ରାସ ହାଇକୋର୍ଟ ରାୟ ଖାରଜ

# ଡାଉନ୍‌ଲୋଡ୍ କରିବା ଦଣ୍ଡନୀୟ ଅପରାଧ



ନୂଆଦିଲ୍ଲୀ, ୨୩।୯ : ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଉପରେ ସୁପ୍ରିମ୍‌କୋର୍ଟଙ୍କର ଏକ ବଡ ରାୟ ଆସିଛି । ମାଡ୍ରାସ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମ୍‌କୋର୍ଟ ଖାରଜ କରିବା ସହ ପିଲାଙ୍କ ସହ ଜଡିତ ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା ଓ ଡାଉଡ୍‌ଲୋଡ୍ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ସୁପ୍ରିମ୍‌କୋର୍ଟର ୩ ଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏହା ପକ୍ସୋ ଅଧିନିୟମରେ ଆସୁଛି ବୋଲି ଉଲ୍ଲେଖ କରାଯାଇଛି ।

ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ, ଜଷ୍ଟିସ୍ ଜେବି ପାରିଡଓ୍ୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେବାସହ ମାଡ୍ରାସ ହାଇକୋର୍ଟର ରାୟକୁ ଖାରଜ କରିଛନ୍ତି । ନିକଟରେ ମାଡ୍ରାସ ହାଇକୋର୍ଟ ମୋବାଇଲ ଫୋନ୍‌ରେ ଶିଶୁ ଅଶ୍ଳୀଳ ବିଷୟବସ୍ତୁ ରଖିଥିବା ଅଭିଯୋଗରେ ଏକ ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ମାମଲାକୁ ବାତିଲ କରିଦେଇଥିଲେ । କେବଳ ଶିଶୁ ଅଶ୍ଳୀଳତା ଡାଉନ୍‌ଲୋଡ୍ କରିବା ଓ ଦେଖିବା ପୋକ୍ସୋ ଆକ୍ଟ ଅନୁଯାୟୀ ଅପରାଧ ନୁହେଁ ବୋଲି ଏଥିରେ ଦର୍ଶାଇଥିଲେ । (୯ ପୃଷ୍ଠାରେ)

### ଆଇସିଏମ୍‌ଆର୍ ରିପୋର୍ଟ ଉଦ୍‌ବେଗଜନକ

# କାମ କରୁନାହିଁ ଆଣ୍ଟିବାୟୋଟିକ୍



ନୂଆଦିଲ୍ଲୀ, ୨୩।୯ : ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ଆଇସିଏମ୍‌ଆର ପକ୍ଷରୁ ଆଣ୍ଟିବୋୟୋଟିକ୍ସ ଔଷଧର କାର୍ଯ୍ୟ କରିବା ଓ ପ୍ରତିରୋଧକୁ ନେଇ ଏକ ବଡ ରିପୋର୍ଟ ପ୍ରକାଶ ପାଇଛି । ଜ୍ୱର, ଡାଇରିଆ, ନିମୋନିଆ ଓ ଅନ୍ୟାନ୍ୟ ରକ୍ତଜନିତ ସଂକ୍ରମଣରେ ଆଣ୍ଟିବାୟୋଟିକ୍ ବ୍ୟବହାର କାର୍ଯ୍ୟ କରୁନାହିଁ । ଆଇସିଏମ୍‌ଆର୍ ରିପୋର୍ଟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇଛି । ଯେଉଁଥିରେ ଶ୍ୱାସକ୍ରିୟ ସଂକ୍ରମଣ ଉପରେ ସାଧାରଣ ଆଣ୍ଟିବାୟୋଟିକ୍ କେତେ ପ୍ରଭାବ ପକାଉଛି ତାହାର ପରୀକ୍ଷଣ କରାଯାଇଥିଲା ।

ଆଇସିଏମ୍‌ଆର୍‌ର ୨୦୨୩ ବାର୍ଷିକ ରିପୋର୍ଟରେ ଏହା ପ୍ରକାଶ ପାଇଛି । ଜାନୁଆରୀରୁ ଡିସେମ୍ବର ୨୦୨୩ ମଧ୍ୟରେ ସଂଗ୍ରହ କରାଯାଉଥିବା ନମୁନା ଉପରେ ଏହି ରିପୋର୍ଟ ପ୍ରକାଶ ପାଇବା ସହ ଆଣ୍ଟିବାୟୋଟିକ୍‌ର ପ୍ରତିରୋଧ କ୍ଷମତା ଜାତୀୟ ସ୍ତରରେ ହ୍ରାସ ପାଉଥିବାରୁ ଚିନ୍ତା ପ୍ରକଟ କରାଯାଇଛି । ସାଧାରଣ ପ୍ରକାର ଆଣ୍ଟିବାୟୋଟିକ୍ ଏସବୁ ବ୍ୟାକ୍ଟେରିଆ ଉପରେ କାମ କରୁନାହିଁ । ୟୁରିନାରୀ ଟ୍ରାକ୍ସ ଇନ୍‌ଫେକ୍ସନରେ ଆଣ୍ଟିବାୟୋଟିକ୍‌ର ପ୍ରଭାବ ମଧ୍ୟ ଖୁବ୍ କମ୍ ରହୁଛି । ଭାରତ ବଜାରରେ ଉପଲବ୍ଧ ହେଉଥିବା ସେଫୋଟାକ୍ସାଇନ୍, ସେଫ୍ଟୋଜାଇଡିନ୍, ସିପ୍ରୋଫ୍ଲୋକାସିନ୍ ଓ ଲେଭୋଫ୍ଲୋକାସିନ୍ ଆଣ୍ଟିବାୟୋଟିକ୍ ଇଶ୍ଚେରିଆକାଲି ଉପରେ ୨୦% କମ୍ ପ୍ରଭାବ ପକାଉଛି । ରିପୋର୍ଟରେ ଦର୍ଶାଯାଇଛି ଯେ ସମୟ ସହିତ ଅନେକ ଆଣ୍ଟିବାୟୋଟେକ୍‌ର ପ୍ରଭାବ ହ୍ରାସ ପାଇଛି । ୨୦୨୩ରେ ଏହା ୪୨.୪%କୁ ଖସିଛି । ସାଧାରଣରେ ବ୍ୟବହାର ହେଉଥିବା ଆମିକାସିନ୍ ଓ ମେରୋକେନମ୍ ମଧ୍ୟ ସଂକ୍ରମଣକୁ ମୁକାବିଲା କରିବାର କ୍ଷମତା ହରାଇଛି । ସାଲୋମୋନେଲା ଟାଇଫ ପରି ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ୍ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆ ବିରୋଧରେ ଫ୍ଲୋରୋକୁଇନନୋଲେନ୍ସ ୯୫%ରୁ ଅଧିକ ପ୍ରଭାବ ପକାଉଛି । ଏହି ଆଣ୍ଟିବାୟୋଟିକ୍ସ ସାଧାରଣତଃ ଗୁରୁତ୍ୱର ସଂକ୍ରମଣ ଚିକିତ୍ସା ପାଇଁ ବ୍ୟବହାର ହୋଇଥାଏ । ଏହାକୁ ଦୂର କରିବା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ରିପୋର୍ଟରେ ଦର୍ଶାଯାଇଛି । କୃଷି କ୍ଷେତ୍ରରେ ସାଂଘାତିକ (୯ ପୃଷ୍ଠାରେ)

## ରୋହିଣୀ ବ୍ରାଣ୍ଡରେ ବଜାରକୁ ଯାଉଥିଲା ଅପମିଶ୍ରିତ ଦୁଗ୍ଧଜାତ ଦ୍ରବ୍ୟ

କଟକ/ସାଲେପୁର, ୨୩।୯ (ସବ୍ୟୁ) : ଅପମିଶ୍ରଣରେ ସବୁଠୁ ଆଗରେ ରହିଛି ଜଗତପୁର ଶିଳ୍ପାଞ୍ଚଳ, ଏହି ବେଲ୍ଟ ଯେଭଳି ଭେଜାଲ କରିବା ପାଇଁ ଅସାଧୁ ବ୍ୟକ୍ତି ମାନଙ୍କ ପାଇଁ ପାଲଟିଛି ଭୂସ୍ୱର୍ଗ । କେତେବେଳେ ସିମେଣ୍ଟ ନକଲିତ ପୁଣି କେତେବେଳେ ମୃଦୁ ପାନୀୟ ଜଳର ଅପମିଶ୍ରିତ ଠାରୁ ଆରମ୍ଭ କରି ଚା ପତି ପର୍ଯ୍ୟନ୍ତ ଯାବତୀୟ ଜିନିଷ ଏଠାରେ ଅପମିଶ୍ରିତ ହୋଇ ବଜାରକୁ ଆସିଥିବା ଦେଖାଯାଇଛି । ଏଭଳି ଅପମିଶ୍ରଣକୁ ରୋକିବା ପାଇଁ ପ୍ରଶାସନ ଯେତେ ଚେଷ୍ଟା କଲେବି ଅପମିଶ୍ରଣକାରୀ ଅଧିକ ମୁନାଫା ଆଶାରେ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ନାମକୁ ମଧ୍ୟ ବ୍ୟବହାର କରି ଭେଜାଲ ଜିନିଷ ବଜାରକୁ ଛାଡୁଛନ୍ତି । ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି । ଜଗତପୁରର ଅପମିଶ୍ରଣ ତାଲିକା ଲମ୍ବା ଥିବା ବେଳେ ଏଥିରେ ଆଜି ଯୋଡ଼ି ହୋଇଯାଇଛି କ୍ଷୀର ଭେଜାଲ । ବିଶେଷ ସୁତ୍ରରୁ ଖବର ପାଇ ଜଗତପୁର ପୋଲିସ ଆଜି ବିନା ରେଜିଷ୍ଟ୍ରେସନ୍ ରେ ଚାଲିଥିବା ଏକ ଦୁଗ୍ଧ ପାକେଜିଂ ପ୍ଲାଣ୍ଟ ଉପରେ ଚଢାଉ କରିଥିଲା । ଜଗତପୁର ଥାନାର ଅନତିଦୂରରେ (୯ ପୃଷ୍ଠାରେ)

**କମ୍ପାନୀ ମାଲିକ ଥାନାରେ ଅଟକ**

# ଭାଇରାଲ ବ୍ୟାଗ୍



ଅନେକ ସମୟରେ ବିଶ୍ୱର ବିଭିନ୍ନ ଲଗ୍‌ଜୁରୀ ବ୍ରାଣ୍ଡ୍‌ମାନେ ଏଭଳି ସାମଗ୍ରୀ ଲଞ୍ଚ କରନ୍ତି ଯାହା ଭାଇରାଲ ହେବାରେ ଲାଗିଥାଏ । ସେହିଭଳି ଏକ ବ୍ୟାଗ୍ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ପ୍ରାଡାର ଏକ ବ୍ୟାଗ ବର୍ତ୍ତମାନ ଇଣ୍ଟରନେଟ୍‌ରୁ ସବୁଠାରୁ ଭାଇରାଲ ବ୍ୟାଗ ପାଲଟିଛି । ବ୍ୟାଗ୍‌ଟିର ଦାମ ରହିଛି ୩ଲକ୍ଷ । ତେବେ ବ୍ୟାଗ୍‌ଟିକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେହି କେହି ବ୍ୟାଗକୁ ପସନ୍ଦ କରୁଥିବାବେଳେ କେହି ଏହାର ଲୁକ୍ ଓ ଦାମକୁ ନେଇ ଟ୍ରୋଲ କରୁଛନ୍ତି । ଦାମ ସହ ଲୁକ୍ ମ୍ୟାଚ କରୁନଥିବା ବିଭିନ୍ନ ୟୁଜର୍ସମାନେ ମତ ଦେଇଛନ୍ତି । ଏହି ଲଗ୍‌ଜୁରୀ କମ୍ପାନୀ ନିଜର ଦାମୀ ସାମଗ୍ରୀ ପାଇଁ ବେଶ୍ ପରିଚିତ । ଅନେକ ସମୟରେ ଏହାର ସାମଗ୍ରୀ ଅନ୍‌ଲାଇନ୍ ଭାଇରାଲ ହୋଇଥାଏ ।

# ଭିଟାମିନ୍ ଡି'୩

ଆଜିକାଲି ଏଭଳି ଅନେକ ସମସ୍ୟା ଦେଖିବାକୁ ମିଳୁଛି, ଯାହା ଭିଟାମିନ୍ ଡି'ର ଅଭାବରେ ହେଉଛି । ଆମର ବୋନ୍ ଓ ଦାନ୍ତକୁ ଶକ୍ତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ । ଭିଟାମିନ୍ ଡି' ଶରୀରକୁ କ୍ୟାଲସିୟମ ଶୋଷଣ କରିବାରେ ସହାୟକ ହୋଇଥାଏ । ତେବେ ଭିଟାମି ଡି'ର ଅନେକ ପ୍ରକାର ଦେଖିବାକୁ ମିଳିଥାଏ । ଏଥିରୁ ଡି'୩ ସବୁଠାରୁ ଅଧିକ ଇଫେକ୍ଟିଭ୍, ଯାହା ଆମ ଭିଟାମିନ୍ ଡିର ମାତ୍ରା ଆମ ଶରୀରରେ ବଢାଇଥାଏ । ତେଣୁ ସବୁବେଳେ ନିଜ ଖାଦ୍ୟରେ ଭିଟାମିନ୍ ଡି'୩ ଥିବା ଖାଦ୍ୟ ସାମିଲ କରନ୍ତୁ । ଆସନ୍ତୁ ଜାଣିବା ସେହିଭଳି କିଛି ଖାଦ୍ୟ ଯେଉଁଥିରେ ଭିଟାମିନ୍ ଡି'୩ ଅଧିକ ରହିଥାଏ ।

**ଫ୍ୟାଟି ଫିସ୍–** କିଛି ମାଛ ଯେପରି ସାଲମୋନ୍, ମାକରେଲ୍ ଆଦି ମାଛର ଚର୍ମରେ ଭିଟାମିନ୍ ଡି୩ ଖୁବ ଅଧିକ ପରିମାଣରେ ରହିଥାଏ । ଏହାକୁ ଖାଇଲେ ଆମକୁ ଭରପୁର ପରିମାଣରେ ଭିଟାମିନ୍ ମିଳିଥାଏ । ଏହା ଆମର ରୋଗପ୍ରତିରୋଧକ ଶକ୍ତି ସହିତ, ହାର୍ଟ ହେଲ୍‌ଥ ଓ ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ ।

**ଛତୁ–** ଛତୁ ପାଟିକୁ ଯେପରି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟକୁ ମଧ୍ୟ ସେପରି ଉପକାରୀ । ଛତୁରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ । ତେଣୁ ଛତୁକୁ ନିଜ ମିଲ୍‌ରେ ସାମିଲ କରନ୍ତୁ ଏହା ଖୁବ ସ୍ୱାସ୍ଥ୍ୟକର ହୋଇଥାଏ ।

**ଅଣ୍ଡା କେଶର–** ନିଜ ଖାଦ୍ୟରେ ଅଣ୍ଡା କେଶର ସାମିଲ କରନ୍ତୁ, ଏଥିରେ ଡି'୩ ଭରପୂର ମାତ୍ରାରେ ରହିଥାଏ । ଏହା ଆମର ବୋନ୍ ହେଲ୍‌ଥକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥାଏ । ତେଣୁ ଡାକ୍ତରଙ୍କ ପରାମର୍ଶରେ ନିଜ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।



## ସୋସିଆଲ କୋଟ୍ସ



ଶାହରୁଖ ଓ ମୋ ଭିତରେ ବିଚାର ମିଶି ନଥିଲା । ଡନ୍ -୩ର କାହାଣୀକୁ ନେଇ ଆମ ମତ ଅଲଗା ଥିଲା । ଅନେକ ବର୍ଷ ଧରି ଏହା ଉପରେ ଆମ ଭିତରେ ଚର୍ଚ୍ଚା ହୋଇଥିଲା, ହେଲେ କିଛି ନିଷ୍କର୍ଷ ବାହାରି ନଥିଲା ।

ଫରାନ୍ ଅଖତର, ଅଭିନେତା



ବ୍ୟବସାୟ ଛାଡି ଅଭିନୟକୁ ଆସିଥିଲି, ଯେଉଁଥିପାଇଁ ଅନେକ ଷ୍ଟ୍ରଗଲ କରିବାକୁ ପଡିଛି । କାମ କରିବା ପାଇଁ ଅନେକଙ୍କୁ ଅନୁରୋଧ କରିଛି ।

ରାଜ ଅର୍ଜୁନ, ଅଭିନେତା



ବିବାହ ବିଚ୍ଛେଦ ନିଷ୍ପତ୍ତି ଏକତରଫା ନଥିଲା । ପତ୍ନୀଙ୍କ ଅଭିଯୋଗ ମିଛ ଥିଲା । ମୁଁ ସେଭଳି କିଛି କରି ନଥିଲି ।

ଜୟମ ରବି, ଅଭିନେତା

## ଇତିହାସ

୧୭୨୭ – ଇଷ୍ଟଇଣ୍ଡିଆ କମ୍ପାନୀକୁ ବମ୍ବେ, କୋଲକାତା ଏବଂ ମାଡ୍ରାସରେ ନଗର ନିଗମ କୋର୍ଟ ସ୍ଥାପିତ କରିବା ଲାଗି ଅଧିକାର ହସ୍ତଗତ ହେଲା ।
୧୮୫୯ – ସିପାହୀ ବିଦ୍ରୋହରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ନାନା ସାହେବ ଦ୍ୱିତୀୟ ବା ଧୋଣ୍ଡୁ ପନ୍ତଙ୍କ ଦେହାନ୍ତ ।
୧୮୬୧ – ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମ୍ୟାଡମ୍ ଭିଖାଜୀ ରୁସ୍ତମ କାମାଙ୍କ ଜନ୍ମ ।
୧୯୩୨ – ଡ . ବି. ଆର୍ ଆମ୍ବେଦକର ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ପୁଣେସ୍ଥିତ ଏକ ଜେଲ୍‌ରେ ଦଳିତମାନଙ୍କ ପାଇଁ ବିଧାନସଭାରେ ସିଟ୍ ସଂରକ୍ଷଣ କରିବା ପାଇଁ ଏକ ସ୍ୱତନ୍ତ୍ର ବୁଝାମଣା ।
୧୯୪୮ – ହୋଣ୍ଡା ମୋଟର କମ୍ପାନୀ ସ୍ଥାପିତ ।
୧୯୭୧ – ଗୋଇନ୍ଦାଗିରି ଅଭିଯୋଗରେ ଋଷ୍‌ର ୯୦ଜଣ କୂଟନୀତିଜ୍ଞଙ୍କୁ ବ୍ରିଟେନ୍‌ରୁ ବାହାର କରାଗଲା ।
୨୦୧୪ – ଭାରତ ପକ୍ଷରୁ ମଙ୍ଗଳକୁ ମହାକାଶ ଯାନ ପଠାଗଲା ।

# ରହିବା ସହିତ ବିକ୍ରି କରିହେବ ବହି




ସାଧାରଣତଃ ହୋଟେଲ୍‌କୁ ଲୋକମାନେ ରାତିରେ ରହିବା ପାଇଁ ଯାଇଥାଆନ୍ତି । ଯେଉଁଠି ସେମାନେ ରାତିରେ ବିଶ୍ରାମ ନିଅନ୍ତି । ହେଲେ ସ୍କଟଲାଣ୍ଡରେ ଏଭଳି ଏକ ହୋଟେଲ୍ ରହିଛି, ଯେଉଁଠି ଆପଣ ରାତିରେ ହୋଟେଲ୍‌ରେ ଶୋଇବେ ଏବଂ ସକାଳେ ଦୋକାନରେ ସାମଗ୍ରୀ ବିକିବେ । ଏହି ହୋଟେଲ ସହିକ ଏକ ଦୋକାନ ରହିଛି ଯେଉଁଠାରେ ଏପରି ବ୍ୟବସ୍ଥା କରାଯାଇଛି । ସ୍କଟ୍‌ଲାଣ୍ଡର ବିଗ୍‌ଟାଉନ୍ ନାମକ ସହର ଯାହାର ଅନ୍ୟନାମ ନ୍ୟସନାଲ ବୁକ୍ ଟାଉନ୍ ମଧ୍ୟ ସେଠାରେ ଏହି ବ୍ୟବସ୍ଥା କରାଯାଇଛି । ଏଠାରେ ଥିବା ବୁକ୍ ଷ୍ଟୋରକୁ ଯାତ୍ରୀମାନେ ନିଜ ହିସାବରେ ସଜାଡି ପାରିବେ । ଏଥିରେ ଥିବା ବହି ଗୁଡିକର ଦାମ ମଧ୍ୟ ସେମାନେ ନିର୍ଦ୍ଧାରଣ କରିପାରିବେ । ତେବେ ଏହି ବହିଗୁଡିକ ବିକି ମିଳୁଥିବା ପଇସାର କଣ ହୁଏ ସେ ନେଇ କୌଣସି ତଥ୍ୟ ନାହିଁ । ଏହା ବର୍ତ୍ତମାନ ବହିକୁ ଭଲ ପାଉଥିବା ମଣିଷଙ୍କ ଭିତରେ ଖୁବ ଭାଇରାଲ ହେବାରେ ଲାଗିଛି ।

# ଆନିମଲ୍ ପ୍ରିଣ୍ଟର କ୍ରେଜ୍

ଫ୍ୟାଶନରେ ଅନେକ ପ୍ରିଣ୍ଟ ରହିଥାଏ ତେବେ ସେଥିମଧ୍ୟରୁ ଆନିମଲ୍ ପ୍ରିଣ୍ଟର କ୍ରେଜ ଅଧିକା । ସମସ୍ତେ ଏହି ପ୍ରିଣ୍ଟର ଡ୍ରେସ୍ ପିନ୍ଧିବା ସହିତ ନିଜ ଫ୍ୟାଶନରେ ଏହାକୁ ସାମିଲ କରିବାରେ ଲାଗିଛନ୍ତି । ତେବେ ଏହା ପଛରେ ମଧ୍ୟ ରହିଛି ଇତିହାସ । କିଭଳି ଫ୍ୟାଶନକୁ ଆସିଲା ଆନିମଲ ପ୍ରିଣ୍ଟ । ଆସନ୍ତୁ ପଢିବା ସେ ବିଷୟରେ କିଛି ତଥ୍ୟ । ଫ୍ୟାଶନ୍‌ରେ ଆନିମଲ୍ ପ୍ରିଣ୍ଟର ଗୁରୁତ୍ୱ ବଢ଼ିବା ପଛରେ ରହିଛି ଅନେକ କାରଣ । ଏହା ଆଜିକାଲିର ଫ୍ୟାଶନ ନୁହେଁ, ଏହି ପ୍ରିଣ୍ଟ ଅନେକ ଦିନରୁ ଫ୍ୟାଶନ୍‌ରେ ରହିଆସିଛି । ଆନିମଲ୍ ପ୍ରିଣ୍ଟ ଥିବା ପୋଷାକ ସୁନ୍ଦର ହେବା ସହ ବେଶ୍ ମହଙ୍ଗା ହୋଇଥାଏ । ତେଣୁ ଏହାକୁ ଲୋକମାନେ ଧନୀକ ଶ୍ରେଣୀର ଏକ ସଙ୍କେତ ଭାବେ ବ୍ୟବହାର କରନ୍ତି । ଇତିହାସରେ ମଧ୍ୟ ଏହାର ବ୍ୟବହାର ରହିଥିଲା । ବିଭିନ୍ନ ରାଜା ଓ ରାଜକର୍ମଚାରୀ ଏହି ପ୍ରିଣ୍ଟ ବ୍ୟବହାର କରିବାର ଅନେକ ଉଦାହରଣ ରହିଛି । ତେବେ ୧୯୬୦ ମସିହାରେ ଏହା ଆମେରିକୀୟ ମହିଳାଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ସେଠାରେ ଆନିମଲ୍ ପ୍ରିଣ୍ଟର ବ୍ୟବହାର ବହୁଳ ମାତ୍ରାରେ ବଢ଼ିଚାଲିଲା । ଏହାପରେ ଧୀରେ ଧୀରେ ଏହି ପ୍ରିଣ୍ଟ ଫ୍ୟାଶନ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଲା । ୧୯ଶହ ଶତାବ୍ଦୀରେ ଏହାର ପ୍ରଭାବ ସିନେମା ଉପରେ ମଧ୍ୟ ରହିଥିଲା । ୧୯୬୫ରେ ବିଭିନ୍ନ ହଲିଉଡ୍ ସିନେମାର କଳାକାର ଏହି ପ୍ରିଣ୍ଟ ପିନ୍ଧୁଥିବା ନଜର ଆସିଥିଲା । ସେହିପରି ୧୯୭୦ ଓ ୧୯୮୦ରେ ଏହା ଡ୍ରେସ୍, ଲେଗିନ୍‌ସ ସହିତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ପାଇଁ ବ୍ୟବହାର ହେବାକୁ ଲାଗିଲା । ଏହା ସହ ଲୋକମାନେ ମଧ୍ୟ ଏହାକୁ ପସନ୍ଦ କରିବାକୁ ଲାଗିଲେ । ଏହା ବିଭିନ୍ନ ପରିଚିତ ଫ୍ୟାଶନ ଡିଜାଇନ୍, ମଡ଼େଲ୍ ଓ କଳାକାରଙ୍କର ପ୍ରଥମ ପସନ୍ଦ ହେବାକୁ ଲାଗିଲା । ତେବେ ଏହା ପୁଣି ଆଜିକାଲି ଫ୍ୟାଶନ ବଜାରରେ ଟ୍ରେଣ୍ଡ୍ ହେବା ଆରମ୍ଭ କରିଛି । ପୁଣି ମହିଳାମାନଙ୍କର ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି ଆନିମଲ୍ ପ୍ରିଣ୍ଟ୍ ।







# କଞ୍ଚା ହଳଦୀ ଆଚାର

**ପ୍ରଣାଳୀ–** ଏକ ଗିନା କଞ୍ଚା ହଳଦୀ, ଗୋଟିଏ ଚାମଚ ଆଚାର ମସଲା, ୨ ଚାମଚ ସୋରିଷ ତେଲ ।

**ବିଧି–** ପ୍ରଥମେ କଞ୍ଚା ହଳଦୀକୁ ଭଲକରି ଧୋଇ ଚୋପା ଛଡାଇ ଶୁଖାଇ ଦିଅନ୍ତୁ । ଏହାପରେ ଏହାକୁ ମିଡିଅମ୍ ସାଇଜ୍‌ରେ କାଟନ୍ତୁ । ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ଏହାପରେ ଏଥିରେ ଆଚାର ପାଇଁ ବ୍ୟବହାର କରାଯାଉଥିବା ମସଲା ପକାଇ ଭାଜନ୍ତୁ । ମସଲା ଭାଜି ହେବା ପରେ ଏଥିରେ ହଳଦୀ ଖଣ୍ଡ ପକାଇ ଭଲକରି ମିକ୍ସ କରିନିଅନ୍ତୁ । ଏହାପରେ ୨ ମିନିଟ୍ ପରେ ଆଞ୍ଚ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା କଞ୍ଚା ହଳଦୀର ଆଚାର । ଆଚାର ଥଣ୍ଡା ହେବାପରେ ଗୋଟିଏ ଜାରରେ ଏହାକୁ ସାଇତି ରଖନ୍ତୁ । ଏହା ସୁସ୍ୱାଦୁ ହେବା ସହ ଦେହ ପାଇଁ ଉପକାରୀ ।

# ପୁଣି ଏକାଠି





୨୦୧୮ରେ ଜାହ୍ନବୀ କପୁର ଓ ଇଶାନ ଠକ୍କର ଫିଲ୍ମ ଧଡକ ଜରିଆରେ ବିଟାଉନ୍ ଡେବ୍ୟୁ କରିଥିଲେ । ଉଭୟଙ୍କର ଏହା ଥିଲା ଡେବ୍ୟୁ ଫିଲ୍ମ, ଯାହାକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିଲେ । ଅନେକ ସମୟରେ ଏହି ଯୋଡିଙ୍କୁ ପରଦାରେ ପୁଣି ଦେଖିବାକୁ ଫ୍ୟାନମାନେ ଡିମାଣ୍ଡ୍ କରନ୍ତି । ନିକଟରେ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କୁ ପୁଣି ଏକାଠି ଦେଖିବାକୁ ମିଳିବ । ନୀରଜ ଘୟାନ୍‌ଙ୍କ ଆଗାମୀ ପ୍ରୋଜେକ୍ଟରେ ଉଭୟଙ୍କୁ ଦେଖିବାକୁ ମିଳିବ । ଏହି ପ୍ରୋଜେକ୍ଟରେ ଦୁଇଜଣ ଲିଡ୍ ହିରୋଙ୍କୁ ଦେଖିବାକୁ ମିଳିବ । କାହାଣୀଟି ଫ୍ରେଣ୍ଡସିପ୍‌କୁ ନେଇ ଗତିଶୀଳହେବ, ଯାହା ଦର୍ଶକଙ୍କୁ ଏକ ଭିନ୍ନ ଟେଷ୍ଟ ଦେବ ବୋଲି ମେକର୍ସ ଆଶା ରଖିଛନ୍ତି । ବର୍ତ୍ତମାନ ଜାହ୍ନବୀ ବରୁଣଙ୍କ ସହିତ ଏକ ଫିଲ୍ମର ସୁଟିଂ ଜାରି ରଖିଛନ୍ତି । ଅନ୍ୟପଟେ ଇଶାନ୍ ମଧ୍ୟ ପୁଣି ଜାହ୍ନବୀଙ୍କ ସହିତ ସ୍କ୍ରିନ୍ ସେୟାର କରିବାକୁ ଯାଉଥିବାରୁ ଖୁବ ଉତ୍ସୁକ ଥିବା ଜଣା ପଡିଛି । ସେହିଭଳି ପ୍ରୋଜେକ୍ଟ ନେଇ ଜଣା ପଡିବା ପରେ ଉଭୟଙ୍କ ଫ୍ୟାନ ଖୁବ ଖୁସି ଅଛନ୍ତି । ସେମାନେ ଉତ୍ସାହର ସହିତ ଏହି ଫିଲ୍ମକୁ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ କମେଣ୍ଟ ମାଧ୍ୟମରେ ମତ ଦେଇଛନ୍ତି ।

## ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ଶୁଣିଲେ ଲୋକଙ୍କ ସମସ୍ୟା

# ସମସ୍ୟା ସମାଧାନର ଭରସା ପାଇ ଖୁସିରେ ଫେରିଲେ ଲୋକେ

ଭୁବନେଶ୍ୱର,(ସବ୍ୟୁ): ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିବାର ଧାରା ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ଏକ ହଜାର ଅଭିଯୋଗକାରୀଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ । ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମ ଥର ପାଇଁ ପାଇଁ ସମ୍ପୂର୍ଣ୍ଣ ଅନ୍ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି ।

‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ଲୋକଙ୍କୁ ପାଖରେ ବସାଇ ସେମାନଙ୍କ ଦୁଃଖ ଶୁଣୁଛନ୍ତିଛ ସମାଧାନର ବ୍ୟବସ୍ଥା କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଆଶ୍ୱାସନା ଭରା କଥାରେ ଖୁସିରେ ଆତ୍ମହରା ହୋଇ ଉଠୁଛନ୍ତି ସମସ୍ତେ । ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥି ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ୍ୟ ତତ୍ପରତାର ସହ ଲୋକଙ୍କ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଥାନ୍ତି । ଏ ଥିଲା ଆଜିର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦୃଶ୍ୟ ।

ଜୁଲାଇ ୧ ତରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ଚତୁର୍ଥ ଦିନରେ ପହଞ୍ଚିଲା । ମୁଖ୍ୟମନ୍ତ୍ରୀଙ୍କ ସହିତ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣୁଥିଲେ ।



ମୁଖ୍ୟମନ୍ତ୍ରୀ ସୋମବାର ସକାଳ ୧୧ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ଣ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ । ସମୁଦାୟ ୧୦୦୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଭଦ୍ରକ ଜିଲ୍ଲାର ୨୨ ବର୍ଷର ଭିନ୍ନକ୍ଷମ ଯୁବକ ନିରାକାର ନାୟକ । ସାଙ୍ଗରେ ଥିଲେ ତାଙ୍କ ବାପା ଓ ମା’ । ଜାପାନୀ ଜ୍ୱରରେ ପୀଡିତ ହୋଇ ଯୁବକ ଜଣକ ଭିନ୍ନକ୍ଷମ ହୋଇଯାଇଛନ୍ତି । ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହେଲେଣିଛ ଚିକିତ୍ସା ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଚିକିତ୍ସା ବାବଦରେ ଆଶ୍ୱାସନା ଭରା ପ୍ରତିଶ୍ରୁତି ଶୁଣି ସେମାନେ ଖୁସି ମନରେ ଫେରିଲେ । ଆଉ ଜଣେ କୋରାପୁଟ ଜିଲ୍ଲାର ଅଭିଯୋଗକାରୀ ରମେଶ ଧଳ, ଗାଁରେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟ ନେଇ ସପତ୍ନୀକ ଆସିଥିଲେ । ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ଜିଲ୍ଲା ଏସ୍.ପିଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଭଳି ପ୍ରତ୍ୟେକଙ୍କ କିଛି ନା କିଛି ଅଭିଯୋଗ ଥିଲା । ଆଉ ସମସ୍ତେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପାଖରେ ପାଇ ସିଧାସଳଖ ଅଭିଯୋଗ ଦେଇ ଆତ୍ମସନ୍ତୋଷର ସହ ଫେରିଥିଲେ ।

**ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ**

ସୁଦୂର କେନ୍ଦ୍ରାପଡା ଜିଲ୍ଲା ରାଜକନିକାରୁ ୧୭ଜଣ ଚାଷୀ ତାଙ୍କ ଅଞ୍ଚଳର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଆର୍ଥିକ ହେରଫେର ବିଷୟରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ଆସିଥିଲେ । ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କ ପାଖକୁ ଆସି ସେମାନଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କଲେ ଏବଂ ସେମାନଙ୍କ ଆଶ୍ୱାସନା ଦେଇଥିଲେ ଯେ ଏ ସରକାର ହେଉଛି ଚାଷୀଙ୍କ ସରକାର । ଚାଷୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁଛ ଯଥାଶୀଘ୍ର ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ମିଳିବା ସହିତ ଆପଣମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀଙ୍କର ଏହି ଆଶ୍ୱାସନା ଭରା କଥା ଶୁଣି ଖୁସି ମନରେ ସମସ୍ତେ ‘ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ’ ଧ୍ୱନୀ ଦେଇ ଫେରିଥିଲେ ।

### କାର୍ଯ୍ୟକାରୀ ହେଲା ସମ୍ପୂର୍ଣ୍ଣ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା

### ଭିନ୍ନକ୍ଷମ, ରୋଗୀ ଓ ବରିଷ୍ଠ ନାଗରିକମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ

### ରାଜକନିକାରୁ ଆସିଥିବା ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

## ଏସସି, ଏସଟି ଅପରାଧ – ଦଣ୍ଡବିଧାନ ନଗଣ୍ୟ

ଭୁବନେଶ୍ୱର,(ତଥ୍ୟ): ଓଡିଶାରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ବର୍ଷକୁ ବର୍ଷ ଉଦବେଗଜନକ ହାରରେ ବଢି ଚାଲୁଥିବାବେଳେ ଏହି ମାମଲାଗୁଡିକର ଫଏସଲା ଓ ଦଣ୍ଡବିଧାନ ଅତ’ ନଗଣ । ଏହି ତଥ ଖୋଦ କେନ୍ଦ୍ର ସରକାରଙ୍କ ଏନସିଆରବି ରିପୋର୍ଟର ସର୍ବଶେଷ ତଥରୁ ଜଣାପଡିଛି ।

୨୦୧୭ ଡିସେମ୍ବରରେ ପ୍ରକାଶ ପାଇଥିବା ଏହି ରିପୋର୍ଟର ତଥ ମୁତାବକ ଓଡିଶାରେ ଅନୁସୂଚିତ ଜାତିଙ୍କ ପ୍ରତି ଘଟିଥିବା ଅତାଚାର ସଂକ୍ରା’ୟ ୭୯୭୪ଟି ଅପରାଧିକ ମାମଲା ବିଚାରାଧିନ ଥିବାବେଳେ ଏହି ବର୍ଷରେ ମାତ୍ର ୩୪ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୯୮୩ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛି । ଅର୍ଥାତ ଉକ୍ତ ବର୍ଷରେ ଏଭଳି ମାମଲାରେ ଦଣ୍ଡବିଧାନ ହାର ମାତ୍ର ୩.୩ ପ୍ରତିଶତ ଥିଲା । ତେବେ ୨୦୨୩ ଡିସେମ୍ବରରେ ପ୍ରକାଶିତ ରିପୋର୍ଟର ତଥ ମୁତାବକ ୨୦୨୨ ସୁଦ୍ଧା ୧୯,୩୦୦ ଏଭଳି କିସମର ମାମଲା ରାଜରେ ବିଚାରାଧିନ ଥିବାବେଳେ ଉକ୍ତବର୍ଷରେ ମାତ୍ର ୪୦ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୨୦୮ଟିରେ ଅଭିଯୁକ୍ତ ଖସିଯାଇଛନ୍ତି ।

ସେହିଭଳି ଅନୁସୂଚିତ ଜନଜାତିଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା ସଂଖ୍ୟା ୨୦୧୬ ବେଳକୁ ୩୨୪୨ ଥିବାବେଳେ ଉକ୍ତ ବର୍ଷରେ ମାତ୍ର ୧୮ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୨୯୯ଟିରେ ଅଭିଯୁକ୍ତ ଖସିଯାଇଥିଲେ ଏବଂ ଉକ୍ତବର୍ଷରେ ଦଣ୍ଡବିଧାନ ହାର ମାତ୍ର ୫.୭ ପ୍ରତିଶତ ଥିଲା । ଅନ ପକ୍ଷରେ ୨୦୨୨ ସୁଦ୍ଧା ଏସଟିଙ୍କ ପ୍ରତି ଅତାଚାର ମାମଲା ସଂଖ୍ୟା ରାଜରେ ବଢି ବଢି ୬୬୫୯ରେ ପହଞ୍ଚି ଥିବାବେଳେ ଉକ୍ତ ବର୍ଷରେ ମାତ୍ର ୯ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୩୭ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିଲେ ।

ଏହି ରିପୋର୍ଟର ତଥ ମୁତାବକ ୨୦୧୬ ବେଳକୁ ଓଡିଶାରେ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା ସଂଖ୍ୟା ୮୨,୩୬୪ ଥିବାବେଳେ ୨୦୨୨ରେ ତାହା ୧,୭୬,୯୬୫ରେ ପହଞ୍ଚିଥିଲା । ସେହିଭଳି ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା ସଂଖ୍ୟା ୨୦୧୬ ବେଳକୁ ୬୫୫୨ ଥିବାବେଳେ ତାହା ବଢି ବଢି ୨୦୨୨ ବେଳକୁ ୨୨,୪୨୪ରେ ପହଞ୍ଚିଛି ।

ଉଦବେଗଜନକ ତଥ ହେଉଛି ଯେ ୨୦୨୨ ବର୍ଷରେ ଫଏସଲା ହୋଇଥିବା ମହିଳାଙ୍କ ପ୍ରତି ଅପରାଧିକ ମାମଲାରୁ ମାତ୍ର ୬୭୧ଟିରେ ଦଣ୍ଡବିଧାନ ହୋଇଥିଲା ଯାହା ମୋଟେ ୯.୨ ପ୍ରତିଶତ । ଏଭଳି ମାମଲାରୁ କେବଳ ୪.୨ ପ୍ରତିଶତ ଉକ୍ତ ବର୍ଷରେ ଫଏସଲା ହୋଇଥିଲା । ସେହିଭଳି ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା କ୍ଷେତ୍ରରେ ୨୦୨୨ ବର୍ଷରେ ମାତ୍ର ୧୨୫ଟିରେ ଦଣ୍ଡବିଧାନ ହୋଇଥିଲା । ଏହି ବର୍ଷରେ ଏଭଳି କିସମର ମୋଟ ମାମଲାର ମାତ୍ର ୪.୪ ପ୍ରତିଶତ ଫଏସଲା ହୋଇଥିବାବେଳେ ଦଣ୍ଡବିଧାନ ହାର ଥିଲା ୧୨.୬ ପ୍ରତିଶତ । କେବଳ ଓଡିଶାରେ କାହିଁକି ଦେଶର ବିଭନ୍ନ ରାଜରେ ମହିଳା, ଶିଶୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପ୍ରତି ଅପରାଧ ସଂଖ୍ୟା ବଢିବାରେ ଲାଗିଛି । ରାଜନୈତିକ ଓ ପ୍ରଶାସନିକ ବବସ୍ଥା ଏହାକୁ ନିୟନ୍ତ୍ରଣ କରିବାରେ ବର୍ଥ ହେବାର ଅନତମ କାରଣ ନୈତିକ, ସାମାଜିକ ଓ ସାଂସ୍କୃତିକ ବବସ୍ଥାର ଅବକ୍ଷୟ । ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ଏଭଳି ଅପରାଧିକ ମାମଲା ସଂକ୍ରା’ରେ ଖବର ପ୍ରକାଶ ପାଉଛି ଏବଂ ତତଲା ତାୱାରେ ରୁଟି ସେକିବା ଭଳି ରାଜନୈତିକ ଦଳମାନେ ଏହି ପ୍ରସଙ୍ଗକୁ କିଛିଦିନ ଉଠାଇ ତା ପରେ ନିରବ ରହିଯାଉଛନ୍ତି ।

## ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଷଙ୍କୁ ନ୍ୟାୟ ପାଇଁ ବିଜେପି

# ସରକାର କୌଣସି ସାଲିସ୍ କରିବ ନାହିଁ: ମନମୋହନ



### ଭରତପୁର ଥାନା ଘଟଣା

ଭୁବନେଶ୍ୱର,(ସବ୍ୟୁ): ଭରତପୁର ଥାନା ଘଟଣାରେ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାର ଅତ୍ୟନ୍ତ ଯନ୍ତ୍ରା ଏବଂ ସଂଯମତାର ସହ ଉଚିତ୍ ପଦକ୍ଷେପ ଗ୍ରହଣ କରି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ସ୍ୱାଗତ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ପ୍ରଥମେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇ ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା ସହିତ ଯଥା ଶୀଘ୍ର ତଦନ୍ତ ରିପୋର୍ଟ ପ୍ରକାଶ ପାଇବ । ମହିଳାଙ୍କ ସୁରକ୍ଷା ଏବଂ ମହିଳା ସଶକ୍ତୀକରଣ ହେଉଛି ଆମର ମୂଳ ଲକ୍ଷ୍ୟ । ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆମ ସରକାର ପ୍ରତିଶୃତିବଦ୍ଧ । ମହିଳା ଅପରାଧ କ୍ଷେତ୍ରରେ ସର୍ବଦା ‘ଶୂନ୍ୟ ସହନଶୀଳତା ନୀତି’ ଅବଲମ୍ବନ କରାଯିବ । ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଷଙ୍କୁ ନ୍ୟାୟ ପାଇଁ ବିଜେପି ସରକାର କୌଣସି ସାଲିସ୍ କରିବ ନାହିଁ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଅଯଥାରେ ଭରତପୁର ଘଟଣାକୁ ରାଜନୀତିକରଣ କରାଯାଉଛି । ମାତ୍ର ୧୦୦ ଦିନ ବିଜେପି ସରକାରର ଜନକଲ୍ୟାଣକାରୀ କାର୍ଯ୍ୟରେ ବିଜେଡି, କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳଗୁଡିକ ଭୟଭୀତ ହୋଇ ପଡିଛନ୍ତି । ମହିଳା ସୁରକ୍ଷାକୁ ପ୍ରାଥମିକତା ଦେଇ ଆମ ସରକାର କାର୍ଯ୍ୟ କରୁଛି । ମହିଳା ବିରୋଧୀ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ କି ଏଭଳି ହୀନ ଘଟଣାରେ ସଂପୃକ୍ତ ଜଣକୁ ହେଲେ ଛଡାଯିବ ନାହିଁ ବୋଲି ଶ୍ରୀ ସାମଲ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

### ଭରତପୁର ଥାନାଘଟଣା

## ବିଜେଡିର ଆଜି ହେବାକୁଥିବା ଭୁବନେଶ୍ୱର ହରତାଳ ପ୍ରତ୍ୟାହାର

ଭୁବନେଶ୍ୱର,(ସବ୍ୟୁ): ଭରତପୁରଠାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ଅକଥନୀୟ ଓ ଅମାନବୀୟ ଅତ୍ୟାଚାର ଘଟଣାରେ ବିଜେଡି ତରଫରୁ ୨୪ ତାରିଖରେ ଦିଆଯାଇଥିବା ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତୃ ମଣ୍ଡଳୀ ପ୍ରକାଶ କରିଛନ୍ତି । ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରକହିଥିଲେ, ଏହିଘଟଣାରେବିଜୁଜନତା ଦଳରସଭାପତି ନବୀନ ପଟ୍ଟନାୟକ ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ । ଏହି ଲଜ୍ଜାଜନକ ଘଟଣାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ହରତାଳର ଡାକରା ଦେଇଥିଲା । ଯେହେତୁ ସରକାର ରବିବାର ବିଳମ୍ବିତ ରାତିରେ ଏହି ଘଟଣା ରବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି ତେଣୁ ଭୁବନେଶ୍ୱର ହରତାଳ ଡାକରାକୁ ଆମେ ସାମୟିକ ଭାବେ ପ୍ରତ୍ୟାହାର କରୁଛୁ । ବିଜୁଜନତା ଦଳ ଗୋଟିଏ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଏବଂ ନିହାତି ଆବଶ୍ୟକ ନହେଲେ ଆମେ ହରତାଳକରି ଜନ ସାଧାରଣଙ୍କୁ ହଇରାଣ କରିବାକୁ ଉଚିତ ମନେ କରୁନାହୁଁ ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅରୁଣ ସାହୁ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଉପସ୍ଥିତ ରହି ନିଜର ମତ ରଖିଥିଲେ ।

### ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଆଲୋଚନା

# ସମାଜର ଉନ୍ନତି କ୍ଷେତ୍ରରେ ଜନପ୍ରତିନିଧି ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ: ବାଚସ୍ପତି

ଭୁବନେଶ୍ୱର,(ସବ୍ୟୁ): ନିର୍ବାଚିତ ଜନ ପ୍ରତିନିଧି ମାନଙ୍କର ସମାଜର ଉନ୍ନତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଚଳିତ ଦଶନ୍ଧିରେ ସ୍ଥାୟୀ ବିକାଶ ରୂପେ ପରିବେଶ ସମ୍ବେଦନଶୀଳତା କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ୨୦୩୦ ମସିହା ସୁଦ୍ଧା ଜାତିସଂଘ ଦେଇଥିବା ଧାର୍ଯ୍ୟ ଲକ୍ଷ ଅନୁଶାରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରୁଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଠାରେ ଅନୁଷ୍ଠିତ ଦଶମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ, ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଆଲୋଚନା ଆରମ୍ଭ କରି ନିଜର ବକ୍ତବ୍ୟ ଉପସ୍ଥାପନ ଅବସରରେ ଏହା ପ୍ରକାଶ କରିଛନ୍ତି । ବିଧାନପାଳିକା ସମାଜର ସାମଗ୍ରୀକ ଉନ୍ନତି ପାଇଁ ବହୁତ ଗୁଡିଏ ଜନହିତକର ଯୋଜନା ପାରିତ କରିଛନ୍ତି । ଏଥିମଧ୍ୟରେ ପରିବେଶ ସୁରକ୍ଷା ଆଇନ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା କ୍ଷେତ୍ରରେ ନୀତି ପ୍ରଣୟନ, ଶକ୍ତି ସଂରକ୍ଷଣ ଆଇନ, ସୂଚନା ଅଧିକା ଅଧିନିୟମ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଆଇନ, ପ୍ରଧାନମନ୍ତ୍ରୀ ଆବାସ ମିଶନ, ସ୍ମାର୍ଟ ସିଟି ମିଶନ ଓ ଆତ୍ମନିର୍ଭର ଭାରତ ଅଭିଯାନ ଇତ୍ୟାଦି ଅନ୍ତର୍ଭୁକ୍ତ । ଦୀର୍ଘ ସ୍ଥାୟୀ ଓ ସାମଗ୍ରୀକ ବିକାଶ କ୍ଷେତ୍ରରେ ଗୁରୁ ଦାୟିତ୍ୱ ରହିଛି । ବିଶ୍ୱଶାନ୍ତି ଓ ନିରାପତ୍ତା ଆମର ପ୍ରାଥମିକ ଲକ୍ଷ ଅଟେ । ଧନୀ ଓ ଗରିବ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରି ପରିବେଶ ସୁରକ୍ଷା ଓ ସନ୍ତୁଳନ ଦିଗରେ ଆମକୁ କାର୍ଯ୍ୟ କରିବାକୁ ପଡିବ । ଡିଜିଟାଲ୍ ଟ୍ରାନ୍ସଫର ମିଶନ ମାଧ୍ୟମରେ ଆମକୁ ଉନ୍ନତି ପଥରେ ଆଗୋଇବାକୁ ପଡିବ । କ୍ଷୁଧା ମୁକ୍ତ ବିଶ୍ୱ ପ୍ରତିଷ୍ଠା ଦିଗରେ ଭାରତ ଆଗାମୀ ଦିନର ନେତୃତ୍ୱ ନେଇପାରିବ ବୋଲିଶ୍ରୀମତୀ ପାଢୀ ପ୍ରକାଶ କରିଛନ୍ତି । ଏହି ଅବସରରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ରାଜ୍ୟ ସଭାର ଉପାଧକ୍ଷ ହରିବଂଶ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାନସଭାର ସଚିବଶ୍ରୀଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଛନ୍ତି ।

# ମନ୍ଦିର ଖାଦ୍ୟ – ଯାଞ୍ଚ ହେଉନି

ଭୁବନେଶ୍ୱର,(ତଥ୍ୟ): ରାଜ୍ୟର ସହରାଞ୍ଚଳରେ ଥିବା ମନ୍ଦିରଗୁଡିକ ଏବେ ଲୋକଙ୍କ ପାଇଁ ହୋଟେଲର ବିକଳ୍ପ ସାଜିଥିବାବେଳେ ଏମାନେ ପ୍ରସ୍ତୁତ କରୁଥିବା ଖାଦର ନିୟମିତ ଯାଞ୍ଚ ହେଉନାହିଁ । ଫଳରେ ଅଧିକାଂଶ ମନ୍ଦିର କର୍ତ୍ତୃପକ୍ଷ ନିମ୍ନମାନର ଖାଦ ପ୍ରସ୍ତୁତି କରି ବେଶ ମୁନାଫା ଉଠାଇବାରେ ଲାଗିଛନ୍ତି ।

ରାଜଧାନୀରେ ଏବେ ଶତାଧିକ ମନ୍ଦିରରେ ଦୈନିକ ଖାଦ୍ୟ ପ୍ରସ୍ତୁତ ହେଉଛି । ପ୍ରସାଦ ନାମରେ ଏହି ଖାଦ୍ୟକୁ ଲୋକେ କିଣି ନେଉଛନ୍ତି । ମନ୍ଦିରରେ ମଧ୍ୟ ବସି ଖାଇବାର ବ୍ୟବସ୍ଥା ହୋଇଛି । ମନ୍ଦିରର ସାତ୍ତ୍ୱିକ ଖାଦ୍ୟ ପ୍ରତି ଲୋକଙ୍କର ଗଭୀର ଆସ୍ଥା ରହିଥିବାବେଳେ ଅଧିକାଂଶ ମନ୍ଦିର କିନ୍ତୁ ବ୍ୟବସାୟ ମୁହାଁ ହୋଇଛନ୍ତି । ଏମାନେ ପ୍ରସ୍ତୁତ କରୁଥିବା ଖାଦର ମାନ ଯାଞ୍ଚ ହେଉନଥିବାରୁ କେତେକ ମନ୍ଦିରରେ ଅତ’ ନିମ୍ନମାନର ଖାଦ ପ୍ରସ୍ତୁତ ଓ ବିକ୍ରି ହେଉଛି ।

ରାଜଧାନୀରେ ଶହେରୁ ଅଧିକ ମନ୍ଦିରରେ ଦୈନିକ ଖାଦ୍ୟ ପ୍ରସ୍ତୁତ ଚାଲିଛି । ମନ୍ଦିର ବାହାରେ ଏଥିପାଇଁ ବୋର୍ଡ ଲାଗିଛି । ଏଠାରେ ପ୍ରସାଦ ମିଳେ ଓ ଲୋକଙ୍କୁ ପାର୍ସଲ ଦିଆଯାଏ ବୋଲି ମନ୍ଦିର କର୍ତ୍ତୃପକ୍ଷ ବିଜ୍ଞାପନ କରୁଛନ୍ତି । ହେଲେ ଏହିସବୁ ମନ୍ଦିରରେ କେଉଁ ମାନର ଖାଦ ପ୍ରସ୍ତୁତ ହେଉଛି ସେଥିପାଇଁ ଖାଦ୍ୟ ନିରୀକ୍ଷକମାନେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ । ଫଳରେ ଶାକାହାରୀ ଖାଦ୍ୟ ନାମରେ କେତେକ ମନ୍ଦିର ଅତନ୍ତ ନିମ୍ନମାନର ଡାଲି, ପନିପରିବା, ମସଲା, ତେଲ, ଘିଅ ଆଦି ବବହାର କରୁଛନ୍ତି । ଯେହେତୁ ଲୋକେ ଠାକୁରଙ୍କ ମନ୍ଦିରରୁ ଖାଦ ଖରିଦ କରୁଛନ୍ତି ତେଣୁ ମାନ ନେଇ ପ୍ରଶ୍ନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ।

ସହରର କେତେକ ମନ୍ଦିରରେ ଏବେ ମାଟିକୁଡୁଆରେ ଖାଦ୍ୟ ଦିଆଯାଉଥିବାବେଳେ ଅଧିକାଂଶ ମନ୍ଦିରରେ ପଲିଥିନରେ ଖାଦ୍ୟ ପାର୍ସଲ ଦିଆଯାଉଛି । ପୌର ଅଧିକାରୀମାନେ ପଲିଥିନ ଜବତ ପାଇଁ ବିଭିନ୍ନ ସ୍ଥାନରେ ଚଢଉ କରୁଥିବାବେଳେ ଥରୁଟିଏ କୌଣସି ମନ୍ଦିରରେ ଚଢଉ କରିଥିବାର ନଜିର ନାହିଁ । ଗରମ ରନ୍ଧାଖାଦ୍ୟ ନିମ୍ନମାନର ପଲିଥିନରେ ନେବା ଓ ତାହାକୁ ସେବନ କରିବା ସ୍ୱାସ୍ଥପାଇଁ ଅତନ୍ତ କ୍ଷତିକାରକ ହୋଇଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ଅଧିକାଂଶ ମନ୍ଦିରରେ ଖାଦ୍ୟରେ ଘିଅ ବ୍ୟବହାର ହେଉଥିବା କୁହାଯାଉଛି । କେତେକ ମନ୍ଦିରରେ ସୂର୍ଯ୍ୟମୁଖୀ ଓ ଅନାନ୍ୟ ତେଲ ବି ବବହାର ହେଉଛି । ତେବେ ବଜାରରେ ଏବେ ଅତନ୍ତ ଶସ୍ତା, ନିମ୍ନମାନ ଓ ଅପମିଶ୍ରିତ ଘିଅ ଓ ତେଲ ମିଳୁଥିବାରୁ ଚଢା ଦରରେ ପ୍ରସାଦ ବିକ୍ରି କରୁଥିବା ମନ୍ଦିରମାନେ କେଉଁ ମାନର ଘିଅ ଓ ତେଲ ବବହାର କରୁଛନ୍ତି । ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତାହାର ଯାଞ୍ଚ କରିବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।

## ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସମାରୋହ

# ପ୍ରଫେସର ପଟ୍ଟନାୟକ ସାରା ଓଡିଶା ପାଇଁ ଗର୍ବ ଓ ଗୌରବ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଇତିହାସ ଜଗତର କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୨୨ତମ ସ୍ମୃତି ସନ୍ଧ୍ୟାର ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଥିଲେ । ଜଣେ ଐତିହାସିକ ଓ ବିରଳ ବ୍ୟକ୍ତିତ୍ୱ । ଇତିହାସ ରଚନା ଓ ଶିକ୍ଷାଦାନ ଥିଲା ତାଙ୍କର ନିଶା ଓ ପେଶା । ସେ କେବଳ ଭଦ୍ରକ ଜିଲ୍ଲାର ନୁହେଁ, ସାରା ଓଡିଶାର ଗର୍ବ ଓ ଗୌରବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଥିଲେ ଯେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ, ଉଚ୍ଚମାନର ଗବେଷକ, ସମାଜସେବୀ ଓ ବହୁ ଇତିହାସ ପୁସ୍ତକର ରଚୟିତା ସହିତ ସର୍ବୋପରି ଜଣେ ଭଲ ମଣିଷ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ବୋଧଗମ୍ୟ ଇତିହାସ ରଚନା ଥିଲା ତାଙ୍କର ବିଶେଷତ୍ୱ । ତାଙ୍କର ଅନନ୍ୟ ସୃଷ୍ଟି ଥିଲା ‘ରକ୍ତତୀର୍ଥ ଇରମ’ । ସେ କେବଳ ଓଡିଶା ଇତିହାସ, ସଂସ୍କୃତି ତଥା ଜନଜାତି ବିଷୟରେ ଲେଖି ନାହାନ୍ତି, ପୃଥିବୀ ଇତିହାସ, ଭାରତ ଇତିହାସ, ଇଂଲଣ୍ଡ ଇତିହାସ ବିଷୟରେ ମଧ୍ୟ ଉଚ୍ଚମାନର ପୁସ୍ତକ ରଚନା କରିଛନ୍ତି । ସେ ଲେଖିଥିବା ପୁସ୍ତକ ଭାରତ ଓ ଭାରତ ବାହାରେ ମଧ୍ୟ ବେଶ୍ ଲୋକପ୍ରିୟ ।



ଏହି ଅବସରରେ ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକଙ୍କ ସୁପୁତ୍ର ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ‘ଓଡିଶାର ସ୍ୱାଧୀନତା ସଂଗ୍ରାମୀ’ ପୁସ୍ତକକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଏହି ପୁସ୍ତକ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଏହି ପୁସ୍ତକ ମାଧ୍ୟମରେ ଓଡିଶା ସ୍ୱାଧୀନତା ସଂଗ୍ରାମର ବହୁ ଅନାଲୋଚିତ ଅଧ୍ୟାୟକୁ ସୁନ୍ଦର ଓ ସରଳ ଭାବରେ ପ୍ରତିଫଳିତ କରିଛନ୍ତି । ଜନଜାତି ସଂପ୍ରଦାୟର ସଂଗ୍ରାମୀମାନଙ୍କ ଜୀବନ ଗାଥାକୁ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି । ଏହି ସଂଗ୍ରାମୀମାନେ ହେଉଛନ୍ତି, ଓଡିଆ ଅସ୍ମିତାର ପ୍ରତୀକ । ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଏହି ପୁସ୍ତକ ମାଧ୍ୟମରେ ଓଡିଆ ଅସ୍ମିତାକୁ ମଧ୍ୟ ସମ୍ମାନ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ‘ଓଡିଶାର ସ୍ୱାଧୀନତା ସଂଗ୍ରାମୀ’ ପୁସ୍ତକରେ ଇତିହାସର ଆଢୁଆଳରେ ରହିଯାଇଥିବା ୫୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ସ୍ଥାନୀତ କରାଯାଇଛି । ଏ ଜାତି ସେମାନଙ୍କ ପ୍ରତି କୃତଜ୍ଞ ବୋଲି ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ତାଙ୍କ ପୁସ୍ତକ ମାଧ୍ୟମରେ ସନ୍ଦେଶ ଦେଇଛନ୍ତି ।

ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଥିଲେ ଯେ ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସର ଜନକ ହେଉଛନ୍ତି ପ୍ରଫେସର ଜଗନ୍ନାଥ ପଟ୍ଟନାୟକ । ସେ କେବଳ ଇତିହାସର ଅଧ୍ୟାପକ ନୁହନ୍ତି, ଭାରତବର୍ଷର ଗୁରୁଶିଷ୍ୟ ପରମ୍ପରାର ଆଚାର୍ଯ୍ୟ ।

ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁରର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ରବି ନାରାୟଣ ସେନାପତି ପ୍ରମୁଖ ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ ।

# ନକଲି ଶିକ୍ଷକଙ୍କ ନାମରେ ଥାନାରେ ଅଭିଯୋଗ : କାର୍ଯ୍ୟାନୁଷ୍ଠାନ ଶୂନ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ବ୍ଲକର ଶହ ଶହ ନକଲି ଶିକ୍ଷକ ଟାଲ ମରାଯାଇ ଥିବାବେଳେ ଶିକ୍ଷା ବିଭାଗ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବ ଦ୍ରଷ୍ଟା ସାଜିଛି। ବାସୁଦେବପୁର ବ୍ଲକର ବିରସ ପଂଚାୟତର କେବିଡି ଉଚ୍ଚ ବାଳିକା ହାଇସ୍କୁଲର ଶିକ୍ଷକ ବଂଶୀଧର ମହାନ୍ତି ନାମକ ଶିକ୍ଷକଙ୍କ ନାମରେ ସୋର ଅଂଚଳର ଜଣେ ବ୍ୟକ୍ତି ନାୟକାଣିଡିହି ଥାନାର ଅଭିଯୋଗ କରିଛନ୍ତି। କେବଳ ଥାନାର ନୁହେଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ମଧ୍ୟ ଅଭିଯୋଗ ହୋଇଅଛି। କେବିଡି ଉଚ୍ଚ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ବଂଶଧର ମହାନ୍ତିଙ୍କର ସମସ୍ତ ଶିକ୍ଷାଗତ ପ୍ରମାଣ ପତ୍ର ମଗାଇ ଥିଲେ। ହେଲେ ଶିକ୍ଷକ ବଂଶୀଧର ମହାନ୍ତିଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ପ୍ରଧାନଶିକ୍ଷକ ମଗାଇ ଥିଲେ ମଧ୍ୟ ସେ ତାଙ୍କୁ ଦେବାକୁ ମନା କରି ଦେଇଥିଲେ ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ ମହାନ୍ତି କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ପରିବର୍ତ୍ତେ ଶିକ୍ଷା ବିଭାଗ ଉପରେ ଛାଡି ଦେଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ସେହିପରି ଅଜୟ କୁମାର ରାୟ ନାମକ ଶିକ୍ଷକ ନାମରେ ନକଲି ଶିକ୍ଷକ ବୋଲି ଅଭିଯୋଗ ଆସିଛି। ବାସୁଦେବପୁର ଅଂଚଳରେ ଶହ ଶହ ନକଲି ଶିକ୍ଷକ ଥାକ ମରା ହୋଇଛନ୍ତି। ଶିକ୍ଷା ବିଭାଗ ଧରି ପାରିଲେ ହେଲା। ନିକଟରେ ଦୁଇ ଜଣ ଧରା ହୋଇ ସମସ୍ତ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କହିବା କାହାକୁ ଶୁଣିବ କିଏ। ରାଜ୍ୟ ରାଜକୋଷରୁ ନକଲି ଶିକ୍ଷକମାନେ ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଲେଣି। ଠୋସ ଅଭିଯୋଗ ପରେ କାହିଁକି ଶିକ୍ଷା ବିଭାଗ ପଛଘୁଂଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଶିକ୍ଷା ବିଭାଗର ଅଧିକାରୀ ଘଟଣାର ତଦନ୍ତ କଲେ ସୋର ଅଂଚଳର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଭିଯୋଗର ସତ୍ୟାସତର ପ୍ରକୃତ ତଥ୍ୟ ପଦାକୁ ଆସିବ। ଏସମ୍ପର୍କରେ ଶିକ୍ଷକ ବଂଶୀଧର ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ମୋ ନାମରେ ମିଥ୍ୟା ଅଭିଯୋଗ ହୋଇଛି। ମୋ ପାଖରେ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଅଛି ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବି।

# ବିରୂପା ନଦୀରୁ ମିଳିଲା କଲେଜ ଛାତ୍ରଙ୍କ ମୃତଦେହ



ଚୌଦ୍ୱାର,(ସବ୍ୟୁ): ଚୌଦ୍ୱାର ବିରୂପା ବ୍ୟାରେଜର ୬ ନଂ. ଗେଟ୍ ନିକଟରେ ସୋମବାର ସକାଳୁ ଗୋଟେ ସାଇକେଲ ଓ ବ୍ୟାଗ୍ ଥୁଆ ହୋଇଥିବାର ଦେଖିବାକୁ ମିଳିଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା । ପରେ ଏହା ଚୌଦ୍ୱାର ପୌରପାଳିକା ୧୨ନଂ. ୱାର୍ଡ଼ର ପ୍ରଭାତ ଦାସଙ୍କର ପୁଅ ପ୍ରଦୀପ ଦାସ ବୋଲି ଜଣାପଡ଼ିଥିଲା । ସକାଳୁ କାହାକୁ କିଛି ନ ଜଣେଇ ପ୍ରଦୀପ ସାଇକେଲ ଓ ବ୍ୟାଗ୍ ଧରି ଚାଲିଆସିଥିବା ବେଳେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ବିରୂପା ବ୍ୟାରେଜ୍ ଉପରେ ତାଙ୍କ ପୁଅର ସାଇକେଲ ଓ ବ୍ୟାଗ୍ ଥୁଆ ହୋଇଥିବାର ଜାଣିବାକୁ ପାଇଥିଲେ । ଏହି ଖବର ପାଇବା ପରେ ୧୨ନଂ. ୱାର୍ଡ଼ କାଉନସିଲର ସୁବ୍ରତ ସାମଲ ଘଟଣାସ୍ଥଳରେ ପହଞ୍ଚି ଚୌଦ୍ୱାର ପୋଲିସ୍‌କୁ ଜଣାଇବା ପରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ପୁଲିସ୍ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କିନ୍ତୁ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବା ପରେ ପ୍ରଦୀପଙ୍କର କୌଣସି ଖୋଜଖବର ନ ମିଳିବାରୁ ଥାନା ଅଧିକାରୀ ଶ୍ରୀ ସାହୁ ଓଡ୍ରାଫ୍ ଟିମକୁ ଖବର ଦେଇଥିଲେ । ଶେଷରେ ଓଡ୍ରାଫ୍ ଟିମ୍ ବ୍ୟାରେଜର ୬ନମ୍ବର ଗେଟ୍ ତଳୁ ପ୍ରଦୀପଙ୍କର ମୃତଦେହ ଠାବ କରିଥିଲେ । ଏହି ଅଞ୍ଚଳଟି ଜଗପୁର ଥାନା ଅଧିନରେ ହୋଇଥିବାରୁ ଏ ନେଇ ଜଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଯାଇଥିବା ଜଣାପଡ଼ିଛି । ମୃତ୍ୟୁର କାରଣ ସଠିକ୍ ଜଣାପଡ଼ିନଥିବା ବେଳେ ପୁଲିସ୍ ତଦନ୍ତ ଜାରି ରଖିଛି । ମୃତ ପ୍ରଦୀପ ଚୌଦ୍ୱାର କଲେଜର ଯୁକ୍ତ ତିନି ବିଭାଗ ପ୍ରଥମ ବର୍ଷର ବାଣିଜ୍ୟ ଛାତ୍ର ଥିଲେ ।

## ଭରତପୁର ମାମଲାରେ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପକୁ ପ୍ରଶଂସା

# ସମସ୍ୟାର ସମାଧାନ ନ ଖୋଜି ରାଜନୈତିକ ଗୋଟି ଚଳାଉଛନ୍ତି ବିରୋଧୀ: ଇଏସ୍ଏମ୍ ପ୍ରକୋଷ୍ଠ

ଭୁବନେଶ୍ୱର,(ସବ୍ୟୁ): ଭରତପୁର ପୋଲିସ ଷ୍ଟେସନ ଘଟଣା ଏବେ ସାରା ଦେଶରେ ଆଲୋଡନ ସୃଷ୍ଟି କରିବା ସହ ଗଣମାଧମରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ବିଷୟରେ ପ୍ରତ୍ୟେକ ବ୍ୟକ୍ତି, ସଙ୍ଗଠନ ନିଜସ୍ୱ ମତ ରଖୁଥିବାବେଳେ ପ୍ରକୃତ ସତ୍ୟଠାରୁ ବହୁ ଦୂରରେ ରହିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ବିରୋଧୀ ଦଳ ଗୁଡିକ କୌଣସି ଗଠନମୂଳକ ପରାମର୍ଶ ଦେବା ପରିବର୍ତ୍ତେ ରାଜନୀତି କରିବାକୁ ଉଦ୍ୟମ କରୁଛନ୍ତି । ସେମାନେ ସମସ୍ୟାର ସମାଧାନ ନ ଖୋଜି ନିଜ ରାଜନୈତିକ ଗୋଟି ଚଳାଇବା ପାଇଁ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇ ଅଯଥାରେ ଧର୍ମଘଟ ଓ ଆନ୍ଦୋଳନ କରୁଛନ୍ତି । ଏହାଦ୍ୱାରା ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ ଏହି ସଙ୍କଟ ସମୟରେ ନିଜର ପରିପକ୍ୱତା ଓ ସୁଶାସନର ପରିଚୟ ଦେଇ ମାମଲାର ସମାଧାନ ପାଇଁ ସରକାର ବିହୀତ ପଦକ୍ଷେପ ନେଇଛନ୍ତି । ଏନେଇ ରାଜ୍ୟ ବିଜେପି ଇଏସ୍ଏମ୍ (ରାଜ୍ୟ ପୂର୍ବ ସୈନିକ ପକୋଷ୍ଠ) ତରଫରୁ ମୁଖମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱ ବିଜେପି ସରକାରଙ୍କୁ ପ୍ରଶଂସା କରିଛନ୍ତି । ରବିବାର ଭୁବନେଶ୍ୱରଠାରେ ଏହି ପ୍ରସଙ୍ଗକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଇଏସ୍ଏମ ପ୍ରକୋଷ୍ଠର ସଦସ୍ୟମାନେ ଉପସ୍ଥିତ ରହି ଘଟଣାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସଦସ୍ୟ ରହିଛନ୍ତି । ଏହି କମିଟି ଇଏସ୍ଏମ୍ ପ୍ରକୋଷ୍ଠର ବରିଷ୍ଠ ସଦସ୍ୟମାନଙ୍କ ସହ ଆଲୋଚନା କରି ଏକ ନିରପେକ୍ଷ, ସମୟୋଚିତ ନ୍ୟାୟିକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଇଏସ୍ଏମ୍ ପ୍ରକୋଷ୍ଠର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମାଝିଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଇଏସ୍ଏମ୍ ପ୍ରକୋଷ୍ଠର ସହ-ସଂଯୋଜକ କର୍ଣ୍ଣେଲ ମୋହନ ପ୍ରସାଦ ନନ୍ଦ, କର୍ଣ୍ଣେଲ ପି.କେ ପ୍ରଧାନ, ମାନସ ଶତପଥୀ ଓ ଅନ୍ୟ ବରିଷ୍ଠ ପୂର୍ବତନ ସେନାଧିକାରୀମାନେ ଉପସ୍ଥିତ ଥିଲେ ।

# ସିପେଟ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,(ସବ୍ୟୁ): ସ୍ୱଚ୍ଛତା ପକ୍ଷୱାଡା ପାଳନ ପରେ ଏବେ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ପାଳନ କରାଯାଉଥିବା ବେଳେ ସିପେଟ୍ ସିଏସ୍ ଟିସ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଏହି ଅବସରରେ ସିପେଟ୍‌ର ମୁଖ୍ୟ ତଥା ଡାଇରେକଟର ବି.ପି ପାତ୍ରଙ୍କ ଉଦ୍ୟମରେ ଇଣ୍ଡିଆନ୍ ରେଡ୍ କ୍ରସ ସୋସାଇଟି ରିଜୋନାଲ୍ ଶାଖା ଓ କମିଶନରେଟ ପୋଲିସର ମିଳିତ ସହଯୋଗରେ ସିପେଟ ତରଫରୁ ଏହି ଶିବିରର ଅନୁଷ୍ଠିତ ହୋଇଥିଲା ।

ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସିପେଟର ଛାତ୍ରଛାତ୍ରୀମାନେ ଏବଂ ଶିକ୍ଷ୍ୟକଗଣ ଉତ୍ସାହର ସହ ମିଳିତ ଭାବେ ରକ୍ତଦାନ କରିଥିଲେ । ଇଣ୍ଡିଆନ୍ ରେଡ୍ କ୍ରସ ସୋସାଇଟି ରିଜୋନାଲ୍ ଶାଖା ଓ କମିଶନରେଟ ପୋଲିସ୍ ଭୁବନେଶ୍ୱର- କଟକର ଡେପୁଟି କମାଣ୍ଡାଣ୍ଟ (ଡିସି) ଓ ଯୁଗ୍ମ ସଚିବ ଲଳିତେନ୍ଦୁ ମହାନ୍ତିଙ୍କ ଦ୍ୱାରା ଶିବିରଟିକୁ ଉଦଘାଟନ କରାଯାଇଥିଲା ଏବଂ ସିପେଟର ଏହି ସମୟୋ ଉପଯୋଗି ପଦକ୍ଷେପକୁ ସେ ଖୁବ୍ ପ୍ରଶଂସା କରିଥିଲେ ।

ଶାଖା ମୁଖ୍ୟ ବି.ପି.ପାତ୍ର ରକ୍ତଦାନର ମହତ୍ତ୍ୱ ଏବଂ ଜରୁରୀ କାଳିନ ପରିସ୍ଥିତିରେ ଏହା ବହୁମୁଲ୍ୟ ଜୀବନ ରକ୍ଷାରେ ସହାୟକ ବୋଲି ସମସ୍ତ ଛାତ୍ରଛାତ୍ରୀମାନରଙ୍କୁ ବୁଝାଇ ଥିଲେ । ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ ଏବଂ କାର୍ଯ୍ୟକ୍ରମର ପରିଶେଷରେ ଇଣ୍ଡିଆନ୍ ରେଡ୍ କ୍ରସ୍ ସୋସାଇଟି ରିଜୋନାଲ୍ ଶାଖା ତରଫରୁ ସିପେଟକୁ ମାନପତ୍ର ଦ୍ୱାରା ସମ୍ମାନୀତ କରାଯାଇଥିଲା ।

# ପୁନେ ଠାରେ ଭେଟଘାଟ କଲଚରାଲ ଆସୋସିଏସନ୍ ପକ୍ଷରୁ ନୂଆଁଖାଇ ପାଳିତ



ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ପୁନେ ଠାରେ ଭେଟଘାଟ କଲଚରାଲ ଆସୋସିଏସନ୍ ପକ୍ଷରୁ ପାଳିତ ହୋଇଯାଇଛି । ଏଥିରେ ୬୦୦ରୁ ଅଧିକ ବ୍ୟକ୍ତି ଯୋଗଦେଇଥିଲେ । ଅଙ୍କୁଶ ରାଓ ଲଙ୍ଗଡେ ନାଟ୍ୟଗୃହ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏଥିରେ ସମସ୍ତେ ସମ୍ବଲପୁରି ବସ୍ତ୍ର ପରିଧାନ କରିଥିଲେ । ଉତ୍ସବ ସକାଳ ୧୧ଟା ବେଳେ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ମା ସମଲେଇଙ୍କ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କମେଡି କିଙ୍ଗ ମନପଟେଲ, କେଦାର ପଟେଲ ଓ ଚାନ୍ଦିନୀ ସୁନାଙ୍କ ହାସ୍ୟ ନାଟକରେ ସମସ୍ତେ ହସି ହସି ବେଦମ ହୋଇଥିଲେ । କାର୍ଯ୍ୟକ୍ରମରେ ସକାଳର ଚା ପାନ ଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ସ୍ୱାଦିଷ୍ଟ ଖାଦ୍ୟ ଭାତ, ଡାଲି, କରଡି, ଘାଣ୍ଟ ତରକାରୀ, ଖିରି ଓ ଆରିଷା ପିଠା ଆଦି ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ସଭାପତି ହେମ ସାଗର ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କିପରି ଅଧିକ ଆକର୍ଷଣୀ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ଭେଟଘାଟ, ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା । ଶେଷରେ ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ ସହ ୨୨କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ : ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ପାହାଳ ଥାନା ଅଧୀନ ଓମ୍‌ଫେଡ୍ ଡାଏରୀ ଫାର୍ମ ନିକଟରେ ପୋଲିସ ଅତର୍କିତ ଚଢାଉ କରିଥିଲା । ସେଠାରୁ ୫ଜଣଙ୍କୁ କାବୁ କରିବା ପରେ କାର୍‌ରେ ଥିବା ୨୨କେଜି ୨୬୬ଗ୍ରାମ୍ ଗଞ୍ଜେଇ ଜବତ କରିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ସାମୁଏଲ ମହାନ୍ତ (୨୩), ଜଗନ୍ନାଥ ମିଶ୍ର (୩୪), ଦୀପକ ବେହେରା (୨୩), କୁନା ଦଳେଇ (୪୮), ବସନ୍ତ କୁମାର ସାହୁ (୪୮) । ବସନ୍ତ ଓ ଜଗନ୍ନାଥଙ୍କ ଘର ନୟାଗଡ ଜିଲ୍ଲାରେ ହୋଇଥିବା ବେଳେ ସାମୁଏଲ ଓ ଦୀପକ ଘର କନ୍ଧମାଳ ଜିଲ୍ଲାରେ ଏବଂ କୁନା ଘର ଖୋର୍ଦ୍ଧା ଜିଲ୍ଲାରେ, ସେ ପଳାଶୁଣି କେନାଲ ବସ୍ତିରେ ରୁହେ । କନ୍ଧମାଳରୁ ଗଞ୍ଜେଇ ଆଣି ଏହି ରାକେଟ କଟକ, ଭୁବନେଶ୍ୱରର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି ବୋଲି ପୋଲିସ କହିଛି । ୫ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଗଞ୍ଜେଇ ଚାଲାଣର ସମସ୍ତ ରହସ୍ୟ ପର୍ଦ୍ଦାଫାସ କରିବା ପାଇଁ ପୋଲିସ ତଦନ୍ତ ଚାଲୁ ରଖିଥିବା ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

# ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ ପରିଚାଳନା କମିଟିର ପ୍ରଥମ ବୈଠକ




ଭୁବନେଶ୍ୱର,(ସବ୍ୟୁ): ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା – ୨୦୩୬ ନିମନ୍ତେ ଏକ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶିକା ବା ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତ ଗଠିତ ରାଜ୍ୟସ୍ତରୀୟ ପରିଚାଳନା କମିଟି (ଷ୍ଟିଅରିଂ କମିଟି) ର ୧ମ ବୈଠକ ଶନିବାର ଲୋକସେବା ଭବନ ସ୍ଥିତସମ୍ମିଳନୀ କକ୍ଷରେ ପରିଚାଳନା କମିଟିର ଅଧକ୍ଷ ତଥା ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗ, ଅତିରିକ୍ତ ମୁଖ୍ୟଶାସନ ସଚିବ ଗୃହ,ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ସୁରେନ୍ଦ୍ର କୁମାରଙ୍କ ସମେତ ବିଭିନ୍ନ ସଚିବ ସ୍ତରୀୟକ୍ଷେତ୍ରୀୟ ଗୋଷ୍ଠୀ (ସେକ୍ଟରାଲଗ୍ରୁପ୍ସ)ର ସଦସ୍ୟ ଥିବା ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

ଏହି ଷ୍ଟିଅରିଂ କମିଟି ବୈଠକରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀଦ୍ୱାରା ପ୍ରଥମ ପର୍ଯ୍ୟାୟ ବୈଠକରେ ଭିଜନଡକ୍ୟୁମେଣ୍ଟ ପ୍ରସ୍ତୁତି ନେଇ କରାଯାଇଥିବା ରୂପରେଖ ସଂପର୍କରେ ପ୍ରାରମ୍ଭିକ ଉପସ୍ଥାପନ ସହ ଆଲୋଚନା କରାଯାଇଥିଲା ।

ମୁଖ୍ୟଶାସନ ସଚିବ ଏହି ପରିପ୍ରେକ୍ଷୀରେ କହିଥିଲେ ଯେ, ଭିଜନଡକ୍ୟୁମେଣ୍ଟ ପ୍ରସ୍ତୁତି କରିବା ଆମ ପାଇଁ ଅନନ୍ୟ ସୁଯୋଗ ଆଣିଛି । ଏହି ଡକ୍ୟୁମେଣ୍ଟେସନ କିପରି ସୁବ୍ୟବସ୍ଥିତ ଭାବରେ ଏବଂ ଏକ ବାସ୍ତବ ଦସ୍ତାବିଜ ହେବ, ଏଥିପାଇଁ ସଂପୃକ୍ତ ସମସ୍ତ ସଚିବସ୍ତରୀୟ କ୍ଷେତ୍ରୀୟଗୋଷ୍ଠୀର ସେ ସହଯୋଗ କାମନା କରିଛନ୍ତି ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗର୍ଗ ବିଭିନ୍ନ ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର କାର୍ଯ୍ୟ ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ ।

# କାଉନସିଲରଙ୍କ ମାତୃ ବିୟୋଗ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ୬ନଂ ୱାର୍ଡ କାଉନ୍ସିଲର କମଲ ପ୍ରଧାନଙ୍କ ମାଆ ପ୍ରଭାସିନୀ ପ୍ରଧାନଙ୍କ ର ୬୦ବର୍ଷ ବୟସ ରେ ପରଲୋକ ଘଟିଛି । ଦୀର୍ଘଦିନ ହେବ ସେ ରୋଗ ଶଯ୍ୟାରେ ପଡି ଚିକିତ୍ସାଧିନଥିଲେ । ସୋମବାର ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଛି । ସ୍ୱର୍ଗତା ପ୍ରଧାନ ଜଣେ ମେଳା, ବନ୍ଧୁବତ୍ସଳ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା



ପରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜିବୀ, ସମାଜସେବୀ, ରାଜନେତା ପ୍ରମୁଖ ବାସଭବନ ଠାରେ ପହଁଚି ଶେଷ ଦର୍ଶନ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟସ୍ ଗାଇଡର ସାଧାରଣ ବୈଠକ

# ସବୁ ବିଦ୍ୟାଳୟରେ ଖୋଲାଯିବ ସ୍କାଉଟ ଓ ଗାଇଡ

ଖୋର୍ଦ୍ଧା,(ସବ୍ୟୁ): ବିଜେବି ହାଇସ୍କୁଲ ଖୋର୍ଦ୍ଧା ଠାରେ ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡର ସାଧାରଣ ସଭା ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଡ଼ ଅମ୍ରିତା ପ୍ରୀତିନନ୍ଦାଙ୍କ ଅଧକ୍ଷତାରେ ଜିଲ୍ଲାରେ ୨୦୦ରୁ ଅଧିକ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସ୍କାଉଟମାଷ୍ଟର ଗାଇଡକ୍ୟାପଟେନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍କାଉଟ ଗାଇଡ ଖୋଲାଯାଇନଥିବା ବିଦ୍ୟାଳୟମାନଙ୍କରେ ତୁରନ୍ତ ଖୋଲିବା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରୀତିନନ୍ଦା ସମସ୍ତ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ । ୨୦୨୪-୨୫ ର ବାର୍ଷିକ ବଜେଟ୍ ଏବଂ ଆସନ୍ତା ନଭେମ୍ବର ମାସରେ ହେବାକୁଥିବା ପ୍ରସ୍ତାବିତ କ୍ୟାମ୍ବୋରୀ ପାଇଁ ଏକ ବଜେଟ୍ ଉପସ୍ଥାପନ କରାଯାଇ ଅନୁମୋଦନ କରାଯାଇଥିଲା । ଏଥିସହିତ ରାଜ୍ୟପୁରସ୍କାର ପରୀକ୍ଷା ଏବଂ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନଙ୍କୁ ତାଲିମ ପ୍ରଦାନ, ସମସ୍ତ ବ୍ଲକ୍ ରେ ସ୍କାଉଟ ଗାଇଡର କମିଟି ଗଠନ କରାଯାଇଥିବାବେଳେ ଏହାକୁ ସୁଦୃଢ କରିବା ପାଇଁ ସାଧାରଣ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା ।

ପ୍ରଧାନଶିକ୍ଷକ ତଥା ଜିଲ୍ଲା ସ୍କାଉଟ କମିଶନର ପ୍ରଭାକର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଗାଇଡ କମିଶନର ଜୟନ୍ତୀ ହୋତା ଓ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରସ୍ତାବିତ ବଜେଟକୁ ଉପସ୍ଥାପନ କରିଥିଲେ । ରାଜ୍ୟ ତାଲିମଦାତା ରମେଶ କୁମାର ବଳବନ୍ତରାୟ, ଉପଦେଷ୍ଟା ଦିବାକର ପଟ୍ଟନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପ୍ରାକ୍ତନ ଜିଲା ଶାରୀରିକ ଶିକ୍ଷା ନିରିକ୍ଷକ ପଠାଣି ଆଗ୍ରାସିଂ ପ୍ରମୁଖ ବୈଠକରେ ଯୋଗଦାନ କରି ସ୍କାଉଟ ଗାଇଡରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବା ନେଇ ମତାମତ ଦେଇଥିଲେ । ସହ-ସଂପାଦକ ପ୍ରକାଶ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ଖଣି ଖନନ ବନ୍ଦ ପାଇଁ

# ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଗୁହାରି

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ତହସିଲର କାଂଚନ ବିହାର, ଗୋବରଗାଡ଼ିଆ ଅଞ୍ଚଳରେ ବଢୁଛି ଖଣି ଚୋରି । ମାଙ୍କଡା, ମୋରୋମ ଓ ଖଣ୍ଡୋଲଇଟ ପଥର ହେଉଛି ବେଆଇନଭାବେ ଚାଲାଣ । ପ୍ରତିବାଦ କଲେ ଖଣି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି ସ୍ଥାନୀୟ ବାସିନ୍ଦା । ତେଣୁ ବେଆଇନ ଖଣିଖନନ ବନ୍ଦ କରିବା ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସ୍ଥାନୀୟ ବାସିନ୍ଦା ଏକ ଦାବିପତ୍ର ଦେଇଛନ୍ତି ।

ଖାର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ସଦର ଓ ଜଙ୍କିଆ ଥାନା ଅଞ୍ଚଳର ବାସିନ୍ଦା କୁହନ୍ତି, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଜଗନ୍ନାଥପୁର, ପାଣିଛତ୍ର, ନରସିଂହପ୍ରସାଦ, ଦୁର୍ଗାପ୍ରସାଦ ଓ ଚମ୍ପାଝର (କାଂଚନ ବିହାର, ଗୋବରଗାଡିଆ) ମୌଜା ମାଙ୍କଡ଼ା ପଥରରେ ଭରପୁର ଅଟେ । ଏହି ମୌଜାର କିଛି ଅସାଧୁ ବା ଅସାମାଜିକ ବ୍ୟକ୍ତି ଏଠାରେ ସମସ୍ତ ୫ଗୋଟି ମୌଜା ରେ ଦୀର୍ଘ ଦିନଧରି କଟର, ଜେସିବି ମେସିନ୍, ଟ୍ରକ ଓ ହାଇୱା ବ୍ୟବହାର କରି ବେଆଇନ ଭାବେ ମାଙ୍କଡା ପଥର ଉତୋଳନ କରୁଛନ୍ତି । ଯାହାକୁ ଟ୍ରକ ମାଧ୍ୟମରେ ବିଭିନ୍ନ ଅଂଚଳକୁ ଚୋରା ଚାଲାଣ କରି କୋଟି କୋଟି କଳାଟଙ୍କା ରୋଜଗାର କରୁଛନ୍ତି । ଯାହାଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହାନି କରୁଛନ୍ତି ।ଅସାମାଜିକ ବ୍ୟକ୍ତିମାନେ ପାଣିଛତ୍ର ମୌଜାରେ ଥିବା (କାଂଚନ ବିହାର) ଲୋକଙ୍କର ସ୍ଥିତିବାନ ଓ ଜଗନ୍ନାଥଙ୍କ ଜମି ପାଖାପାଖି ୨୦ ଏକର ଜାଗାକୁ ଆବଦ୍ଧ କରି ଗେଟ ଲଗାଇ ଜୋର ଜବରଦସ୍ତ ମାଙ୍କଡ଼ା ପଥର ଖଣି ଖନନ କରୁଛନ୍ତି । ସେଥିରୁ କିଛି ବ୍ୟକ୍ତି କିଣିଥିବା ପ୍ଲଟ ମାଲିକମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଖଣି ଖନନ କରୁଅଛନ୍ତି । ଏଥିସହିତ ଦୁର୍ଗାପ୍ରସାଦ ଓ ଜଗନ୍ନାଥପୁର ମୌଜାରେ ପାଖାପାଖ ଏକର ଏକର ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ଜମିକୁ କାଟି ଚାଲିଛନ୍ତି । କେବଳ ମାଙ୍କଡା ପଥର ଚୋରି କରୁନାହାନ୍ତି, ଖଣ୍ଡଲାଇଟ୍ ପଥର (ଯାହା ମୂର୍ତ୍ତି ତିଆରିରେ ବ୍ୟବହାର କରାଯାଏ) ମଧ୍ୟ ଚୋରି କରି ଅର୍ଥ ଉପାର୍ଜନ କରୁଛନ୍ତି । ଫଳରେ ଉପରୋକ୍ତ ମୌଜାର ପରିବେଶ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଜଳସ୍ତର କମିବାରେ ଲାଗିଛି । ଏହା ସହ ଏହି ଅଂଚଳର ପରିବେଶ ନଷ୍ଟ ହେବା ସହିତ, ରୋଗୀ ଆମ୍ବୁଲାନ୍ସରେ ଡ଼ାକ୍ତରଖାନାକୁ ଯିବା ପାଇଁ ଓ ଛାତ୍ର ଛାତ୍ରୀମାନେ ଅଧ୍ୟୟନସ୍ଥଳକୁ ଯାତାୟତରେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ପଥର ଚୋରାଚାଲାଣ କାର୍ଯ୍ୟର ପ୍ରତିବାଦ କଲେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଯଥା:ବନ୍ଧୁକ, ଭୁଜାଲି ଓ ବମ୍ ପକାଇ ଜାଳିପୋଡି ଜୀବନରେ ମାରି ଦେବାକୁ ଧମକ ଦିଆଯାଉଛି । ଗତ ୪ ତାରିଖରେ ଗ୍ରାମ୍ୟ ରାସ୍ତାକୁ ଖୋଳି ପଥର କାଟୁଥିବା ସମୟରେ ମଳିପଡ଼ା ଓ ରାମଚଣ୍ଡୀ ଗ୍ରାମର କିଛି ଯୁବକ ଯାଇ ପ୍ରତିବାଦ କରିବାରୁ ତାଙ୍କ ଉପରକୁ ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଥିଲେ । ଏହା ମଧ୍ୟ ପୁଲିସ୍ ପ୍ରଶାସନ ଜାଣିଥିବାର ସମସ୍ତ ଖବର କାଗଜରେ ପ୍ରକାଶ ପାଇଥିଲା । ତେଣୁ ଖଣି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବେଆଇନ ଖଣି ଖନନ କୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଭରତପୁର ଥାନାରେ ପୂଜାର୍ଚ୍ଚନା

## ଗେଟ୍‌ରେ ଲଙ୍କା-ଲେମ୍ବୁ ମାଳ ଖୁବ୍‌ଶୀଘ୍ର ସିସି କ୍ୟାମେରା

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନାରେ ସୋମବାର ଦୁଇଘଣ୍ଟା ପୂଜାର୍ଚ୍ଚନା କରାଯାଇଥିଲା । ପୂଜାରେ କର୍ତ୍ତା ବସିଥିଲେ ନୂଆ ଆଇଆଇସି ଦୀପକ ଖଣ୍ଡାୟତରାୟ । ପୂଜା ପରେ ଗେଟ୍‌ରେ ଲଙ୍କା-ଲେମ୍ବୁ ମାଳ ଟଙ୍ଗା ହୋଇଥିବା ଦେଖିବାକୁ ମିଳିଲା । ପୁରୁଣା ଥାନା କ୍ୟାମେରା ଓ ନୂଆ କ୍ୟାମେରା ଥାନା ସିଡିଘର ପାଖରେ ଗଦା ହୋଇଛି । ତାହା ଖୁବ୍‌ଶୀଘ୍ର ଲାଗିବ ବୋଲି ନୂଆ ଆଇଆଇସି ଦୀପକ କହିଛନ୍ତି ।

ନୂଆ ଆଇଆଇସି ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଦୀପକ ଖଣ୍ଡାୟତରାୟଙ୍କୁ ପୂଜାର୍ଚ୍ଚନା ସମ୍ପର୍କରେ ପଚାରିବାରୁ ମାନସିକ ଶାନ୍ତି ପାଇଁ କରାଯାଉଥିବା ସେ କହିଛନ୍ତି । କେବଳ ପୂଜାର୍ଚ୍ଚନା ନୁହେଁ, ଥାନାର ଚାରିଆଡେ ଗଙ୍ଗାଜଳ ଛିଞ୍ଚାଯାଇଥିଲା । ରାଜ୍ୟର ବଡ ଆଦର୍ଶ ଥାନା ଭାବେ ମାର୍ଚ୍ଚ ୧୧ ତାରିଖରେ ଉଦ୍‌ଘାଟନ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗଦା ହୋଇଥିବା କ୍ୟାମେରା ଉଦ୍‌ଘାଟନ ପୂର୍ବରୁ ଲାଗି ନଥିଲା ନା ଖୋଲି ଦିଆଯାଇଛି, ତାହା ସନ୍ଦେହ ସୃଷ୍ଟି କରିଛି । ଦୁଇଘଣ୍ଟାର ପୂଜା ସରିବା ପରେ ଆଇଆଇସି ତାଙ୍କ ଚଉକିରେ ବସି କାର୍ଯ୍ୟ ଆରମ୍ଭ କରିଥିଲେ । କେବଳ ଆଇଆଇସି ନୁହଁନ୍ତି ପୂଜକ ମଧ୍ୟ କହିଛନ୍ତି, ମାନସିକ ଶାନ୍ତି ଓ ପବିତ୍ରତା ପାଇଁ ଏହି ପୂଜାର୍ଚ୍ଚନା କରାଯାଉଛି । ଆଇଆଇସି ଦୀପକ କର୍ତ୍ତା ବସିଥିଲା ବେଳେ ଥାନାର ଅନ୍ୟ କର୍ମଚାରୀମାନେ ପୂଜା ପାଖରେ ଉପସ୍ଥିତ ଥିଲେ । ଚଳିତମାସ ୧୪ ତାରିଖ ରାତିରେ ଥାନାରେ ଅଘଟଣ ଘଟିଥିବାରୁ ଏହି ପୂଜାର୍ଚ୍ଚନା ରିଷ୍ଟ ଖଣ୍ଡନ ପାଇଁ କରାଯାଉଥିବା ଚର୍ଚ୍ଚା ହେଉଛି ।

# ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




କଟକ, (ସ୍ୱପ୍ର) : କଟକ ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ମହାନଦୀବିହାର ସ୍ଥିତ ଗୀତାୟନ ଠାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରକୁ ଭେଷଜ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡା. କ୍ଷିରୋଦ ଚନ୍ଦ୍ର ନନ୍ଦ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ହାଡ ପୋରିଆ, ସ୍ନାୟୁ, ଫୁସ୍‌ଫୁସ୍, ରକ୍ତ ଶର୍କରା ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା, ପୁରୁଷ, ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ପରିକ୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ମହାସଭାର ଜିଲ୍ଲା ସଭାପତି ପ୍ରମୋଦ କୁମାର ମିଶ, ବୈକୁଣ୍ଠ ନାଥ ଆଚାର୍ଯ୍ୟ, ଇଂ ଯଦୁନାଥ ମହାପାତ୍ର, ଇଂ ମୁରଲୀଧର ହୋତା, ନିରଞ୍ଜନ ପାଢ଼ୀ, ସୁଜିତାଭ ଶତପଥୀ, ସମ୍ପାଦକ ନରସିଂହ ମହାପାତ୍ର ଓ ନିବାସ ଚନ୍ଦ୍ର ମିଶ୍ର, କବିତା ମିଶ୍ର, ଅରୁନ୍ଧତୀ ମିଶ୍ର, ରବିନ୍ଦ୍ର ନାଥ ତ୍ରିପାଠୀ, ରାଜ୍ୟ ଯୁବ ବାହିନୀର ସଭାପତି ଜଗଦାନନ୍ଦ ତ୍ରିପାଠୀ, ମହେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା ଶକ୍ତିବହିନୀର ସମ୍ପାଦିକା ସ୍ନେହ ନନ୍ଦ, ବିଦ୍ୟାଧର ଶତପଥୀ, ହିମାଂଶୁ ଷଡଙ୍ଗୀ, ଦେବାଶିଷ ଦାସ, ସୁଦର୍ଶନ ଦାସ, ମିହିର ରଞ୍ଜନ କର ଓ ଦୀନକୃଷ୍ଣ ଦାଶ ପ୍ରମୁଖ କର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ବ୍ରାହ୍ମଣ ମହାସଭାର ଏପରି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ ଜେଲ୍

ବ୍ରହ୍ମପୁର,(ସବ୍ୟୁ): ନିମଖଣ୍ଡି ଥାନା ପୋଲିସ ୨୦୨୩ ମଇ ୨୬ ତାରିଖ ଜଗଦଳପୁର ଗ୍ରାମର ଜି.ଲକ୍ଷ୍ମୀ ପାତ୍ର (୩୮)ଙ୍କ ମୃତଦେହ ଗାଁ ଶ୍ମଶାନରୁ ଜବତ କରିଥିଲା। ଜିଲା ଦୌରା ଜଜ ରୂପଶ୍ରୀ ଚୌଧୁରୀ ଆଜି ଉକ୍ତ ମାମଲାର ରାୟ ପ୍ରକାଶ କରିଛନ୍ତି। ସ୍ତ୍ରୀ'ହନ୍ତା ସ୍ବାମୀ ଜି. ସୀମାଞ୍ଚଳ ପାତ୍ର(୪୩)ଙ୍କୁ ଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡର ନିର୍ଦ୍ଦେଶ ମଧ ସେ ଦେଇଛନ୍ତି। ଅନ୍ୟପଟେ ସ୍ତ୍ରୀ'ଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ସ୍ମଶାନରେ ପୋଡ଼ିବା ପାଇଁ ନେଉଥିବା ଅଭିଯୋଗରେ ସୀମାଞ୍ଚଳଙ୍କୁ ୩ବର୍ଷ ଜେଲ ଓ ୫ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପବ୍ଲିକ ପ୍ରସିକ୍ୟାଟର (ପିପି ) ତ୍ରିଲୋଚନ ପରିଡା ସୂଚନା ଦେଇଛନ୍ତି। ମହିଳାଙ୍କ ମୃତଦେହ ଦାହ ପାଇଁ ନେଇଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ପରେ ଜାମିନରେ ଥିବା ମୃତ ମହିଳାଙ୍କ ତାଙ୍କ ଶଶୁର ଜି.ସାକିଲ ପାତ୍ର(୬୮) , ଉକ୍ତ ଗାଁ'ର ଡ଼ି.କାଲୁ ପାତ୍ର (୫୨), କେ. ଶିବରାମ ପାତ୍ର(୩୮) ଓ ପି. ନରସିଂହ ଦାସ(୨୮)ଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଥାଉ କି ସୀମାଞ୍ଚଳ ପାତ୍ର ୨୦୦୬ ରେ ଶ୍ରୀରଙ୍ଗରାଜ ଗ୍ରାମର ପି. ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀ ପାତ୍ରଙ୍କୁ ବିବାହ କରିଥିଲେ। ସ୍ତ୍ରୀ-ର ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡା ଲାଗିରହିଥିଲା। ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ନିଜର ବାପା ଓ ଗ୍ରାମର କିଛି ବ୍ୟକ୍ତିଙ୍କ ଜରିଆରେ ମୃତଦେହ ଦାହ କରିବାକୁ ଲୁଚାଛପାରେ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ବାମୀ ହତ୍ୟା କରି ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଛନ୍ତି ବୋଲି ଗ୍ରାମର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଜଗଦଳପୁର ଗ୍ରାମର ଶ୍ମଶାନକୁ ଯାଇ ମହିଳାଙ୍କୁ ମୁଖାଗ୍ନି ଦିଆଯିବା ପୂର୍ବରୁ ମୃତଦେହ ଜବତ କରିଥିଲା। ଅନ୍ୟପଟେ ମୃତ ଲକ୍ଷ୍ମୀ ପାତ୍ରଙ୍କ ଭାଇ ପି.ରାମଚନ୍ଦ୍ର ପାତ୍ର ଙ୍କ ଅଭିଯୋଗ ଓ ବ୍ୟବଛେଦ ରିପୋର୍ଟ ଅନୁସାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୧୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନ ଓ କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍‌କୁ ଆଧାର କରି ଜିଲା ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ) : ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ରାଜେଶ ଦାଶ, ଆଜି ଏକ ୧୭ ବର୍ଷ ର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ୧୬ ଜଣ ସାକ୍ଷୀ ଡାକ୍ତରୀ ରିପୋର୍ଟ ଏବଂ ପିଡିତାଙ୍କ ବୟାନ ଆଧାରରେ ଏହି ମାମଲାର ଅଭିଯୁକ୍ତ ଗୋଛାପଡା ଥାନା ଅଞ୍ଚଳର ଦେବରାଜ ଦିଗାଲ (୬୧)କୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୬୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୧୦ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତିଛ ଏଥି ସହିତ ପିଡିତାଙ୍କୁ କ୍ଷତି ପୂରଣ ନିମନ୍ତେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଗତ ୨୦୨୩ ମସିହା ଫେବୃଆରୀ ମାସ ୫ ତାରିଖ ଦିନ ପିଡିତା ଘରେ ଏକୁଟିଆ ଥିବା ଜାଣି ତାକୁ ଘର ନିକଟସ୍ଥ ଏକ ଜଙ୍ଗଲକୁ ନେଇ ତା ସହିତ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ସହ ଏହି ଘଟଣା ବାବଦରେ କାହାକୁ କହିଲେ ଜୀବନରେ ମାରି ଦେବା ନେଇ ଧମକ ଦେଇଥିଲା ଅଭିଯୁକ୍ତ। ପିଡିତା ଘରେ ପହଞ୍ଚି ସମସ୍ତ କଥା କହିବା ପରେ ପିଡିତାର ପରିବାର ଲୋକେ ୧୦ ଫେବୃଆରୀରେ ଗୋଛାପଡା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ୍ ଏକ ମାମଲା ୨୬/୨୦୨୩ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବ୍ରଜାଘାତରେ ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ଥାନା ଅନ୍ତର୍ଗତ ଧରମପୁର ଗ୍ରାମରେ ବ୍ରଜାଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ଜଣଙ୍କ ହେଲେ ଭୀମସେନ ସାହୁ ପ୍ରାୟ ୭୦ ବୋଲି ଜଣାପଡ଼ିଛି । ସୂଚନା ପ୍ରକାରେ ମୃତ ଭୀମସେନ ଗୋପାଳପୁର କଲେଜରେ ଅବସରପ୍ରାପ୍ତ ପିଅନ ରହିଥିଲେ। ସେ ଆଜି ଅପରାହ୍ନ ପ୍ରାୟ ସାଢେ ୩ ଟା ସମୟରେ ଛେଳି, ମେଣ୍ଢା ଜଗିବା ନିମନ୍ତେ ଏକ ଗୁହାଳରେ ରହିଥିଲେ । ସେହି ସମୟରେ ବର୍ଷା ଓ ଘଡଘଡି ରହିଥିବା ବେଳେ ବୃଦ୍ଧଙ୍କ ଡାହାଣ ଗୋଡ଼କୁ ବ୍ରଜାଘାତ ହେବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ବ୍ରହ୍ମପୁର ମେଡିକାଲକୁ ପଠାଯିବା ସହ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି । ଏନେଇ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ କହିଛି ।

# ସ୍ଥାନୀୟ ଯୁବକ, ଯୁବତୀଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଉପକଣ୍ଠ ସ୍ଥିତ ଆଇଆରଇଏଲ ସମେତ ବିଭିନ୍ନ କମ୍ପାନୀ ମାନଙ୍କରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଦାବି ନେଇ ସୋମବାର ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ବହୁ ଯୁବକ / ଯୁବତୀ ଓ ମହିଳା ମାନଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନହେଲେ ରାଜରାସ୍ତା ଅବରୋଧ କରିବାକୁ ବାଧ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସେମାନଙ୍କ ଦାବୀ ଗୁଡିକ ଯଥା ଶୀଘ୍ର ପୂରଣ ନହେଲେ ସେମାନଙ୍କ ଆନ୍ଦୋଳନକୁ ତୀବ୍ର କରାଯିବ। ଏହା ସହିତ ରାଜରାସ୍ତା ଓହ୍ଲାଇବାକୁ ବାଧ ହେବୁ ବୋଲ ମଧ ସେମାନେ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଭାଗିରଥୀ ବେହେରାଙ୍କ ସହ ଗଂଜାମ ବ୍ଲକର ପୂର୍ବତନ ଅଧକ୍ଷ ସୁଧୀର କୁମାର ବିଶ୍ୱାଳ, କଂଗ୍ରେସ ନେତା ଏନ.ଗଣେଶ ରେଡ୍ଡୀ, କାଳିଆ ରାଉଳ, ଅଶୋକ କୁମାର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଟି.କ୍ରିଷ୍ଣା ରେଡ୍ଡୀଙ୍କ ବହୁ ଯୁବକ ଯୁବତୀ ଉପସ୍ଥିତ ଥିଲେ । ସ୍ଥାନୀୟ କମ୍ପାନୀ ଗୁଡିକରେ ଅଂଚଳର ଯୁବକ/ଯୁବତୀ ମାନଙ୍କୁ ନିଯୁକ୍ତି ଦାବୀ ନେଇ ଭାଗିରଥି ବେହେରାଙ୍କ ନେତୃତ୍ୱରେ ବହୁବାର କମ୍ପାନୀ କର୍ତ୍ତୃପକ୍ଷ ମାନଙ୍କୁ ଦାବିପତ୍ର କରାଯାଇଥିଲା।

# ଚେକ୍ ବାଉନ୍ସ ମାମଲାରେ ବ୍ୟବସାୟୀଙ୍କୁ ୬ମାସ ଜେଲ

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବିଚାରପତି ଶ୍ରୀପର୍ଣ୍ଣା ମହାପାତ୍ର ଅଭିଯୁକ୍ତ ଆଶୀସ୍ କୁମାର ପଣ୍ଡାଙ୍କୁ ୬ମାସ କାରାଦଣ୍ଡ ଆଦେଶ ଦେବା ସହ ଟ.୫,୧୫,୦୨୦ଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ବ୍ୟାଙ୍କ ପକ୍ଷରୁ ବରିଷ୍ଠ ଆଇନଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର ଅଭିଯୁକ୍ତ ଆଶୀସ୍ କୁମାର ପଣ୍ଡା ବ୍ୟବସାୟ ପାଇଁ ୨ଲକ୍ଷଟଙ୍କାର ଏକ ଲୋନ୍ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ, ସାରସକଣା ଶାଖାରୁ ନେଇଥିଲେ । ଏହି ଋଣ ସୁଝିବାକୁ ଟ.୨,୫୭,୫୨୦ଙ୍କା ର ଏକ ଚେକ୍ ପ୍ରଦାନ କରିଥିଲେ । ଏହି ଚେକ୍ ଟି ବାଉନ୍ସ ହୋଇଯିବାରୁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସାରସକଣା ଶାଖା ପକ୍ଷରୁ ମ୍ୟାନେଜର ମାନ୍ୟବର ଜେମ୍ଏଫସି ବାରିପଦାଙ୍କ କୋର୍ଟରେ ଏକ କେଶ୍ ନଂ ଆଇସିସି ନଂ-୦୫/୨୦୨୨ ଫାଇଲ୍ କରିଥିଲେ । ଏନେଇ ସୋମବାର ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# ନଭେମ୍ବର ୮ରୁ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ



ଭୁବନେଶ୍ୱର, (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ସଂସ୍କୃତି, ନୀତିକାନ୍ତି, ଓ ଶ୍ରୀଜଗନ୍ନାଥଙ୍କ ଚେତନାକୁ ବିଶ୍ୱ ସ୍ତରରେ ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ଠାରେ ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ମହୋତ୍ସବର ଆୟୋଜନ କରାଯାଇଛି । ନଭେମ୍ବର ମାସ ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ନୂଆପଲ୍ଲୀ ସ୍ଥିତ କସ୍ତୁରିବା ପଡିଆ ଠାରେ ଅନୁଷ୍ଠିତ ହେବ । ଏଥିରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ ସହ ଦେଶର ବହୁ ସାଧୁ ସନ୍ଥ ମାନେ ଯୋଗଦେଇ ପ୍ରବଚନ ଦେବେ। ଏନେଇ ନୟାପଲ୍ଲୀ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ପରିଚାଳନା କମିଟିର ଅଧକ୍ଷ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ସୂଚନା ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀରେ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଶିକ୍ଷକ ମନୋରଞ୍ଜନ ତ୍ରିପାଠୀଙ୍କ ଦେହାନ୍ତ

ବୁଗୁଡା, (ସବ୍ୟୁ) : ବୁଗୁଡା ବ୍ଲକ ସୋରଡ ଗ୍ରାମସ୍ଥ ଶ୍ରୀ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ(୪୧)ଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଯକୃତ ସମସ୍ୟା ଯୋଗୁଁ ସେ ଦୀର୍ଘଦିନ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲେ । ଗତକାଲି ସେ ବୁଗୁଡା ମେଡିକାଲକୁ ଆସି ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ତେବେ ଆଜି ସକାଳେ ପୁଣି ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲା ଏବଂ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁରେ ସୋରଡ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବାବେଳେ ସୋରଡ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ଶୋକସଭା କାଳରେ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ତାଙ୍କର ପୈତୃକ ଗ୍ରାମ ଲଙ୍ଗଳେଶ୍ୱର ହୋଇଥିବା ବେଳେ ସେ ସୋରଡ ଗାଁରେ ଏକ ଭଡାଘରେ ରହି ଶିକ୍ଷକତା କରୁଥିଲେ ।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପାଇଁ ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ପ୍ରତିବର୍ଷ ପରି ଏବର୍ଷ ମଧ ପ୍ରଜ୍ଞାନ ମିଶନ, ବାଲିଘାଇ ପୁରି ତରଫରୁ ଓଡିଶା ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା 'ଗୀତା ସୁଗିତା କର୍ତ୍ତବ୍ୟା' ଅନୁଷ୍ଠିତ କରୁଛି । ପ୍ରଥମ ସ୍ତରରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଉତୀର୍ଣ୍ଣ ପିଲାମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଉର୍ତ୍ତିନ ପିଲାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ପାରିବେ । ସେଥିପାଇଁ ବାରିପଦାରେ ବ୍ଲକ ଓ ପୌରାଞ୍ଚଳ ଛାତ୍ରଛାତ୍ରୀଙ୍କର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ତଥା ସଚ୍ଚିଦାନନ୍ଦ ଗୁରୁକୁଳର ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିଘ୍ନେଶ୍ୱରାନନ୍ଦ ସରସ୍ୱତୀ, ଶିକ୍ଷକ କୈଳାଶ ଚନ୍ଦ୍ର ଦାଶ, ଚିନ୍ମୟ ମିଶନ ବାରିପଦା ଉପସଭାପତି ବିବେକାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବିତା ଦାସ ବିଚାରକ ଭାବେ ଉପସ୍ଥିତ ରହିଥିଲେ । ସମାଜସେବୀକା ରେଣୁବାଳା ରଥ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ । ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଟ୍ରଷ୍ଟି ବିଷ୍ଣୁପଦ ବେରା, ଶିକ୍ଷକ ସର୍ବେଶ୍ୱର ବେହେରା, ହରପ୍ରିୟା ମାହାର୍ଣ୍ଣ, ଶାନ୍ତିପ୍ରିୟା ମୁର୍ମୁ, ଭବେଶ ପଣ୍ଡା, ସାଇ ସଙ୍ଗମ ଗିରି, ଅଭିଷେକ ବେହେରା, ବିକାଶ ଟୁଡୁ, ଶୁଭମ ଧୋଡା, ସୂର୍ଯ୍ୟ କାଳନ୍ଦୀ, ହରପ୍ରିୟା ମହାନ୍ତ, ବିପିନ ମୁର୍ମୁ, ଜିଦାନ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ । ୩ଟି ବିଭାଗରୁ କଇଁଫୁଲିଆ ସରକାରୀ ବିଦ୍ୟାଳୟରେ ବିଦ୍ୟାଧର ସିଂ ସଚ୍ଚିଦାନନ୍ଦ ଗୁରୁକୁଳର ଲାଲୁ ଟୁଡୁ ହେମନ୍ତ ଦାସ, ଭଂଜପୁର ଉଚ୍ଚ ବାଳିକା ବିଦ୍ୟାଳୟର ରିଷିକା ଖଣ୍ଡେଲୱାଲ, ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ଲିପିକା ପଣ୍ଡା, ମହାରାଜ କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଦିବ୍ୟଙ୍କର ବେହେରା, ମହାରାଜ ପୂର୍ଣ୍ଣଚନ୍ଦ୍ର ଅଟୋନୋମାସ ମହାବିଦ୍ୟାଳୟର ହିମାଂଦ୍ରୀ ତନୟା ଚୌଧୁରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଶୁଣାଣି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଆଜି ସୋମବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଉପ-ଜିଲ୍ଲାପାଳ ବ୍ରହ୍ମପୁର ଦୀନା ଦସ୍ତଗୀର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅସୀମ ପଣ୍ଡା ମିଳିତ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ ଓ ଏହି ଅଭିଯୋଗ ଶୁଣାଣିର ସମୁଦାୟ ୬୧ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୫୮ ଟି ଥିଲା ବେଳେ, ଗ୍ରାମ ଅଭିଯୋଗ ୩ଟି । ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୩୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ଅଧିକାରୀ ମାନେ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବି.ଡି.ଓ, ତହସିଲଦାର ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ଶ୍ରମିକ ସଂଗଠନଙ୍କ ପକ୍ଷରୁ କଳାଦିବସ ପାଳିତ



ବାରିପଦା, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୪ଟି ଶ୍ରମକୋଡ୍ ବାତିଲ ଦାବିରେ ଦେଶ ବ୍ୟାପି କଳା ଦିବସ ପାଳିତ ଅବସରରେ ମୟୂରଭଞ୍ଜ ଜିଲ୍ଲାର ପ୍ରଭାଗିୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଭାବେ କେନ୍ଦ୍ରିୟ ଶ୍ରମିକ ସଂଗଠନ ଏଆଇଟିୟୁସି ଓ ସିଆଇଟିୟୁ ପକ୍ଷରୁ ପ୍ରତିବାଦ ସଭା ସାଥି ଅମଳ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୋଦି ସରକାର ଶ୍ରମିକ ଓ ସାଧାରଣ ମଣିଷ ବିରୋଧୀ ପୁଞ୍ଜିପତି ସପକ୍ଷବାଦି ନିତିକୁ ତ୍ରିବ ବିରୋଧ କରିବା ସହ ପ୍ରତ୍ୟାହାର ପାଇଁ ଦୃଢ ଦାବି କରାଯାଇଛି । ମିଥ୍ୟା ପ୍ରତିଶୃତି ପ୍ରତାରଣା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନିତି ଗ୍ରହଣ ହେତୁ ଦରଦାମ ବୃଦ୍ଧି, ଶ୍ରମୀକ ମାନଙ୍କ ପଡିରହିଛି । ସମସ୍ତ ପ୍ରକାରର ସହାୟତା ରାଶି, ସାଇକେଲ, ପକ୍କାଘର, ପ୍ରସୂତିକାଳୀନ, ବାଧକ୍ଷ ଭତ୍ତା ଇତ୍ୟାଦି ପ୍ରଦାନକୁ ତ୍ୱରାନିତ କରିବା ପାଇଁ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିଟୁର ସଭାପତି ରବି ଗୋସ୍ୱାମୀ, ଫୋରେଷ୍ଟ ଉଡର ଆବାହକ କାହ୍ନାଚରଣ ବେହେରା, ସୁବ୍ରତ ଲେଙ୍କା ରାଜ୍ୟ କମିଟି ସମ୍ପାଦକ, ସନ୍ଧ୍ୟାରାଣୀ ବେହେରା, ଅଶୋକ ଭଞ୍ଜଦେଓ, କାଳୁ ଦେହୁରୀ ଓ ସୂର୍ଯ୍ୟକାନ୍ତ ସାହୁ ବକ୍ତ୍ୟବ ରଖଥିଲେ । ଏହି ସଭାକୁ ଏଆଇଟିୟୁସିର ମହେଶ୍ୱର ବେହେରା, ସୁନି ସିଂ, ଶୁବାସିନି ବିନ୍ଧାଣୀ, ଅନିମା କୋପଣ୍ଡିଆ, ଫୁଲମଣୀ ବିନ୍ଧାଣୀ ପ୍ରମୁଖ ପରିଚାଳନା କରିଥିଲେ ।

# ଫୁଲବାଣୀ ପୌରପରିଷଦର ନୂତନ ପୌରାଧକ୍ଷା ଦାୟିତ୍ୱ ନେଲେ ପାୟଲ



ଫୁଲବାଣୀ, (ସବ୍ୟୁ) : ଫୁଲବାଣୀ ପୌରପରିଷଦ ରେ ଦୀର୍ଘ ଦିନର ଅସ୍ଥିରତା ପରେ ପୌରଉପାଧକ୍ଷା ପାୟଲ ବେହେରା ଆନୁଷ୍ଠାନିକ ଭାବରେ ପୌରାଧକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ଜୁଲାଇ ମାସ ୨୩ ତାରିଖଠାରୁ ଅନାସ୍ଥା ପ୍ରସ୍ତାବ ବୈଠକରେ ଅନାସ୍ଥା ପ୍ରସ୍ତାବ କାୟମ ରହିବା ଯୋଗୁଁ ପୂର୍ବତନ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି ତାଙ୍କ ପଦବୀ ହରାଇଛନ୍ତି । ଫଳରେ ପୌରପରିଷଦର ନିୟମ ଅନୁସାରେ ଉପାଧକ୍ଷା ପାୟଲ ବେହେରା ଅଧକ୍ଷା ହୋଇଛନ୍ତି । ଗତ ୨୧ ତାରିଖରେ କନ୍ଧମାଳ ଜିଲ୍ଲାପାଳ ଓଡିଶା ମ୍ୟୁନିସିପାଲିଟି ଆକ୍ଟ-୮୯(ଏ)୧୯୫୦ ଅନୁସାରେ ଆନୁଷ୍ଠାନିକ ଭାବରେ ପୌରାଧକ୍ଷା ଭାବରେ ସମସ୍ତ ଆନୁଷ୍ଠାନିକ ସୁବିଧା ଏବଂ ଅଧିକାର ପ୍ରଦାନ କରିବାକୁ ଏକ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଆଜି ତାଙ୍କୁ ପୌରପରିଷଦ ପକ୍ଷରୁ ଆନୁଷ୍ଠାନିକ ଭାବରେ ପୌରାଧକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କ ନିକଟକୁ ପୌରାଞ୍ଚଳର ସମସ୍ତ କାଉନସିଲର ଓ ଶୁଭେଚ୍ଛୁ ମାନଙ୍କ ନିକଟରୁ ଶୁଭେଚ୍ଛାର ସୁଅ ଛୁଟିଛି । ସୁଚନା ଯୋଗ୍ୟ ଯେ, ପୂର୍ବତନ ପୌରାଧକ୍ଷାଙ୍କ ବିପକ୍ଷରେ ଫୁଲବାଣୀ ପୌରାଂଚଳର ସମସ୍ତ ୧୩ଟି ୱାର୍ଡର କାଉନସିଲର ମାନଙ୍କ ମଧ୍ୟରୁ ୧୧ ଜଣ ଅନାସ୍ଥା ପ୍ରସ୍ତାବ ଆଣି ଜିଲ୍ଲାପାଳଙ୍କୁ ଚିଠି ଜରିଆରେ ଜଣାଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତଙ୍କ ଅଧିକ୍ଷତାରେ ଏକ ବୈଠକରେ ଆଲୋଚନା କରାଯିବା ସହିତ ଆନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା । ଭୋଟରେ ସମୁଦାୟ ୧୧ ଜଣ ଅଂଶ ଗ୍ରହଣ କରଥିବା ବେଳେ ସେଥିରୁ ଗୋଟିଏ ଭୋଟ ନାକଚ ହୋଇ ଅନ୍ୟ ୧୦ ଟି ଭୋଟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଯାଇଥିଲା। ଫଳରେ ପୂର୍ବତନ ପୌରାଧକ୍ଷା ସ୍ମିତାରାଣି ମହାନ୍ତିତାଙ୍କର ପଦବୀ ହରାଇବା ସହିତ ଉପାଧକ୍ଷା ପାୟଲ ବେହେରା ମୁନିସିପାଲିଟିର ଆଇନ ଅନୁଯାଇୟୀ ଅଧକ୍ଷା ପଦବୀ ପାଇଁ ଯୋଗ୍ୟ ହୋଇଯାଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସକୁ ସେବା ସପ୍ତାହ ଭାବେ ପାଳିଲା ବିଜେପି



ବ୍ରହ୍ମପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସେବା ସପ୍ତାହ ପାଳିତ ହେଉଛି। ଏ ଅବସରରେ ବ୍ରହ୍ମପୁର ଭାରତୀୟ ଜନତା ପାର୍ଟି ତଥା ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାରଙ୍କ ନେତୃତ୍ୱରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଧାୟକଙ୍କ ସମେତ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଥିଲେ। ଏ ଅବସରରେ ମେଡ଼ିସିନ, ସର୍ଜରୀ, ଅର୍ଥପେଡ଼ିକ, ପେଡ଼ିଆଟିକ, ନ୍ୟୁରୋଲଜି, ନେଫ୍ରୋଲୋଜି, କାଡ଼ିଓଲୋଜି ଆଦି ପରୀକ୍ଷା କରାଯାଇଥିଲା। ସେହିଭଳି ଫିଜିଓଥେରାପି, ଇଏନଟି, ରକ୍ତ ସର୍କରା, ଉଚ୍ଚ ରକ୍ତଚାପ, ଇସିଜି ଆଦି ବିଭିନ୍ନ ପରୀକ୍ଷା କରାଯାଇଥିଲା। ୧ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପରୀକ୍ଷା ନୀରିକ୍ଷା କରାଯାଇ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ ସହ ସେମାନଙ୍କ ଘରେ ଛଡ଼ା ଯାଇଥିଲା। ସେହିଭଳି ୧ହଜାର ବ୍ୟକ୍ତିବିଶେଷଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଡ଼ା ସୁବାଷ ଚନ୍ଦ୍ର ସାହୁ, ବରିଷ୍ଠ ନେତା ପୀତାବାସ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ମେୟର ପ୍ରାର୍ଥନୀ ଡ଼ ସବିତା ସୁଆର, ପ୍ରଭାତ ଷଡ଼ଙ୍ଗୀ, ବନମାଳୀ ସେଠୀ, ବଦ୍ରି ନାରାୟଣ ନାୟକ, ସଞ୍ଜୟ ଜେନା, ପ୍ରଦୀପ ନାୟକ, ପ୍ରଦୀପ ମିଶ୍ର, ବିଷ୍ଣୁ ସୁବୁଦ୍ଧି, ରବିନ୍ଦ୍ର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଓ ଯୁବମୋର୍ଚ୍ଚାର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# କମ୍ରେଡ଼ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଞ୍ଜନଗର, (ସବ୍ୟୁ): ପ୍ରଗତିଶୀଳ ଗଣତାନ୍ତ୍ରିକ ସାମୁଖ୍ୟ, ଭଞ୍ଜନଗର, ଗଞ୍ଜାମ ତରଫରୁ ପ୍ରୟାତ ସାଥୀ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଆବାହକ ସୋମନାଥ ନାୟକଙ୍କ ସଭାପତିତ୍ୱରେ ବାଉଁଶଲୁଣ୍ଡି କୁର୍ମିକ୍ଷତ୍ରିୟ ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ରାଜନୈତିକ ଦଳର ନେତୃ ବର୍ଗ- ଆଇନଜୀବୀ ଅଭିମନ୍ୟୁ ଗୌଡ଼, ସିପିଏମ ଜିଲ୍ଲା ପ୍ରତିନିଧି ପ୍ରତାପ ଚୌଧୁରୀ, ସିପିଆଇ ପ୍ରତିନିଧି ବିଘ୍ନେଶ୍ୱର ସାହୁ, ବିଜୁ ଜନତା ଦଳର ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, କଂଗ୍ରେସର ପ୍ରଶାନ୍ତ ବିଷୋୟୀ, ଆମ ଆଦମୀ ପାର୍ଟିର କବିରାଜ ବେହେରା ଅତିଥି ରୂପେ ମଂଚାସୀନ ଥିଲେ। ସାଥୀ ନିରାକାର ନାୟକ ସିପିଆଇ ଏମଏଲ ଓ ଟୁନା ମଲ୍ଲିକ ସିପିଆଇ ଏମ ଏଲ ରେଡ଼ ଷ୍ଟାର ୟେଚୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଧୁରା କାମକୁ ସମ୍ପାଦନ କଲେ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ। ସିପିଆଇର ପ୍ରତିନିଧି ବିଘନେଶ୍ୱର ସାହୁ ସୀତାରା ୟେଚୁରି ଜଣେ ନମ୍ର, ବନ୍ଧୁ ଭାବାପର୍ଣ୍ଣ, ବହୁଭାଷୀ ବୋଲି ବକ୍ତବ୍ୟ ରଖିଥିଲେ । ଆମ ଆଦମୀ ପାର୍ଟିର ପ୍ରତିନିଧି କବିରାଜ ବେହେରା ,ବିଜେଡି ପ୍ରତିନିଧି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପ୍ରତାପ ଚୌଧୁରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ସମାଜସେବୀ ଗୋପାଳ ଚନ୍ଦ୍ର ଲଙ୍କା ଓ ଭଞ୍ଜ କିଶୋର ପ୍ରଧାନ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆଣ୍ଟି ର୍ୟାଗିଙ୍ଗ ଓ ଶୃଙ୍ଖଳା କମିଟି ବୈଠକ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସୋମବାର ଅପରାହ୍ନରେ ପୁରୁଣା ସିନେଟ ହଲ ଠାରେ ଆଣ୍ଟି ରେଗିଙ୍ଗ ଓ ଶୃଙ୍ଖଳା ବୈଠକ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସୂଚନା ପ୍ରକାରେ ଗତ ଶନିବାର ଦିନ ପ୍ରଥମ ବର୍ଷ ଛାତ୍ରଙ୍କୁ ଦ୍ୱିତୀୟ ବର୍ଷର ଛାତ୍ର ମାନେ ମାନସିକ ଯନ୍ତ୍ରଣା ଦେଇ ରେଗିଙ୍ଗ କରିଥିବା ନେଇ ଅଭିଯୋଗ ହୋଇଥିଲା । ୨୦୨୪ ଶିକ୍ଷା ବର୍ଷ ଲାଗି ପ୍ରଥମ ବର୍ଷରେ ନାମ ଲେଖାଇ ଥିବା ଛାତ୍ର ମାନେ ନୂତନ ଛାତ୍ରାସରେ ରହୁଛନ୍ତି। ଶନିବାର ଦିନ ରାତ୍ର ପ୍ରାୟ ୧୧ ଟା ସମୟରେ ଅନ୍ୟ ହଷ୍ଟେଲରେ ରହୁଥିବା କିଛି ଦ୍ୱିତୀୟ ବର୍ଷର ଛାତ୍ର ମାନେ ସେଠାକୁ ଯାଇ ପ୍ରଥମ ବର୍ଷ ଛାତ୍ର ମାନଙ୍କୁ ନାମ, ଠିକଣା ସହ ହବି ଉପରେ ପଚାରିବା ସହ ରାତି ତମାମ ସେମାନଙ୍କୁ ନାଚ, ଗୀତ କରାଇଥିଲେ। ଏଥିରେ ଶିକାର ହୋଇଥିବା ଛାତ୍ର ଆଣ୍ଟିରେଗିଙ୍ଗ ସେଲକୁ ଜଣାଇଥିଲେ। ସେଲ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ତାହାର ତଦନ୍ତ ପାଇଁ ନିର୍ଦ୍ଦେଶ ମିଳିବା ପରେ ରବିବାର ରାତିରେ ହଷ୍ଟେଲ ୱାଡେନ ଏବଂ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ମାନେ ହଷ୍ଟେଲ ଯାଇ ପିଲାଙ୍କ ସହ ଆଲୋଚନା କରିବା ସହ ପ୍ରତ୍ୟେକ ହଷ୍ଟେଲ ବୁଲି ଘଟଣା ସମ୍ପର୍କରେ ତଦାରଖ କରିଥିଲେ । ଏନେଇ ସୋମବାର ବୈଠକ କରାଯାଇ ବିଭିନ୍ନ ବିଷୟରେ ଆଲୋଚନା ହୋଉଥିଲା ।

# ମାରିସା ପକ୍ଷରୁ ପିଆର୍‌ଏମ ମେଡିକାଲ୍ କଲେଜକୁ ପୂର୍ଣ୍ଣାଙ୍ଗ ମାନ୍ୟତା ଦାବି



ବାରିପଦା, (ସବ୍ୟୁ) : ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମରିସା) ର ରାଜ୍ୟସଭାପତି ଅର୍ଜ୍ଜୁନ୍ ମୁର୍ମୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୨୦୧୭ ମସିହାରେ ବାରିପଦାଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ୍ ଆରମ୍ଭ ହୋଇଥିଲା । ଜିଲ୍ଲାରେ ମେଡିକାଲ୍ କଲେଜ୍ ଏଣ୍ଡ ହସ୍ପିଟାଲ ପ୍ରତିଷ୍ଠା ହେବାପରେ ସ୍ୱାସ୍ଥ୍ୟ ସେବାର ସୁଧାର ଆସିବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ଏବେ ଧୂଳିସାତ୍ ହୋଇଛି। ଜିଲ୍ଲାରେ ୧୦୨୪ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୪୩୨ଜଣ ଡାକ୍ତର ରହିଛନ୍ତି। ୫୯୨ଟି ଡାକ୍ତର ପଦ ଫାଙ୍କା ପଡିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଗୁରୁତର ପ୍ରଭାବିତ ହେଉଛି । ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଏବେ ଜନସଂଖ୍ୟା ପ୍ରାୟ ୨୮ଲକ୍ଷ ୭୦ହଜାର ୬୪୭ହଜାର ଥିବାବେଳେ ସେମାନଙ୍କ ଚିକିତ୍ସା ପାଇଁ ମାତ୍ର ୪୩୨ଜଣ ଡାକ୍ତର ଅଛନ୍ତି। ଅଧାରୁ ବି କମ୍ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଛି । ୧୪୭୦ଟି ନର୍ସିଂ ଅଫିସର ମଧ୍ୟରୁ ୬୬୧ଟି ପଦବି ଖାଲି ପଡିଛି। ସେହିପରି ୩୨ଟି ରେଡିଓଗ୍ରାଫାର୍ ମଧ୍ୟରୁ ୨୪, ୧୨୩ଜଣ ଲାବ୍ ଟେକ୍ନିସିଆନ୍ ମଧ୍ୟରୁ ୩୯, ୧୯୬ଜଣ ଫାର୍ମାସି ଅଫିସର ମଧ୍ୟରୁ ୬୨, ୩୨୬ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମଧ୍ୟରୁ ୧୦୮, ୭୨୦ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମଧ୍ୟରୁ ୧୭୯, ୭୦ଟି କିରାଣି ପଦବୀ ମଧ୍ୟରୁ ୨୫ଟି ପଦବି ଶୂନ୍ୟ ପଡିଛି ଓ ଫଳରେ ଡାକ୍ତର, କର୍ମଚାରୀ ସମେତ ଭିତ୍ତିଭୂମି ଅଭାବରୁ ସାଧାରଣ ରୋଗୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ଭଳି ଘଟଣା ଦେଖିବାକୁ ମିଳୁଛି। ତତ୍‌ସହିତ ମୟୂରଭଞ୍ଜ ଜିଲ୍ଲା ଆୟତନରେ ବଡ ହୋଇଥିବାରୁ କମ୍ ସଂଖ୍ୟକ ଆମ୍ବୁଲ୍ୟାନ୍ସ ଯୋଗୁଁ ସମସ୍ତଙ୍କୁ ଠିକ୍ ସମୟରେ ସେବା ମିଳିପାରୁନାହିଁ। ତେଣୁ ସମସ୍ତ ବିଭାଗ ଖୋଲାଯିବା ସହ ବିଭିନ୍ନ ବିଭାଗ ପାଇଁ ବିଶେଷଜ୍ଞ ଡାକ୍ତର, କର୍ମଚାରୀ, ଆମ୍ବୁଲ୍ୟାନସ୍ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ପୂରଣ ପାଇଁ ମାରିସା ପକ୍ଷରୁ ଦୃଢ ଦାବୀ କରାଯାଇଛି । ୨୦୧୭ ମସିହାରେ ବାରିପଦାଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ୍ ଏବଂ ୨୦୧୮ ମସିହାରେ ବାଲେଶ୍ୱରଠାରେ ଫକୀର ମୋହନ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ୍ ନିର୍ମାଣ ହୋଇଥିଲା। କିନ୍ତୁ ଫକୀର ମୋହନ ମେଡିକାଲ କଲେଜ ବାଲେଶ୍ୱରଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବାବେଳେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ୍ ଏଣ୍ଡ ହସ୍ପିଟାଲ୍ ବାରିପଦାଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇନାହିଁ। ତାଙ୍କ ଲିପିରେ ମେଡ଼ିକାଲ୍‌ର ମୁଖ୍ୟ ଫାଟକରେ ଇଂରାଜୀ ଓଡିଆ ସହିତ 'ଅଲଚିକି'ରେ ନାମଫଳକ ଲେଖାଯାଉ ନାହିଁ। ଯାହାକି ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସିଧାସଳଖ ଅସମ୍ମାନ ସହିତ ଆଦିବାସୀ ଭାବନାକୁ କୁଠାରଘାତ କରାଯାଉଛି । ଏହା ସାନ୍ତାଳୀ ଭାଷାପ୍ରେମୀ ମାନଙ୍କ ମନରେ ଗଭୀର ମାନସିକ ଆଘାତ ଦେଇଛି। ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ସହ ଅଲଚିକିରେ ନାମ ଫଳକ ଲେଖାନଗଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବବୋଲି ମାରିସା ରାଜ୍ୟ ସଭାପତି ଅର୍ଜ୍ଜୁନ ମୁର୍ମୁ ପ୍ରେସ୍ ମାଧମରେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜ୍ଜୁନ ମୁର୍ମୁଙ୍କ ସମେତ ମୟୂରଭଞ୍ଜ ଜିଲ୍ଲା ସଭାପତି ତୋଫାନ୍ ହେମ୍ବ୍ରମ୍, ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି ଓ ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମୁର୍ମୁ , ଜିଲ୍ଲା ଛାତ୍ର ସଭାପତି ଶ୍ୟାମ ସୁନ୍ଦର ହାଁସଦାଃ, ସାଧାରଣ ସମ୍ପାଦକ ଅରବିନ୍ଦ ଟୁଡୁ ଏବଂ ଉପସଭାପତି ଦିପୁ ବେଶ୍ରା, ଶୁଳିଆପଦା ବ୍ଲକ୍ ଛାତ୍ର ସଭାପତି ରାଜୁ ମାର୍ଣ୍ଡି, ସାଓ୍ୱନା ହେମ୍ବ୍ରମ୍, ଚାନ୍ଦ୍ରାୟ ସୋରେନ୍ ଓ ସଂଗ୍ରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, (ସବ୍ୟୁଂ: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଜ ସିତାପୁର ନିକଟରେ ଥିବା ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଠାରେ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ, ଜିଲ୍ଲା କର୍ମ ନିୟୋଜନ ବିଭାଗ ଏବଂ କ୍ରିଷ୍ଣାପାଟନମ ସିକ୍ୟୁରିଟି ସର୍ଭିସ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଗଜପତି ଜିଲ୍ଲାର ୩୦ ଜଣ ଯୁବକ ଯୁବତୀଙ୍କୁ ଆସିଷ୍ଟାଣ୍ଟ ସରଭେୟର ବିଷୟରେ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏଥିରେ ଗଜପତି ଜିଲ୍ଲାର ପ୍ରାୟ ୩୦ ଜଣ ମେଟ୍ରିକ୍ ପାସ କରିଥିବା ଯୁବକ ଯୁବକ ଯୁବତୀଙ୍କୁ ମାଗଣାରେ ଆବାସିକ ତାଲିମ ଓ ନିଯୁକ୍ତି ଯୋଗାଇ ଦିଆଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଦକ୍ଷତା ବିକାଶ ଓ ଜିଲ୍ଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଏବଂ କ୍ରୀଷ୍ଣାପାଟନାମ ସିକ୍ୟୁରିଟି ସର୍ଭିସ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଏଚଓଡି : ସ୍କିଲ ଡ଼ଃ ପୁଲ୍ଲା ରାଓଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।ଏହି ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ମିଆଦୀ ତାଲିମ କାର୍ଯ୍ୟକ୍ରମ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କେମ୍ପସ ଠାରେ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲାର ଆଗ୍ରହୀ ଓ ଇଚ୍ଛୁକ ଥିବା ଛାତ୍ରଛାତ୍ରୀ ମାନେ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏବଂ ସାମିଲ ହେବା ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିୟୋଜନ(ଏମ୍ପ୍ଲୟମେଣ୍ଟ) କାର୍ଯ୍ୟାଳୟ ଆସି ନଚେତ ମୋବାଇଲ ନମ୍ବର- ୯୮୨୭୯ ୪୬୮୮୪ ରେ ଯୋଗାଯୋଗ କରିପାରିବେ । ଏହି ଅବସରରେ ଡାଇରେକ୍ଟର ଆର.ଏଣ୍ଡ.ଡି.ବିଶ୍ ସମୁଦ୍ର ଡ଼ଃ ରାଙ୍ଗାରାଓ ,ରେଜିଷ୍ଟ୍ରାର ସିୟୁଟିଏମ ପ୍ରଫେସର ଅନିତା ପାତ୍ର, ଡାଇରେକ୍ଟର ଡ଼ଃ ଦୁର୍ଗା ପ୍ରସାଦ ପାଢ଼ୀ, ଡିନ ସ୍କୁଲ ଅଫ ଇଞ୍ଜିନିୟରିଂ ପ୍ରଫେସର ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଭସାଣିରେ କଟପ୍ପା ,ଆଦିବାସୀ ନୃତ୍ୟ

ସାଲେପୁର,(ସବ୍ୟୁ) : ସାଲେପୁର ରୋଧପୁର ସ୍ଥିତ ଇଲେଭେନ ଷ୍ଟାର ଓ ଶାରଳା କ୍ଲବର ଗଣେଶ ଭସାଣି ହୋଇଯାଇଛି । ଗଣେଷଙ୍କ ବିଗ୍ରହକୁ ପୂଜା ମଣ୍ଡପରୁ ବାହାର କରି ସାଲେପୁର କଲେଜ ରୋଡ ରୋଧପୁର ଗ୍ରାମ ଦେଇ ସାଲେପୁର ବଜାର ପରିକ୍ରମା କରିଥିଲା । ତାପରେ ମେଢ ଗୁଡିକ କଲେଜ ପାଖ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା । ଭସାଣି ଉତ୍ସବକୁ ଅଧିକ ଆକର୍ଷଣ କରିବାପାଇଁ ବିଭିନ୍ନ ପ୍ରକାର ବାଦ୍ୟନୃତ୍ୟ ସହ ଆଦିବାସୀ ନୃତ୍ୟ ଓ କଳାହାଣ୍ଡିର କଟପ୍ପା ବେଶ ଆକର୍ଷଣ ପାଲଟିଥିଲା । ଏହିଭସାଣି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୁଲୁରେଜ ଅଲ୍ଲୀ, ବିନୋଦ ମଲ୍ଲିକ,ଆନନ୍ଦ ସାମଲ,ପ୍ରରବେଶ



ଅଲ୍ଲୀ, ରାଜେଶ ଦାସ,ଜୀବନ ଜ୍ୟୋତି ଦାସ, ବିଶ୍ୱଜିତ ଦାସ,ସଞ୍ଜୟ ନାୟକ,ଜୟନ୍ତ ଦାସ,ମନୋଜ ସାମଲ,ମାନସ ମଲ୍ଲିକ, ମୁସରଫ ଅଲ୍ଲୀ, ମନୁ ସାମଲ, କାଳିଆ ସାମଲ ,ସାରଦା ମହାପାତ୍ର ,କେଦାର କାଣ୍ଡି,ଆଶିଷ ମଲ୍ଲିକ, ତ୍ରବେଶ ଅଲ୍ଲୀ, ମୃତ୍ୟୁଞ୍ଜୟ ନାୟକ , ସନ୍ତୋଷ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ସହ ଭାଷଣୀ ସମାପନ ହୋଇଥିଲା ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ପରିସରରେ ଆଜି ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଚାଲିଥିବା ବେଳେ ଶିବିର ସମ୍ମୁଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏଥିପାଇଁ ଦୀର୍ଘ ୨ଘଣ୍ଟା ଧରି ଜଗତସିଂହପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ରଘୁନାଥପୁର ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଘଟଣାରୁ ପ୍ରକାଶ, ଆଜି ବ୍ଲକ ପରିସରରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଜିଲ୍ଲାର ଏବଂ ବ୍ଲକର ଅଧୀକାରି ମାନଙ୍କୁ ନେଇ ଯୁଗ୍ମ ଅଭିଯୋଗ ଶୁଣାଣୀ କରୁଥିବାବେଳେ ରଘୁନାଥପୁର ଗ୍ରାମର ନାରାୟଣ ଜେନାଙ୍କ ସ୍ତ୍ରୀ କନକଲତା ଜେନା ଏବଂ ବ୍ରହ୍ମଣଭୁଇଁ ଗ୍ରାମର ସରୋଜ କୁମାର ଶତପଥୀ ହାତରେ ପେଟ୍ରୋଲ ବୋତଲ ଧରି ସେଠାରେ ପହଂଚି ହଠାତ ନିଜ ଦେହରେ ଉକ୍ତ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରୁଥିବା ଖବରପାଇ ତତକ୍ଷଣାତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପଣ୍ଡା, ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି, ଏସଆଇ ଯୋଗେଶ୍ୱର ବେହେରା, ଏସଆଇ ରିତାଞ୍ଜଳି ନାୟକ ସେଠାରେ ପହଂଚି ଉଭୟଙ୍କୁ କାବୁ କରି ନେଇଥିଲେ। ମାତ୍ର ଉକ୍ତ ଦୁଇଜଣ ସେଠାରେ ଦୁଇଘଣ୍ଟା ଧରି ରଘୁନାଥପୁର ପୋଲିସ ବିରୁଦ୍ଧରେ ହଙ୍ଗାମା କରିଥିଲେ। ଉଭୟଙ୍କୁ ପୋଲିସ ପ୍ରଥମେ ରଘୁନାଥପୁର ମେଡିକାଲରେ ଚିକିତ୍ସା କରାଇ ପରେ ଥାନାକୁ ନେଇ ବୁଝାଶୁଝା କରି ଛାଡି ଦେଇଥିଲେ। ଆଜିର ଏହି ଯୁଗ୍ମ ଶିବିରରେ ମୋଟ ୧୧୦ଟି ଅଭିଯୋଗ ପଞ୍ଜିକୃତ କରା ଯାଇଥିଲା। ସେଥି ମଦ୍ୟରୁ ବ୍ୟକ୍ତିଗତ ସମସ୍ୟା ସଂମ୍ପର୍କିୟ ୯୫ଗୋଟି, ଗୋଷ୍ଠିଗତ ସମସ୍ୟା ସଂମ୍ପର୍କିୟ ଓ ଗ୍ରାମ୍ୟ ସମସ୍ୟା ସଂମ୍ପର୍କିୟ ୧୫ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧିୟ ୧୯ଟି, ଆବାସ ଯୋଜନା ସଂମ୍ପର୍କିୟ ୨୫ଟି, ଜମିଜମା ସମସ୍ୟା ସଂମ୍ପର୍କିୟ ୧୩ଟି, ପେନସନ ପାଇଁ ୭ଟି, ପୋଲିସ ସହାୟତା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୨୫ଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା। ୨ଟି ଅଭିଯୋଗର ତତକାଳ ଫଇସଲା କରା ଯାଇଥିଲା। ଏହି ମିଳିତ ଜନଶୁଣାଣୀ ଅଭିଯୋଗ ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରି ରବି ନାରାୟଣ ଜେଠି, ଉପ ଜିଲ୍ଲାପାଳ ବିଭୁଧ ଗଡନାୟକ, ଜିଲ୍ଲା ଶିକ୍ଷାଧୀକାରି ନିରଂଜନ ବେହେରା, ରଘୁନାଥପୁର ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡିଓ ନମୀତା ବାରିକ, ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ଅଧୀକାରି ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ।

# ସାଇନ୍ସ ସେମିନାର ଓ କୁଇଜ ପ୍ରତିଯୋଗିତା

ମହାକାଳପଡ଼ା,(ସବ୍ୟୁ) :କେନ୍ଦ୍ରାପଡ଼ା ଶିକ୍ଷାଜିଲ୍ଲା ଅଧୀନ ମହାକାଳପଡ଼ା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ହାଇସ୍କୁଲ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜୁନିଅର, ସବଜୁନିଅର ଓ ସେକେଣ୍ଡାରୀ ବର୍ଗ ଭାବେ ସୋମବାର ଚଡାଇଗୁଆଁ ହାଇସ୍କୁଲ ଠାରେ ମଣ୍ଡଳ ସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏତଦ ବ୍ୟତୀତ ବ୍ଲକ ଅଧୀନ ୪୪ଗୋଟି ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ କୃତ୍ରିମ ଜ୍ଞାନ ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କୁଇଜ ପ୍ରତିଯୋଗିତାରେ ପ୍ରାଥମିକ ଉଚ୍ଚପ୍ରାଥମିକଓ ସେକେଣ୍ଡାରୀ ରୁ ସମୁଦାୟ ୧୫୦ଜଣ ଓ ସାଇନ୍ସ ସେମିନାରରେ ୩୯ଛାତ୍ରଛାତ୍ରୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ଉଦ୍ଘାଟନୀ ପର୍ବରେ ସ୍ଥାନୀୟ ବିଡ଼ିଓ ସାଗର କୁମାର ନନ୍ଦ ମୁଖ୍ୟ ଅତିଥି ଓ ମାର୍ଶାଘାଇ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡକ୍ଟର ପ୍ରଭାତ ରଞ୍ଜନ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସହଯୋଗୀ ଭାବେ ମଣ୍ଡଳ ଶିକ୍ଷାଧିକାରୀ ତନ୍ମୟ ବେଉରା, ଏବିଓ ଅକ୍ଷୟ ମହାପାତ୍ର, ବିଚିତ୍ରାନନ୍ଦ ସାମଲ ଓ ଯୁଗରୂପା ବିଦ୍ୟାଭବନ ଚଡାଇଗୁଆଁ ର ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଉପସ୍ଥିତ ଥିଲେ । କୁଇଜ ପ୍ରତିଯୋଗିତାରେ ଜୁନିଅର ବର୍ଗରେ ଅର୍ଜିତ ପ୍ରତିହାରୀ, ବିଜୟ ନଗର ପ୍ରାଥମିକ ବିଦ୍ୟାଳୟ ପ୍ରଥମ ହୋଇଛନ୍ତି । ସବଜୁନିଅର ବର୍ଗରେ ସନ୍ତୋଷ ବାରିକ, ଗାନ୍ଧିଜୀ ବିଦ୍ୟାପୀଠ ପ୍ରଥମ ଓ ସେକେଣ୍ଡାରୀ ରେ ଭାଗ୍ୟ ଲକ୍ଷ୍ମୀ ବେହେରା ପ୍ରଥମ ସ୍ଥାନହାସଲ କରିଛନ୍ତି । ପ୍ରତ୍ୟେକ ବର୍ଗରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ରେ ଥିବା ପ୍ରତିଯୋଗୀ ଭାବେ ସମୁଦାୟ ତିନିଗୋଟି ବର୍ଗରେ ୯ଜଣ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା । କିନ୍ତୁ ସେମିନାରର ଜଣେ ମାତ୍ର ସର୍ବୋତ୍କୃଷ୍ଟ ପ୍ରତିଯୋଗୀ କୁ ପୁରସ୍କୃତ କରାଯିବା ସହିତ ଜିଲ୍ଲାସ୍ତରରେ ଉତ୍ତମ ଦକ୍ଷତା ପ୍ରଦର୍ଶନ ନେଇ ଶୁଭ କାମନା କରିଛନ୍ତି ମଣ୍ଡଳ ଶିକ୍ଷାଧିକାରୀ । ଉଦଯାପନୀ ଉତ୍ସବରେ ସମସ୍ତ କ୍ଲଷ୍ଟରର ସିଆରସିସି ପ୍ରାଥମିକ ଶିକ୍ଷକ ସଙ୍ଘ ର କର୍ମକର୍ତ୍ତା ଶିଶିର ଦାସ ଓ ଅମୀୟ ଚୌଧୁରୀ ଆଦି ଶିକ୍ଷାଧିକାରୀଙ୍କ ସହିତ ସାମିଲ ରହି ପୁରସ୍କୃତ କରିଛନ୍ତି ।

# ବିପର୍ଯ୍ୟସ୍ତ ରାସ୍ତାର ପ୍ରତିବାଦ

ଡେରାବିଶ ,(ସବ୍ୟୁ) : ଡେରାବିଶ ବ୍ଲକ ଦାନପୁର ପଂଚାୟତ କେଶରପୁର ମହାଜନସାହିର ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାବେଳେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଏହି ରାସ୍ତା ପୁନଃରୁଦ୍ଧାର ହୋଇପାରୁନଥିବାବେଳେ ଆଜି ଗ୍ରାମବାସୀମାନେ ପୁଲିସ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ କେଶରପୁର ଗ୍ରାମର ୧ନଂ ୱାର୍ଡ ଅଧିବାସୀମାନଙ୍କର ଯାତାୟତ ପାଇଁ ଏହି ରାସ୍ତା ଉଦ୍ଦିଷ୍ଟ । ପ୍ଲଟ୍ ନଂ–୩୯୭୩ ଓ ୩୯୮୭ ଯାହାକି ପୋଲଠାରୁ ଏହି ଗ୍ରାମକୁ ସଂଯୋଜ କରୁଅଛି, ସେହି ସ୍ଥାନକୁ ଜବରଦଖଲରେ ରଖାଯିବାଦ୍ୱାରା ରାସ୍ତା ସଂକୁଚିତ ହୋଇଯିବାରୁ ପଂଚାୟତ ପକ୍ଷରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ । ପୂର୍ବରୁ ଏହି ମାମଲାରେ ଗ୍ରାମବାସୀ ପୁଲିସ୍ ପ୍ରଶାସନର ଦ୍ୱାରସ୍ଥ ହେବାପରେ ପଂଚାୟତ ପକ୍ଷରୁ ମାପଚୁପ୍ କରାଯାଇଥିଲେ ମଧ୍ୟ ଅବରୋଧକାରୀମାନେ ଏହାକୁ ନମାନିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ କର୍ଦ୍ଦମାକ୍ତ ହୋଇପଡିଥିବା ଏହି ରାସ୍ତାରେ ବର୍ଷାହେଲେ ଗ୍ରାମବାସୀମାନେ କାଦୁଅବନ୍ଦିରେ ରହିବାକୁ ବାଧ ହେଉଛନ୍ତି । ଏହି ଅବସରରେ ଏହାର କୌଣସି ସ୍ଥାୟୀ ସମାଧାନ ନବାହାରିବାରୁ ଆଜି ମହାଜନସାହି ବାସିନ୍ଦାମାନେ ଚାନ୍ଦୋଳ ଫାଣ୍ଡିକୁ ଯାଇ ଏହାର ପ୍ରତିବାଦ କରି ଅବରୋଧ ହଟାଇବାକୁ ଦାବି ଜଣାଇଥିଲେ । ଚାନ୍ଦୋଳ ଫାଣ୍ଡି ଅଧିକାରୀ ଖୁବ୍‌ଶିଘ୍ର ଡେରାବିଶ ତହସିଲ୍ କାର୍ଯ୍ୟାଳୟକୁ ଅବଗତ କରାଇ ଏହାର ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ତେବେ ଏହି ଘଟଣାର ଯଦି ତୁରନ୍ତ ସ୍ଥାୟୀ ସମାଧାନ ନହୁଏ ତେବେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ହରେକୃଷ୍ଣ ରଥ ପ୍ରକାଶ କରିଥିଲେ ।

# ପାରାଦୀପରେ ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ

ପାରାଦୀପ ,( ଜି. ପ୍ର ) :ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ସଚେତନତା ଦିବସ ହେଉଛି ଏକ ବିଶ୍ୱ ଅଭିଯାନ, ଯେଉଁଥିରେ ପୃଥିବୀର ୧୨ ମିଲିୟନରୁ ଅଧିକ ଲୋକ ଏକତ୍ରିତ ହୋଇ ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଯୋଗଦାନ କରନ୍ତି, ଯାହା ଏକ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ସେପ୍ଟେମ୍ବରରେ ସମଗ୍ର ବିଶ୍ୱରେ ଆୟୋଜିତ ହୋଇଥାଏ । ଭାରତୀୟ ତଟରକ୍ଷକ ପ୍ରତିବର୍ଷ ବିଭିନ୍ନ କେନ୍ଦ୍ର ଏବଂ ରାଜ୍ୟ ସଂସ୍ଥାନ, କର୍ପୋରେଟ୍ ସେକ୍ଟର ଏବଂ ବେସରକାରୀ ସଂଗଠନଙ୍କ ସହଯୋଗରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସର ଆୟୋଜନ କରିଥାଏ ।



ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ୨୦୨୪ ଅବସରରେ ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ ତରଫରୁ ପାରାଦୀପ ସମୁଦ୍ର ବେଳାଭୂମିରେ ଓ ଉପକୂଳ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତଟରକ୍ଷକ କର୍ମଚାରୀ ଓ ତାଙ୍କ ପରିବାର, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍ ସହିତ ମୋଟ ୪୫୦ ସହଭାଗୀ ଉତ୍ସାହର ସହିତ ଯୋଗଦେଇଥିଲେ । ସେମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ସହିତ ମୋଟ ୯୦୦ କିଲୋଗ୍ରାମ୍ ଆବର୍ଜନା ସଂଗ୍ରହ କରିଥିଲେ ଏବଂ ଏକ ସ୍ୱାସ୍ଥ୍ୟକର ପରିବେଶ ପାଇଁ ସ୍ୱଚ୍ଛ ଉପକୂଳ, ସୁରକ୍ଷିତ ସମୁଦ୍ର ଏବଂ ପ୍ଲାଷ୍ଟିକ ବର୍ଜ୍ୟ ମୁକ୍ତ ପରିବେଶର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ ।

# ଓଡିଶା ଆଇନଜୀବୀ ପରିଷଦ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ଗୋବର୍ଦ୍ଧନ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ର ବରିଷ୍ଠ ଆଇନଜୀବି ଗୋବର୍ଦ୍ଧନ ରାଉତ ଓଡିଶା ରାଜ୍ୟ ଆଇନଜୀବି ପରିଷଦ ର ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି । ଗତ ୨୨ ତାରିଖ ରାଜ୍ୟ ଆଇନଜୀବି ପରିଷଦ ତରଫରୁ ୩ ଜଣ ବରିଷ୍ଠ ଆଇନଜୀବିଙ୍କୁ ପରିଷଦର ଶୃଙ୍ଖଳାଗତ କମିଟିରେ ମନୋନିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବରିଷ୍ଠ ଆଇନଜୀବି ଦିନେଶ ଚନ୍ଦ୍ର ରାୟ ଓ ମାନସ କୁମାର ଚାନ୍ଦ ରହିଥିବା ବେଳେ ପରିଷଦର ଚେୟାରମ୍ୟାନ ସୀତାଂଶୁ



ମୋହନ ଦ୍ୱେବେଦୀ କେନ୍ଦ୍ରାପଡା ବାର ଆସୋସିଏସନ ର ବରିଷ୍ଠ ଆଇନଜୀବି ଗୋବର୍ଦ୍ଧନ ରାଉତଙ୍କୁ କୋ–ଅପଟି ସଦସ୍ୟ ଭାବେ ମନୋନିତ କରିଥିଲେ । ସେମାନଙ୍କ ମଧ୍ୟରୁ ବରିଷ୍ଠତା ଭିତିରେ ଶ୍ରୀଯୁକ୍ତ ରାଉତଙ୍କୁ ଶୃଙ୍ଖଳାଗତ କମିଟିର ଚେୟାରମ୍ୟାନ ଭାବେ ମନୋନିତ କରାଯାଇଛି । କେନ୍ଦ୍ରାପଡା ଆଇନଜୀବି ସଂଘ ପକ୍ଷରୁ ପ୍ରଥମ ଥର ଲାଗି ରାଜ୍ୟ ଆଇନଜୀବି ପରିଷଦ କୁ ଶ୍ରୀ ରାଉତ ମନୋନିତ ହୋଇଥିବାରୁ ଜିଲ୍ଲା ଓକିଲ ସଂଘ ତରଫରୁ ସଭାପତି ଧ୍ରୁବ ଚରଣ ଜେନାଙ୍କ ସମେତ ଭୀମସେନ ଭୂୟାଁ, ନିହାର ମହାପାତ୍ର, କୁ ବିହାରୀ ପରିଡା, ନିରନ ବଳ, ସ୍ମୃତି ରନ ସିଂହ, ସେଜ ଅଜିମୁଦ୍ଦିନ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି ।

# କୋର୍ଟ ନିର୍ଦ୍ଦେଶରେ ହାଇୱା ଗାଡି ଜବତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା କୁମାରୀ ଅଂଚଳରୁ କିଛି ମାସ ତଳେ ଜଣେ ଠିକାଦାର ବେଆଇନ ଭାବେ ହାତେଇନେଇଥିବା ଏକ ହାଇୱା ଟ୍ରକକୁ ଆଜି ପୁଲିସ ଜାରକା ଶିଳ୍ପାଂଚଳରୁ ଜବତ କରିଛି । ସୂଚନା ମୁତାବକ ଗତ ୨୦୨୩ ମସିହାରେ ଜାରକା ଅଂଚଳର ଠିକାଦାର ଅକ୍ଷୟ କୁମାର ନାୟକ କୁମାରୀ ଅଂଚଳର ସୋମ୍ୟ ରଞ୍ଜନ ରଣସିଂଥନଙ୍କ ଠାରୁ ଏକ ହାଇୱା ଗାଡି ବେଆଇନ ଭାବେ ହାତେଇ ନେଇଥିଲେ । ଏନେଇ ସୋମ୍ୟ ଥାନାରେ କେଶ କରି ବିଫଳ ହେବା ପରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଧର୍ମଶାଳା ପୁଲିସ ଉକ୍ତ ହାଇୱା ଗାଡିକୁ ଜାରକା ଶିଳ୍ପାଂଚଳରେ ଥିବା ଅକ୍ଷୟଙ୍କ କାର୍ଯ୍ୟାଳୟ ପରିସରରୁ ଜବତ କରିଛି ।

# ବିବାହିତା ମହିଳାଙ୍କୁ ବ୍ଲାକମେଲିଂ ଘଟଣା:ଅଭିଯୁକ୍ତ କୋର୍ଟ ଚାଲାଣ

କୁଆଁପାଳ,(ସବ୍ୟୁ) :ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୋତରା ଅଞ୍ଚଳର ଜୈନିକା ବିବାହିତା ମହିଳାଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ,ଗୋତରା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ପଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଗୁଆ ଅଞ୍ଚଳର ଅଭିଯୁକ୍ତ କୁହାଯାଉଥିବା ଚନ୍ଦୁ ବିଶ୍ୱାଳଙ୍କୁ ଭଦ୍ରେଶ୍ୱର ଥାନା ପୁଲିସ କେସ ନଂ ୧୩୨/୨୪ ରେ ଗିରଫକରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି। ସୂଚନା ଯୋଗ୍ୟ,ଅଭିଯୁକ୍ତ ଚନ୍ଦୁ ପୀଡିତା ମହିଳାଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ଅର୍ଥ ଦାବି କରିବା ସହ ଟଙ୍କା ନମିଳିଲେ ଏଡିଟିଙ୍ଗ କରି ଅଶ୍ଳୀଳ ଫଟୋ ଭାଇରାଲ କରିବା ପାଇଁ ଧମକ ଦେବା ସମ୍ପର୍କରେ ମହିଳାଙ୍କ ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏପରିକି ମହିଳାଙ୍କ ପକ୍ଷରୁ କଟକ ଗ୍ରାମାଞ୍ଚଳ ଏସପି ଓ ଓଡିଶା ମାନବାଧିକାର ଆୟୋଗଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ। ଏଚଆରପିସିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରେଶ୍ୱର ଥାନା ଆଇଆଇସି କାବୁଲି ବାରିକଙ୍କ ନେତୃତ୍ୱରେ ଏକ ୬ ଜଣିଆ ପୋଲିସ ଟିମ ମହାରାଷ୍ଟ୍ର ପୁନେର ପିମ୍ପିର ଥାନାର ଅଞ୍ଚଳରୁ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଭଦ୍ରେଶ୍ୱର ଥାନାକୁ ଆଣିବାପରେ ଆଜି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏକ ସମ୍ବର୍ଦ୍ଧନା ସଭା ସଭାପତି ଚିତରଂଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବ ନିଯୁକ୍ତ ୧୪ ଜଣ ସାଧନ କେନ୍ଦ୍ର ସଂଜଯୋକ ଓ ଗଣ ଶିକ୍ଷକରୁ ନିୟମିତ ଶିକ୍ଷକ ହୋଇଥିବା ୨୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପ ଢୌକନ ଓ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ମହେନ୍ଦ୍ର ମଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂଘ ଉପଦେଷ୍ଟା ନୀଳମଣି ଦାସ ଶିକ୍ଷକମାନେ ସମାଜର ମେରୁ ଦଣ୍ଡ ସେମାନେ ନିଷ୍ଠାର ସହ କାର୍ଯ୍ୟକଲେ ସୁନାମ ଆସିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ପ୍ରାକ୍ତ ସଭାପତି ବିଜୟ କୁମାର ଷଡଙ୍ଗୀ ଶିକ୍ଷକତା ବୃତିରେ ସଫଳତା ଓ ସୁନାମ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ବର୍ଦ୍ଧିତ ସିଆରସିସି ଜିତେନ୍ଦ୍ର କୁମାର ସାହୁ, ବିଜୟ କୁମାର ସାହୁ, ବସନ୍ତ କୁମାର ସାମଲ, ବିରଜା ଲକ୍ଷ୍ମୀ ସାହୁ, ସଂଜିବ ସୁତାର, ପ୍ରଭାତ ନାଥ, ଚିନ୍ମୟ ପାତ୍ର ପ୍ରମୁଖ କର୍ମକର୍ତାଙ୍କୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀବସ୍ ସାହୁ ଅରୁଣା ଦ୍ୱିବେଦୀ, ଦିବାକର ସାହୁ, କାର୍ତିକେଶ୍ୱର ଭୂଇଁଆ, ସ୍ମାରକ ରଂଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସଂଜିବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କୋମଳମତି ଶିଶୁ ଓ ପ୍ରସୂତି ମହିଳାଙ୍କୁ ନିମ୍ନମାନର ଛତୁଆ

ରାଜନଗର,(ସବ୍ୟୁ) : କୋମଳମତି ଶିଶୁ ଓ ପ୍ରସୂତି ଏବଂ ଗର୍ଭବତୀ ମା'ମାନଙ୍କ ଜୀବନ ସହ ଖେଳଚାଲିଛି । ପୃଷ୍ଟିକର ଛତୁଆ ବଦଳରେ ନିମ୍ନ ମାନର ଗୋରୁକୁଣ୍ଡକୁ ଓ କୁକୁଡ଼ା ପେଟ, ଛେଳୀ ପେଟକୁ ଯିବାଭଳି ଖାଦ୍ୟ ପ୍ରଦାନ କରାଯାଉଛି । ପୂର୍ବରୁ ଏ ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ତାର ପ୍ରମାଣ ମିଳିଛି । କେବଳ ଗହମକୁ ପେସି ଛତୁଆ ପ୍ରସ୍ତୁତ କରିଦେବା ପାଇଁ ହୋଇଥିବା ଯୋଜନା ପଣ୍ଡ ହୋଇଛି । ଠିକ୍ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଛତୁଆ ସେଣ୍ଟରରେ ପହଁଛି ଯିବାରୁ ସୁପରଭାଇଜର ସଫେଇ ଦେବା ସହ ବୁଟ ଓ ବାଦମ ନଥିବାରୁ ଆଜି ମିଶ୍ରଣ ହେଉନାହିଁ ବୋଲି କହିଛନ୍ତି ।

ଅଭିଯୋଗରୁ ଜଣାଯାଏ ଯେ, ସରକାର ପୃଷ୍ଟିହୀନତା ଦୂର କରିବା ପାଇଁ ୬ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ସରକାର ଛତୁଆ ଓ ସୁଜି ପ୍ରତି ମାସରେ ଯୋଗାଇ ଦେଉଥିବା ବେଳେ ଗର୍ଭବତୀ ଓ ପ୍ରସୂତି ମାଆ ମାନଙ୍କୁ ଛତୁଆ, ଖସାଲଡୁ, ବାଦାମଲଡୁ, ମୁଢି, ସୋଲା, ଖଜୁରୀକୋଳି ଯୋଗାଇ ଦେଉଛନ୍ତି । ଶିଶୁ ମାନଙ୍କୁ ଅପପୃଷ୍ଟିରୁ ରୋକିବା ପାଇଁ ସରକାର ସୁଷମ ଓ ଉତ୍ତମ ଖାଦ୍ୟ ଯୋଗାଇ ଦେଉଥିବା ବେଳେ ଶିଶୁଙ୍କ ପାଖରେ ଅତି ନିମ୍ନ ମାନର ଛତୁଆ ପହଁଚୁଛି । ମଲିଆବୁଦା ଠାରେ ଥିବା ମା'ବିଶାଳକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଆଜି କେବଳ ଗହମରେ ଛତୁଆ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର ହୋଇଥିବା ଜଣାପଡିଥିଲା । ଗଣମାଧ୍ୟମ ପ୍ରତିନିଧି ପହଁଚିବା ପରେ ଏହି ମସୁଧା ପଣ୍ଡ **ହୋଇଛି** । ଏହି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ୨୩ କୁଇଂଟାଲ ଗହମ ଭଜା ହୋଇ ରହିଥିବା ଦେଖାଇଥିଲେ । ଗହମ କୁଇଂଟାଲ ପିଛା ୨୦ କେଜି ବୁଟ ଓ ୧୫ କେଜି ବାଦାମ ମିଶ୍ରଣ କରାଯିବାର ସରକାରଙ୍କ ନିୟମ ରହିଛି ବୋଲି ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ କହିଥିଲେ । ମାତ୍ର ଆବଶ୍ୟକ ମୁତାବକ ବାଦାମ ଓ ବୁଟ ନଥିଲା । ୨୩ କୁଇଂଟାଲ ଗହମ ପାଇଁ ୪ କୁଇଂଟାଲ ୬୦ କେଜି ବୁଟ ଓ ୩ କୁଇଂଟାଲ ୪୫ କେଜି ବାଦାମ ପରିବର୍ତେ ମାତ୍ର ୫୦ କେଜି ବୁଟ ଓ ୫୦ କେଜି ବାଦାମ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କେବଳ ସୋ ପାଇଁ ରଖାଯାଇଥିଲା । ୨୩ କୁଇଂଟାଲ ଗହମ ପାଇଁ ଆବଶ୍ୟକ ବୁଟ ଓ ବାଦାମ ଗୋଟିଏ ଜାଗାରେ ରଖିବାକୁ କହିବା ପରେ ସୁପରଭାଇଜର କଥା ଗୋଳାଇ ଆବଶ୍ୟକ ବୁଟ ଓ ବାଦାମ ନାହିଁ । ସେଥିପାଇଁ ଆଜି ମିଶ୍ରଣ ହେବ ନାହିଁ ବୋଲି କହିଥିଲେ ।

# ଶ୍ରମ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଜଗତସିଂହପୁର,(ସବ୍ୟୁ) :କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ସ୍ୱାଧୀନ ଫେଡେରେସନଙ୍କ ଆହ୍ୱାନରେ ଆଜି ଦେଶ ବ୍ୟାପି କଳା ଦିବସ ପାଳନ ଅବସରରେ ଏଆଇଟିୟୁସି ଜିଲ୍ଲା କମିଟି ପକ୍ଷରୁ ଶ୍ରମ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଏହି ଅବସରରେ ଏଆଇଟିୟୁସି ଏକ ଶୋଭାଯାତ୍ରା ଚର୍ଚ୍ଚିକା ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲା ।ବିଷ୍ଣୁପ୍ରୀୟା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରମିକ ନେତା ସୋମାନଥ ଗିରି,ବିନ୍ଦୁସାର ଓଝା,ଜ୍ୟୋତି ରଞ୍ଜନ ମିଶ୍ର କବିତା ସେଠୀ,ଶଶିରେଖା ଦାସ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନିତୀ ବିରୋଧରେ ବକ୍ତବ୍ୟ ରଖିଥିଲେ ।କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ବଡବଡ ଶିଳ୍ପପତି ଓ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ବାତିଲ କରି ୪ଟି ଶ୍ରମ କୋର୍ଡକୁ ':ଲାଗୁ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।ଏହି ଆଇନ ଲାଗୁ ହେଲେ ଦେଶର ଶ୍ରମିକ ଓ ଶ୍ରମିକ ସଂଗଠନକୁ ସଙ୍କୁଚିତ କରିବା ସହ ନିଜର ହକ ଦାବୀ ପାଇଁ ଅନ୍ତରାୟ ସୃଷ୍ଟି ହେବ ।ତେଣୁ ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ବିରୋଧ କରି ସାରା ଭାରତ ବର୍ଷରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ମଧ କରାଯାଇଛି ।ଏହି ବିକ୍ଷୋଭରେ ଶ୍ରବସ୍ ବିଶୋୟୀ,ସ୍ମିତାରାଣୀ ମଲ୍ଲିକ,ଶାନ୍ତି ଦଳାଇ,ଅଳକା ମହାନ୍ତି,ଦେବଦିପ୍ତା ଜେନା ପ୍ରମୁଖ ସାମିଲ ହୋ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ।

ସେହିପରି ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଶ୍ରମିକ ନେତା ଲୋଭାକାନ୍ତ ସ୍ୱାଇଁ ଓ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା ।ଶ୍ରମ ସ୍ୱାର୍ଥ ବରୋଧୀ ଶ୍ରମ କୋର୍ଡ ବବାତିଲ କରିବା,ନିର୍ମାଣ ଶ୍ରମିକମାନଙ୍କୁ ସମସ୍ତ ଘୋଷିତ ବେନିଫିଟ ପ୍ରଦାନ,ବଜେଟରେ ନିର୍ମାଣ ଶ୍ରମିକ କଲ୍ୟାଣ ନିମନ୍ତେ ବ୍ୟୟ ବରାଦ ଆଦି ଦାବୀ ନେଇ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା ।ଯଦି ସରକାର ଏହାର ପ୍ରତିକାର ନକରନ୍ତି ତେବେ ଆନ୍ଦୋଳନକୁ ଆହୁରି ତିବ୍ର କରାଯିବ ବୋଲି ଶ୍ରମିକ ନେତା ଲୋଭାକାନ୍ତ ସ୍ୱାଇଁ ଓ ପ୍ରଦୀପ୍ତ ରାମଙ୍କ କହିଛନ୍ତି ।

# ରାହାଡପୁର ଖଣିରେ ଶ୍ରମିକ ମୃତ୍ୟୁ ଓ ମାଣ୍ଡୁକା ପାହାଡରୁ ମୋରମ ଚୋରି ଘଟଣା : ମାଫିଆଙ୍କୁ ବାନ୍ଧିବାରେ ପୋଲିସ ବିଫଳ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲର ବହୁଚର୍ଚିତ ରାହାଡପୁର କଳାପଥର ଖଣିରେ ପଥରଚୋରି ବେଳେ ଶ୍ରମିକ ଅଲୁ ସିଂଙ୍କ ମୃତ୍ୟୁ ଓ ଦର୍ପଣ ତହସିଲର ମାଣ୍ଡୁକା ପାହାଡର ନିଷିଦ୍ଧ ଅଞ୍ଚଳରୁ ବ୍ୟାପକ ମୋରମ ଚୋରିରେ ସଂପୃକ୍ତ ୮ଟି ଟ୍ରକ ସିଜ ହେବା ଘଟଣା ଚଳିତ ମାସରେ କେବଳ ଜିଲ୍ଲା ନୁହେଁ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲେ ମଧ ଏଯାବତ ଏହି ଘଟଣାରେ ସଂପୃକ୍ତ ମାଫିଆ ଓ ଖଣିଜ ପଦାର୍ଥ ଚୋର ମାନଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ଦୁଇ ଘଟଣାରେ ଯେଉଁମାନେ ଜଡିତ ସେମାନଙ୍କ ବିଷୟରେ ସମସ୍ତ କଥା ଦାଣ୍ଡରେ ଘାଟରେ ଆଲୋଚନା ହେଉଥିଲେ ମଧ ପଲିସ ସେମାନଙ୍କୁ ଅଦ୍ୟାବଧି କିପରି ଧରିପାରୁ ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି । ମାଣ୍ଡୁକା ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ଓ ରାହାଡପୁର ଘଟଣାରେ ଜେନାପୁର ପୋଲିସ ସେହି ଅଭିଯୁକ୍ତ ମାନଙ୍କୁ ଠାବକରି ବାନ୍ଧିବା ବଦଳରେ ନିରବତା ଅବଲମ୍ବନ କରିବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟିକରିଛି । ଚଳିତ ମାସ ୧୪ ତାରିଖ ଦିନ ରାହାଡପୁର ପାହାଡର ପଥରଖଣି ଲିଜଧାରୀ ନିରଞ୍ଜନ ରାଉତ ଏବଂ ସଂଦୀପ ଚଣ୍ଡକଙ୍କ ଖଣିର ସୀମାନ୍ତରେ ପଥରଚୋରି ଚାଲିଥିଲା ବେଳେ ଶ୍ରମିକ ତଥା କମ୍ପରେସର ଚାଳକ ଅଲୁ ସିଂ ଉପରେ ବିରାଟ ପଥରଖଣ୍ଡ ଖସିପଡିବାରୁ ତାର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଜିଲା ଖଣି ଅଧିକାରୀ ଜେନାପୁର ଥାନାରେ ସେପ୍ଟେମ୍ବର ୧୫ ତାରିଖରେ ଲିଖିତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ବିଶେଷକରି ପ୍ରୋକ୍ତ ଖଣି ଅଞ୍ଚଳରୁ ମାଫିଆମାନେ ପଥରଚୋରି କରୁଛନ୍ତି ବୋଲି ଅନ୍ୟତମ ରାହାଡପୁର ଖଣି ଲିଜଧାରୀ ନିରଞ୍ଜନ ରାଉତ ଦୁର୍ଘଟଣାର ୪ଦିନ ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୧୧ ତାରିଖରେ ଜିଲ୍ଲା ଲଘୁଖଣି ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଁଥିଲେ । ତେବେ ପ୍ରଶାସନ ପକ୍ଷରୁ ଏହି ପଥରଚୋରି ଘଟଣାକୁ ଗୁରୁତ୍ୱ ଦିଆଯାଇ ନଥିବାରୁ ୧୪ ତାରିଖରେ ସେଠାରେ ଏପରି ମର୍ମନ୍ତୁଦ ଘଟଣା ଘଟିଥିଲା । ସେହିପରି ଦର୍ପଣ ତହସିଲର ମାଣ୍ଡୁକା ପାହାଡର ନିଷିଦ୍ଧ ଖଣି ଅଞ୍ଚଳରୁ ବ୍ୟାପକ ମୋରମ ଚୋରି ଓ ବେଆଇନ ପରିବହନ ଚାଲିଥିବା ନେଇ ପ୍ରଥମେ ସେପ୍ଟେମ୍ବର ମାସ ୧୩ ତାରିଖରେ ଚଣ୍ଡିଖୋଲ ଆରଟିଓ ରାସ୍ତାରେ ଗାଡିଯାଞ୍ଚ ବେଳେ ୭ଟି ଓଭରଲୋଡ ମୋରମ ବୋଝେଇ ଟ୍ରକକୁ ସିଜ କରିଥିଲେ । ଖବର ପାଇ ସେହିଦିନ ତହସିଲଦାର ଓ ଜିଲ୍ଲା ଖଣି ଅଧିକାରୀ ମାଣ୍ଡୁକା ମୋରମ ଖଣିରେ ଚଢାଉକରି ଗୋଟିଏ ମୋରମ ବୋଝେଇ ଟ୍ରକକୁ ଜବତ କରିଥିଲେ । କାଗଜପତ୍ର ଯାଞ୍ଚ ବେଳେ ସମସ୍ତ ଟ୍ରକରେ ଚୋରାମୋରମ ଲୋଡଥିବା ଜଣାପଡିଥିଲା । ଏବେବି ଏହିସବୁ ଟ୍ରକ ଗୁଡିକ ଚଣ୍ଡିଖୋଲ ଆରଟିଓ ଅଫିସ ଓ ଥାନାରେ ଅଟକ ରହିଛ । ଏଥିନେଇ ବାଲିଚନ୍ଦ୍ରପୁର ଥାନାରେ ମଧ ଖଣି ଅଧିକାରୀଙ୍କ ପକ୍ଷରୁ ଲୀଖିତ ଅଭିଯୋଗ ଦାଖଲ କରାଯାଇଛ । ତେବେ ପରିତାପର ବିଷୟ ଏପରି ସ୍ୱର୍ଶ କାତର ଘଟଣାରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅଦ୍ୟାବଧି ନିରବଦ୍ରଷ୍ଟା ସାଜିଛି । ସବୁଠାରୁ ସଂଗିନ କଥାଯେ ଏହି ମାଣ୍ଡୁକା ପାହାଡରୁ ମୋରମ ଚୋରି କରୁଥିବା ବେଳେ ସଂପୃକ୍ତ ଏକ ପ୍ରୋକଲିନ ମେସିନ ଓ କେତେକ ଟ୍ରକକୁ ଗତ କିଛି ମାସତଳେ ଜବତ କରାଯାଇଥିଲା । ଏହି ଚୋରିରେ ସିଧାସଳଖ ସଂପୃକ୍ତ ଥିବା ଅଭିଯୋଗରେ ପ୍ରୋକଲିନ ମେସିନ ମାଲିକ ସର୍ବେଶ୍ୱର ବେହେରାଙ୍କୁ ଦାୟି କରାଯାଇ ତାଙ୍କ ବିରୁଦ୍ଧରେ ଏତଲା ଦାୟର ହେବା ସହ ଚୋରି ମୋରମର ରୟାଲିଟ ଓ ଯୋରିମାନା ବାବଦରେ ତାଙ୍କ ଠାରୁ ୨୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ଦର୍ପଣ ତହସିଲ ପକ୍ଷରୁ ନୋଟିସ ଦିଆଯାଇଥିଲା । ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ବେଲରେ ଆସିଥିଲା ବେଳେ ତାଙ୍କଠାରୁ କିନ୍ତୁ ରୟାଲିଟ ଓ ଯୋରିମାନା ବାବଦ ଅର୍ଥ ଆଦାୟ ହୋଇପାରି ନାହିଁ । ସେହିପରି ବହୁଚର୍ଚିତ ନିରଞ୍ଜନ ରାଉତଙ୍କର ରାହାଡପୁର ୫/୧୦ ନମ୍ବର କଳାପଥର ଖଣିରେ ଗତ ମେ ମାସ ୧୬ ତାରିଖରେ ବେଆଇନ ପଥର ଉତ୍ତୋଳନ ଚାଲିଥିବା ସମୟରେ ପଥର ଚାପାରେ ୩ ଜଣ ଶ୍ରମିକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ଜିଲ୍ଲା ଖଣି ଅଧିକାରୀ ଜେନାପୁର ଥାନାରେ ଲିଖିତ ଏତଲା ଦାୟର କରିଥିଲେ । ଏହି ଘଟଣାରେ ଥାନା କେଶ ନମ୍ବର ୧୮୩/୨୪ରେ ଏକ ମାମଲା ପଞ୍ଜିକୃତ ହୋଇଥିଲେ ମଧ ଅଦ୍ୟାବଧି ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରି ନାହିଁ । ଯାହାକୁ ନେଇ ପୋଲିସ ବିରୁଦ୍ଧରେ ଜନମତ ସୃଷ୍ଟି କରିବାକୁ ଖୋରାକ ଯୋଗାଇଛି । ଉଙ୍କାରୀ ରାହାଡପୁର କଳାପଥର ଖଣିରେ ବହୁକୋଟି ଟଙ୍କାର ପଥର ଚୋରି ସହିତ ବେଆଇନ ଖନନ ବେଳେ ନିରିହ ଶ୍ରମିକ ମାନଙ୍କ ଅକାଳମୃତ୍ୟୁ ଓ ମାଣ୍ଡୁକା ପାହାଡରୁ କୋଟିକୋଟି ଟଙ୍କାର ମୋରମ ଚୋରି ସମୟରେ ଅଭିଯୁକ୍ତ ମାନଙ୍କୁ ଠାବ କରାଯିବା ପରେ ମଧ ସେମାନଙ୍କ ବିରୁଦ୍ଧରେ ସଠିକ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ଏବେ ଜିଲ୍ଲା ପୋଲିସ ଓ ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି । ଜିଲା କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଫିଆମାନେ ବେଫିକର ହୋଇ ଏହି ଦୁଇ ତହସିଲ ଆଞ୍ଚଳରୁ ଅଧିକରୁ ଅଧିକ କଳାପଥର ଓ ମୋରମ ଚୋରି କରିବାରେ ସଫଳ ହେଉଥିବା ଆଲୋଚନା ହେଉଛ ।

# ଅଚ୍ୟୁତାନନ୍ଦ ମାର୍ଗ ରାସ୍ତାରେ ଗର୍ତ୍ତ, ପଥଚାରୀ ହୀନସ୍ତା

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ସାଲେପୁର ପୂର୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଅଚ୍ୟୁତାନନ୍ଦ ମାର୍ଗ ରାସ୍ତା ମଝିରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଛି। ଗର୍ତ୍ତ ସୃଷ୍ଟି ହେବାରୁ ପଥଚାରୀ ମାନେ ଯାତାୟତ ପାଇଁ ହୀନସ୍ତା ହେଉଛନ୍ତି । ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ମରାମତି କରାଯାଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ରାସ୍ତାଟି କଟକ–ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ମେଡିକାଲ ଛକ ଠାରୁ ବାହାରି କୋରୁଆ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ,ରଘୁନାଥପୁର, ଡେରାବିଶ, ଗରଦପୁର ପ୍ରଭୃତି ବ୍ଲକର ଶହ ଶହ ଲୋକ ନିର୍ଭର କରିଥାନ୍ତି। ଏପରିକି ଏହି ରାସ୍ତାଟି କଟକ, କେନ୍ଦ୍ରାପଡା ,ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରିଥାଏ। ଏହି ରାସ୍ତାର ବୁହାଳୋ ଗ୍ରାମପଂଚାୟତ ବରପଡା ନିକଟରେ ରାସ୍ତା ମଝିରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଛି। ରାସ୍ତା ମଝିରେ ଗର୍ତ ସୃଷ୍ଟି ହୋଇଥିବାରୁ ଯାନ ବାହାନ ସର୍ବୋପରି ସାଧାରଣ ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏହାଛଡ଼ା ଏହି ରାସ୍ତାର ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ରାସ୍ତାର ଅଧିକାଂଶ ସ୍ଥାନରୁ ଗୋଡି ବାହାରି ଯାଇ ବିକ୍ଷିପ୍ତ ଭାବରେ ପଡି ରହିଛି। ରାସ୍ତାର ଅନେକ ସ୍ଥାନ ସମତୁଲ ହୋଇନଥିବାରୁ ଟିକିଏ ବର୍ଷା ହେଲେ ପାଣି ମଧ୍ୟ ଜମି ରହୁଛି । ରାସ୍ତାର ଦୁରବସ୍ଥା ହେତୁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି ପାଇଁ ସାଧାରଣରେ ଦାବି ହୋଇଛି ।

## ରବିନ୍ଦ୍ର ସାଂସଦଙ୍କ ବୋଲଗଡ ପ୍ରତିନିଧି

ବୋଲଗଡ଼, (ସବ୍ୟୁ) : ବୋଲଗଡ ଅଞ୍ଚଳର ଯୁବ ସମାଜସେବୀ ତଥା ଶିଳ୍ପପତି ରବୀନ୍ଦ୍ର କୁମାର ସୁବୁଦ୍ଧିଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି । ସାଂସଦଙ୍କ ପତ୍ରସଂଖ୍ୟା-୧୦୩୪/୨୦୨୪ରେ ବୋଲଗଡ ବ୍ଲକ ବିଡିଓଙ୍କ ନିକଟକୁ ପତ୍ର ସାଂସଦ ପ୍ରେରଣ କରିଛନ୍ତି ।ଶ୍ରୀ ସୁବୁଦ୍ଧି ସମିତି ବୈଠକ ଓ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦାନ କରିବାପାଇଁ ଏଥିରେ ଉଲ୍ଲେଖ ରହିଛି । ଏହା ସହିତ ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ ମିଥୁନ ପାଇକରାୟ ଓ ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ଶ୍ରୀ ସୁବୁଦ୍ଧିଙ୍କୁ ସହଯୋଗ



କରିବା ସହିତ ଉପ-ପ୍ରତିନଧି ଭାବେ ଦାୟିତ୍ୱ ଦିଆଯାଇଛି । ଶ୍ରୀ ସୁବୁଦ୍ଧି ଦୀର୍ଘ ୨୦ବର୍ଷ ଧରି ବୋଲଗଡ,ରାଜସୁନାଖଲା ଅଞ୍ଚଳରେ ବହୁ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ତାଙ୍କ ମାତା ତିଳୋତ୍ତମା ସୁବୁଦ୍ଧି ବଡକୁମାରୀ ପଞ୍ଚାୟତର ସରପଞ୍ଚ, ବାଙ୍କୋଇ ଜିଲ୍ଲାପରିଷଦ ଜୋନାର ସଭ୍ୟା ବ୍ଲକ ଆତ୍ମା କମିଟିର ଚେୟାରମ୍ୟାନ ଥାଇ ବହୁ କାର୍ଯ୍ୟ କରିଛନ୍ତି । ରବୀନ୍ଦ୍ର ସୁବୁଦ୍ଧିଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟୀକୁ ବହୁ ସଫଳତା ମିଳିବ ବୋଲି ବହୁ କର୍ମୀ ଆଶାବାନ୍ଧି ରହିଛନ୍ତି । ତାଙ୍କ ଏହି ନିଯୁକ୍ତିକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ,ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, କଳାଙ୍ଗ ପଞ୍ଚାୟତ ସଭାପତି ବଳଭଦ୍ର ମହାପାତ୍ର, ବହୁ ପଞ୍ଚାୟତର ସଭାପତି ଓ କର୍ମକର୍ତ୍ତାମାନେ ସ୍ୱାଗତ କରିଛନ୍ତି ।

## ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡାର ପ୍ରଦ୍ୟୁମ୍ନ ସାହୁ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ ପଂଚାୟତ ଅଧିନ କୁହାରା ଗ୍ରାମରଦାମୋଦର ସାହୁଙ୍କ ପୁଅ ତଥା ବୈଜ୍ଞାନିକ ଡଃ ପ୍ରଦ୍ୟୁମ୍ନ କୁମାର ସାହୁ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଭାବେ ବିବେଚିତ ହୋଇଛନ୍ତି । ଆମେରିକାର ଏକ ଗବେଷଣା ସଂସ୍ଥା ପକ୍ଷରୁ ସର୍ଭେକ୍ଷଣ କରାଯାଇବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନୀତ ହେବା ପରେ ସମଗ୍ର ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳି ଯାଇଛି । ଖାଲି ସେତିକି ନୁହେଁ ଲଗାତାର ୫ବର୍ଷ ଧରି ବୈଜ୍ଞାନିକ



ଶ୍ରୀ ସାହୁ ଏହି ବିରଳ ସମ୍ମାନର ଅଧିକାରୀ ହୋଇ ପାରିଥିବା ଜଣାପଡିଛି। ସୂଚନାଯୋଗ୍ୟ ବୈଜ୍ଞାନିକ ଶ୍ରୀଯୁକ୍ତ ସାହୁ ଆନ୍ଧ୍ରପ୍ରଦେଶ ରାଜ୍ୟର ହାଇଦ୍ରାବାଦସ୍ଥିତ ବିଁଲାଇନଷ୍ଟିଚୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଏବେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିବାଜଣାପଡିଛି । ଛାତ୍ର ଜୀବନରୁ ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ପ୍ରଦ୍ୟୁମ୍ନଙ୍କୁ ନେଇକୁହାରା ଗ୍ରାମବାସୀ ବେଶ ଗର୍ବ ଅନୁଭବ କରୁଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଖଣ୍ଡପଡା ନିର୍ବାଚନମଣ୍ଡଳୀର ବହୁ ମାନ୍ୟଗଣ୍ୟବ୍ୟକ୍ତି ବିଶେଷ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ସଚେତନା ଅଭିଯାନ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାରଦିନ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଅନୁଷ୍ଠିତ ହୋଇଯାଇଛି ବେଟି ବଚାଓ ଓ ବେଟି ପାଓ ଓ ଜାତୀୟ ସାକ୍ଷରତା ଅଭିଯାନ ।ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ କେନ୍ଦ୍ର ଗୁଡିକରେ କିଶୋରୀ ବାଳିକା ମାନଙ୍କ ଦ୍ୱାରା ଚିତ୍ରକଳା ,ନୃତ୍ୟ ସଙ୍ଗୀତ ଓ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ବାପା ମା ମାନେ କିଭଳି ନିଜ ଝିଅଙ୍କୁ ପୁଅ ଭଳି ସମାନ ଅଧିକାର ଓ ସ୍ନେହଶ୍ରଦ୍ଧା ଦେବେ ସେଥିପାଇଁ ଅଭିନବ ଉପାୟରେ ଏକ ସାମାଜିକ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା



।ଏହା ସହ ଜାତୀୟ ସାକ୍ଷରତା ଅଭିଯାନକୁ କ୍ରିୟାଶୀଳ କରିବା ପାଇଁ ସଭିଏ ଆମେ ପାଠ ପଢିବା ଆମ ଦେଶକୁ ଆମେ ଗଢିବା , ପୁଅ ହେଉ ଅବା ଝିଅ ହେଉ ସାକ୍ଷରତା ଆମେ ସଭିଏ ହେଉ , ବାଲ୍ୟ ବିବାହକୁ ନା କରିବା ପାଠ ପଢି ଗାଁ ଟେକ ରଖିବା , ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ , ଝିଅକୁ ଉପଯୁକ୍ତ ପୋଷଣ ଆଦି ସ୍ଲୋଗାନ ଲେଖା ଥିବା ଫ୍ଲା କାର୍ଡ ଧରି କିଶୋରୀ ମାନେ ସଚେତନତା ସୃଷ୍ଟି କରିଥିଲେ । ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି ସୁପରଭାଇଜର ପିୟୁସ ମୟୀ ପଣ୍ଡା , ବିନୋଦିନୀ ଷଡଙ୍ଗୀ , ବବିତା ସ୍ୱାଇଁ , ରାଧାରାଣୀ ଦାସ , ମିତା ନାଗ ଙ୍କ ସହ ସମସ୍ତ ଅଙ୍ଗନବାଡ଼ି କର୍ମୀ , ଆଶା କର୍ମୀ , ଅଦ୍ୱିକା ଟିମ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସହଯୋଗ କରିଥିଲେ ଛ ମଲୁଖ ପାଟଣା , ପଣସ ପାଟଣା , ଦୁଗଲ , ମୂଳଅଳସା , ବାସୁଦେଇ ପୁର ଆଦି ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗୋପାଳ ବେହେରା ବନ ସୁରକ୍ଷା କମିଟି ସଭାପତି

କୋଣାର୍କ,(ସବ୍ୟୁ) : ରାମଚଣ୍ଡୀ ଥାନା ଅଧିନସ୍ଥ ବାଲିକପିଳେଶ୍ୱର ମେଡିକାଲ ଠାରେ କୋଣାର୍କ ବନବିଭାଗ ପକ୍ଷରୁ ବାଲିକପିଳେଶ୍ୱର ବନ ସୁରକ୍ଷା କମିଟିର କାର୍ଯ୍ୟକାରୀ କମିଟି ଓ ସଭାପତି ନିର୍ବାଚନ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମାଧ୍ୟମରେ କରା ଯାଇଛି ସଭାପତି ଭାବେ ପୁଣିଥରେ ଗୋପାଳ ଚନ୍ଦ୍ର ବେହେରା ମନୋନୟନ ହୋଇଛନ୍ତି।କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲାଛ ଏହି ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଇଡିସି ଅଧିନସ୍ଥ ଖାଲକଟାପାଟଣା, ଟିକନା, କାନପୁର ଓ ବରପଦା ସମେତ ୧୪ଗୋଟି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ଥିବା ବେଳେ ସୁରକ୍ଷା କମିଟିର ପ୍ରାୟ ୨୦୦ ଜଣ ସଦସ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।ଫଳରେ କୋଣାର୍କ ବନବିଭାଗ ପକ୍ଷରୁ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସଠିକ ଭାବେ କରାଯାଇ ପୂର୍ବରୁ କାର୍ଯ୍ୟ କରୁଥିବା କମିଟିକୁ ପୁନଃ ଅବସ୍ଥାପିତ କରାଜାଇଛି ।ନିକଟରେ ଗଠନ ହୋଇଥିବା ବନ ସୁରକ୍ଷା କମିଟି ପୂର୍ବ ଭଳି ଜଙ୍ଗଲ ସୁରକ୍ଷା ସରଣକ୍ଷ ଦିଗରେ କାର୍ଯ୍ୟ କରିବ ବୋଲି ସଭାପତି ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି ।

## ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ

ଅସ୍ତରଙ୍ଗ,(ସବ୍ୟୁ):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପିର ଜାହାନିଆ ବେଳାଭୂମି ରେ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ ।ଏହି ଉପଲକ୍ଷେ ବ୍ଲକ ଅଞ୍ଚଳର ବିଭିନ୍ନ ସଙ୍ଗଠନ ,ପୂର୍ବତନ ସାମରିକ ବାହିନୀ, ଜଙ୍ଗଲ ଓ ପରିବେଶ ବିଭାଗ ର କର୍ମଚାରୀ ମାନେ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ । ଏହି ସଫେଇ, ବେଳାଭୂମି ଅଞ୍ଚଳ ର ତିନି କିଲୋମିଟର ବ୍ୟାପୀ ସଫା ହୋଇଥିବା ବେଳେ,ବେଳାଭୂମି ସନ୍ନିକଟ ଝାଉଁ ଜଙ୍ଗଲର ବଣ ଭୋଜି ସ୍ଥଳ ମଧ୍ୟ ସଫା କରା ଜାଇ ଅଳିଆ ସବୁକୁ ଏକାଠି କରାଯାଇ ପୋଡ଼ି ଦିଆ ଯାଇ ଥିଲା । ଏହି କର୍ଯ୍ୟକ୍ରମ୍ ରେ ମଧ ନିକଟସ୍ଥ ଗ୍ରାମ ଗୁଡିକର ମହିଳା ଦଳ ସାମିଲ ଥିଲେ । ଏହି ସଫେଇ ଦୀର୍ଘ ତିନି ଘଣ୍ଟା ଧରି ଚାଲିଥିବା ବେଳେ, ଜାହାନିଆ ବେଳାଭୂମି ଓଡ଼ିଶାର ଏକ ସୁନ୍ଦର ଓ ପରିଷ୍କାର ପରିଚ୍ଛନ୍ନତା ବେଳାଭୂମି ଭାବେ ନିଜରସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଆରମ୍ଭ ହେଲା ସ୍ୱଚ୍ଛତା ହିଁ ସେବା ଯୋଜନା

ଦଶପଲ୍ଲା,(ସବ୍ୟୁ) :ମଙ୍ଗଳ ବାର ଦିନ ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିଥିଲେ। ଏ ଅବସରରେ ଦଶପଲ୍ଲା ପଞ୍ଚାୟତ ସମିତି ଓ ଦଶପଲ୍ଲା ବିଂଜ୍ଞାପିତ ଅଂଚଳ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନେତାଜୀ ମୈଦାନରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ଏବିଡ଼ିଓ ସାରଦା ପ୍ରସନ୍ନ ମହାନ୍ତି, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ସିଡିପିଓ ସଂଯୁକ୍ତା ସାମଲ, ସାଂସଦ ପ୍ରତିନିଧି ବାପୁଜି ସାହୁଙ୍କ ସମେତ ଥିବା ବେଳେ ପଞ୍ଚାୟତ ସମିତି ଓ ଏନଏସି କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ସଭାରେ ଶତାଧିକ ମହିଳା ଉପସ୍ଥିତ ରହି ପ୍ରଧାନ ମନ୍ତ୍ରୀ ଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଉଦଘାଟନୀ ଉତ୍ସବ ଦେଖିଥିବା ବେଳେ ସୁଭଦ୍ରା ଯୋଜନା ସମ୍ପର୍କ ରେ ଉପସ୍ଥିତ ମହିଳା ମାନଙ୍କୁ ବୁଝାଇଥିଲେ । ମାତ୍ର ଏହି ସଭାରେ ବିଜେଡି ସମର୍ଥିତ ଜନ ପ୍ରତିନିଧିମାନେ ଅନୁପସ୍ଥିତ ଥିଲେ । ସେହିପରି ପଞ୍ଚାୟତ ସମିତି ଓ ଏନ ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଏବିଡ଼ିଓ, ଅତିରିକ୍ତ ତହସିଲଦାରଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟ ଦର୍ଶିନଙ୍କ ସହ ଦଶପଲ୍ଲା ପଞ୍ଚାୟତ ସମିତି କର୍ମଚାରୀ ଓ ଏନ ଏ ସି କର୍ମଚାରୀ ସାମିଲ ହୋଇଥିଲେ ।ଛ ଏହି କାର୍ଯ୍ୟକ୍ରମ ର ପ୍ରଥମ ଦିବସ ରେ ଦଶପଲ୍ଲା ଏନ ଏ ସି ର ୩ନଂ ଓ ୪ ନଂ ୱାର୍ଡ ରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହେବା ସହ ବୃକ୍ଷ ରୋପଣ କରାଯାଇଥିଲା ।

## ସଡକ ଦୁର୍ଘଟଣା ଯୁବକ ଗୁରୁତର

ଆଠଗଡ ,(ସବ୍ୟୁ) : ଆଠଗଡରୁ ଧବଳେଶ୍ୱର ରାସ୍ତାର ଆଠଗଡ ଥାନା ଅନ୍ତର୍ଗତ ଦହିସରା ନିକଟରେ ସଡକ ଦୁର୍ଘଟଣାରେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ବଡମ୍ବା ଅଞ୍ଚଳର ଦୁଇ ଜଣ ଯୁବକ ହରେଶ ନାୟକ ଓ ସୁଦାମ ନାୟକ ବାଇକ ଯୋଗେ କଟକ ଯାଉଥିଲେ। ସନ୍ଧ୍ୟାରେ ଝିପି ଝିପି ବର୍ଷା ତଥା ଘଟଣା ସ୍ଥଳରେ ରାସ୍ତା କାମ ପାଇଁ ଠିକାଦାର ବେପରୁଆ ଭାବରେ କଳା ମୁଗୁନି ପଥର ରାସ୍ତା ଉପରେ ରଖିଥିଲା। ଉଭୟ ବାଇକରେ ଯାଉଥିବା ସମୟରେ କଳା ମୁଗୁନି ପଥର ଉପରେ ବାଇକ ଧକ୍କା ମାରି ଦେବା ସହ ଉଭୟ ରାସ୍ତା ଉପରେ ଛିଟିକି ପଡିଥିଲେ। ଗୁରୁତର ଆହତ ହେଲେ ବଡମ୍ବାର ହରେଶ ନାୟକ(୩୦) ଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୁତ୍ରରୁ ପ୍ରକାଶ।

## ସୀତାରାମ ୟେଚୁରୀଙ୍କୁ ଶ୍ରଦ୍ଧାଞ୍ଜଳି

ନୟାଗଡ଼ ,(ସବ୍ୟୁ) :ନୟାଗଡ଼ ଜିଲ୍ଲା ବାମପନ୍ଥୀ ସଂଗଠନ ତରଫରୁ ସି.ପି.ଆଇ.(ଏମ୍)ର ସର୍ବଭାରତୀୟ ମହାସଚିବ କମ୍ରେଡ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ୱର୍ଗତ ୟେଚୁରୀଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସି.ପି.ଆଇ. ଏମ୍ ରାଜ୍ୟସ୍ତରୀୟ ନେତା ଦୁଷ୍ମନ୍ତ ଦାସ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ସ୍ୱର୍ଗତ ନେତା ୟେଚୁରୀଙ୍କ ରାଜନୈତିକ ଜୀବନ ଲୋକ ଙ୍କ ଲାଗି ସମର୍ପିତ ରହିଥିବା ବ୍ୟକ୍ତ କରିଥିଲେ।ସ୍ଥାନୀୟ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ୟେଚୁରିଙ୍କ ବିୟୋଗ ଦଳ ପାଇଁ ଅପୂରଣୀୟ ଖ୍ୟତି ଦର୍ଶାଇ ଥିଲେ। ଏଥିରେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଓ ବିଜେଡ଼ି ନେତା ସତ୍ୟନାରାୟଣ ପ୍ରଧାନ, ସମାଜସେବୀ ପ୍ରମୋଦ ପଟ୍ଟନାୟକ ଆଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା ସମ୍ପାଦକ ଶରତଚନ୍ଦ୍ର ବେହେରା, ସିପିଆଇ ନେତା ଅମୀୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ହରିଶ୍ଚନ୍ଦ୍ର ମିଶ୍ର, ଗୋଲକବିହାରି ମୁଦୁଲି, ନିତ୍ୟାନନ୍ଦ ପରିଡ଼ା, ନେତା ସୁରେଶ ସ୍ୱାଇଁ, ଗଙ୍ଗାଧର ପଣ୍ଡା, ପବିତ୍ର ଇନ୍ଦ୍ରଜିତ ଓ ସରୋଜ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ କର୍ମୀ ଓ ସମର୍ଥକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୱାର୍ଡ଼ ଅଧିକାରୀଙ୍କ ପରଲୋକ

ଫୁଲନଖରା,(ସବ୍ୟୁ): ପୌର ନିଗମ ୱାର୍ଡ଼ ଅଧିକାରୀ ଗୁଣନିଧି ସ୍ୱାଇଁଙ୍କ ୫୩ ବର୍ଷ ବୟସରେ ପରଲୋକ ଘଟିଛି। ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସଙ୍ଗେସଙ୍ଗେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ଶିକ୍ଷକ ରବିନାରାୟଣ ନାଥ, ପଣ୍ଡିତ ବିଦ୍ୟାଧର ଦାସ, ପ୍ରଦୀପଚନ୍ଦ୍ର ପଣ୍ଡା, ସଚ୍ଚିଦାନନ୍ଦ ମହାନ୍ତି, ବିଶ୍ୱରଞ୍ଜନ ଦାସ, ପ୍ରାକ୍ତନ ସରପଞ୍ଚ ନଳିନୀକୁମାର ସ୍ୱାଇଁ, ଜୋତିଷକୁମାର ମହାନ୍ତି ପ୍ରମୁଖ ତାଙ୍କ ଖନ୍ଦୋଳସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ ହୋଇଥିଲା।

## ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା : ଅଭିଯୁକ୍ତ ଗିରଫ

ଆଠଗଡ଼ ,(ସବ୍ୟୁ) : ଆଠଗଡ଼ ଡାକ୍ତରଖାନାରେ ପଶି କର୍ତ୍ତବ୍ୟ ରତ ଡ଼ାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଗାଳିଗୁଲଜ ଏବଂ ଦୁର୍ବ୍ୟବହାର ଘଟଣାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଆଠଗଡ଼ ପୋଲିସ।ଗିରଫ ଅଭିଯୁକ୍ତ ହେଲେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କଣ୍ଟୋଲ ଗ୍ରାମର ପ୍ରାଣକୃଷ୍ଣ ରାଉତଙ୍କ ପୁଅ ବିକ୍ରମ ରାଉତ (୨୫)। ଗତ ୧୮ ତାରିଖ ସକାଳେ କଣ୍ଟୋଲ ଗ୍ରାମର ଜନୈକ ମହିଳାଙ୍କୁ ସାପ କାମୁଡିଛି ବୋଲି ପରିବାର ଏବଂ କିଛି ଗ୍ରାମବାସୀମାନେ ଧରି ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ଥିଲେ। କର୍ତ୍ତବ୍ୟରତ ଡ଼ାକ୍ତର ତାଙ୍କର ରକ୍ତ ନମୁନା ସଂଗ୍ରହ କରି କିଛି ସମୟ ପାଇଁ ଅବଜରଭେସନରେ ରଖିବା ପାଇଁ ପରାମର୍ଶ ଦେଇଥିଲେ।ପରେ ପରିବାର ଲୋକ ତାଙ୍କୁ ଘରକୁ ନେଇ ଯାଇ ପୁଣି କିଛି ସମୟପରେ ପୁନର୍ବାର ଡ଼ାକ୍ତରଖାନାକୁ ଆଣିଥିଲେ।ପିଡିତାଙ୍କୁ ସାପ କାମୁଡା ଲକ୍ଷଣ ଦେଖାଯିବା ପରେ ଡାକ୍ତର ଚିକିତ୍ସା ଆରମ୍ଭ କରି ସାପ କାମୁଡା ଇଞ୍ଜେକସନ ଦେଇଥିଲେ।ଏହାପରେ ପୀଡ଼ିତା ଙ୍କ ଠାରେ ସ୍ୱାସ୍ଥ୍ୟ ରେ ଅବନତି ଘଟିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଆସିଥିବା ଲୋକ ମାନେ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇ ଡାକ୍ତରଖାନା ଗେଟ୍ କୁ ଭଙ୍ଗାରୁଜା କରିବା ପାଇଁ ଉଦ୍ୟମ କରିଥିଲେ।ଏ ସଂପର୍କରେ ସେଦିନ ଡାକ୍ତରଖାନା ଅଧିକ୍ଷକ ଦାଇତ୍ୱରେ ଥିବା ଡ଼ା ନିହାର ରଞ୍ଜନ ମିଶ୍ରଙ୍କ ଏତଲାକୁ ଆଧାର କରି ଆଠଗଡ଼ ପୋଲିସ କେଶ ନଂ ୨୭୫/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ସୋମବାର ଦିନ ଅଭିଯୁକ୍ତ ବିକ୍ରମକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାରେ ଡାକ୍ତର ଏବଂ କର୍ମଚାରୀ ମାନଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ଆଠଗଡ଼ ଓମସା ଶାଖା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।ତେବେ ଦାବି ମୁତାବକ ଏହି ଘଟଣାର ଅଭିଯୁକ୍ତକୁ ପୋଲିସ ଗିରଫ କରି ଥିବାରୁ ଆନ୍ଦୋଳନ ନିଷ୍ପତିରୁ ସଙ୍ଘ ଓହରି ଗଲା ବୋଲି ଆଠଗଡ଼ ଶାଖା ସଭାପତି ଡ଼ା ବିଜୟ କୁମାର ମିଶ୍ର ସୂଚନା ଦେଇଛି।

## ଏଟିଏମ କାଉଣ୍ଟରରୁ ବ୍ୟାଟେରୀ ଚୋରି

ବାଙ୍କୀ, (ସବ୍ୟୁ) : ରବିବାର ବିଳମ୍ବିତ ରାତିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବାଙ୍କୀ ଶାଖା କାର୍ଯ୍ୟାଳୟ ପରିସରରେ ଥିବା ଏଟିଏମରୁ ଟଙ୍କା ଲୁଟିବା ପାଇଁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ। ମାତ୍ର ଏଟିଏମ ମେସିନରୁ ଭାଙ୍ଗି ଟଙ୍କା ନ ନେଇ ପାରି ତାଡିବାକୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ଦୁଇ ଗୋଟି ଏଟିଏମ ମେସିନ ପାଖରେ ଥିବା ବ୍ୟାଟେରୀ ସବୁ ଚୋରି କରି ନେଇ ଯାଇଥିଲେ। ଫଳରେ ଏଟଏମ ମେସିନ୍ ଅଚଳ ହୋଇ ପଡ଼ିଥିବାର ଦେଖାଯାଇଥିଲା। ସୋମବାର ସକାଳୁ ଲୋକେ ଏଟିଏମ ରୁ ଟଙ୍କା ଉଠାଣ କରିବାକୁ ଯାଇ ସବୁ ଅଚଳ ହୋଇ ପଡ଼ିଥିବା ଲୋକେ ଅଭିଯୋଗ କରିଥିଲେ। ଖବର ପାଇ ପୂର୍ବାହ୍ନ ୧୦ଟାରେ ବ୍ୟାଙ୍କ କର୍ମଚାରୀ ଓ ଶାଖା ପରିଚାଳକ ବାଙ୍କୀ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ସି ସି ଟିଭି ଫୁଟେଜ କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି ।ବାଙ୍କୀ ଥାନା ଠାରୁ ମାତ୍ର ପାଞ୍ଚ ଶହ ମିଟର ଦୂର ରେ ଥିବା ଷ୍ଟେଟ୍ ବ୍ୟାଙ୍କ ଶାଖା ଯାହାକି ଜନ ଗହଳିପୂର୍ଣ୍ଣ ବଜାର ଉପରେ ଥିବା ବେଳେ କିଭଳି ଲୁଟ କରିବାକୁ ସାହାସ କରୁଛନ୍ତି ଲୁଟେରା ତାହା ପୋଲିସର ନିଷ୍କ୍ରିୟତା ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ପାଇଛି।

## ନାବାଳିକାକୁ ଅସଦାଚରଣ ଅଭିଯୋଗ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କାଣାସ ଥାନା ଅନ୍ତର୍ଗତ ଦୋକନ୍ଦା ପଞ୍ଚାୟତ କେଶରପୁର ମଠସାହିରେ ଏକ ନାଁ ବାଳିକାକୁ ସେହି ସାହିର ଜଣେ ବ୍ୟକ୍ତି ଅସଦାଚରଣ କରିଥିବା କଣାସ ଥାନାରେ ଅଭିଯୋଗ କରିଛନ୍ତି ନାଁ ବାଳିକା ଜଣକ । ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଘରେଶୋଇଥିବା ବେଳେ ତାଙ୍କ ସାହିର ଅର୍ଜୁନ ଭୋଇ (ଗେଡ଼ା) ବୟସ (୪୫) ଘରେ ଅସଦାଚରଣ କରିଥିଲା।ଏନେଇ କଣାସ ଥାନା ପକ୍ଷରୁ ଅଭିଯୋଗ ହୋଇଥିବା ବ୍ୟକ୍ତି ବିରୋଧରେ ପୋକ୍ସୋ ଆକ୍ଟ ଲାଗିଥିବା ବେଳେ ତାକୁ ଗିରଫ କରା ଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି ।

## ଗୋରୁ ବୋଝେଇ ଗାଡ଼ି ଜବତ : ୨ ଅଟକ

ବାରଙ୍ଗ, (ସବ୍ୟୁ) :ଗୋଡିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡଳୀ ନୂଆସାହି ନଦୀ ବନ୍ଧ ରାସ୍ତାରୁ ସୋମବାର ସକାଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ବାରଙ୍ଗ ପୁଲିସ ଜବତ କରିଛି। ଓଡି ୦୫ଏଡବ୍ଲୁ ୦୭୯୦ ନମ୍ବରର ଗାଡ଼ି ଗୋରୁ ବୋଝେଇ କରି ଆଠଗଡ଼ ରୁ ବାଙ୍କୀ ଭାୟା ମୁଣ୍ଡଳୀ ହୋଇ କଟକ ଆସୁଥିଲା। ସୂଚନା ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଚାଲାଣ ଗାଡ଼ିଟିକୁ ଜବତ କରିବା ସହିତ ମଙ୍ଗଳାବାଗ ଥାନା ଅଂଚଳର ଶେଖ ଅନୁୱାର(୨୬) ଏବଂ ଦରଘାବଜାର ଥାନା ଅଂଚଳର ଶେଖ ରିହାନ ବୟସ୍କ(୨୦) ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ।


### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAB-BOUDH-0003-2024 - 27630 / R&DM, Dated. 16 AUG 2024**

**XXI-02 :** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ **ମୌଜା-ପୁରୁଣାପାଣି, ଥାନା-ମନମୁଣ୍ଡା, ନଂ-୧୩୫, ତହସିଲ-କଣ୍ଟାମାଳ, ଜିଲ୍ଲା-ବୌଦ୍ଧ**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୦.୫୩୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧା ରୋଡ୍ – ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ) ପୂର୍ବତଟ ରେଳପଥ, ବୌଦ୍ଧ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୮୨୫୩ ତାରିଖ ୧୬.୦୩.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବୌଦ୍ଧ ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | କଣ୍ଟାମାଳ | ପୁରୁଣାପାଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୫୩୦ | ଏ. ୦.୫୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- (ମଧୁସ୍ମିତା ସାହୁ)**
**ଅତିରିକ୍ତ ଶାସନ ସଚିବ**

**ଜମିର ତାଲିକା**

ପ୍ରସ୍ତାବିତ ଖୋର୍ଦ୍ଧାରୋଡ – ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ
ଗ୍ରାମ-ପୁରୁଣାପାଣି (ଅତିରିକ୍ତ), ତହସିଲ-କଣ୍ଟାମାଳ, ଥାନା-ମନମୁଣ୍ଡା (ନଂ ୧୩୫) ଜିଲ୍ଲା-ବୌଦ୍ଧ
ଏ. ବ୍ୟକ୍ତିଗତ ଜମି

| କ୍ରମିକ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ନଂ | ଖତିୟାନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୬୨ | ୬୧୯ | ୦.୨୯୦ | ୦.୨୯୦ | ଆଟ | ବୈଷ୍ଣବ ପାତ୍ର, ଗଙ୍ଗାଧର ପାତ୍ର, ହରିହର ପାତ୍ର, ପ୍ରଫୁଲ୍ଲ ଗେଜ, ଯମୁନା କର୍ମି, ପି-ଖେଡୁ ପାତ୍ର |
| ୨ | ୧୧୦/୪୧ | ୪୧୧/୧୩୪୨ | ୦.୦୪୦ | ୦.୦୪୦ | ଘରବାରି | ସୁରବାଳୀ ନାଗ, ସ୍ୱା-ପଦ୍ମ ନାଗ |
| ୩ | ୧୧୦/୪୨ | ୪୧୧/୧୩୪୩ | ୦.୦୪୦ | ୦.୦୪୦ | ଘରବାରି | ବାହାନ ନାଗ, ପି- ପଦ୍ମ ନାଗ, ରଇବାରୀ ନାଗ, ସ୍ୱା- ବାହାନ ନାଗ |
| ୪ | ୧୧୦/୬୩ | ୪୧୧/୧୩୫୫ | ୦.୦୪୦ | ୦.୦୪୦ | ଘରବାରି | କୁମାର ମଲ୍ଲୀକ, ପି-ଭିକାରୀ ମଲ୍ଲୀକ, ଅସ୍କର ମଲ୍ଲୀକ, ସ୍ୱା- କୁମାର ମଲ୍ଲୀକ |
| ୫ | ୧୧୦/୬୪ | ୪୧୧/୧୩୫୬ | ୦.୦୪୦ | ୦.୦୪୦ | ଘରବାରି | ତୋଫାନ ସୁନା, ପି- କଷ୍ଟ ସୁନା, ପ୍ରେମଶିଳା ସୁନା, ସ୍ୱା-ତୋଫାନ ସୁନା |
| ୬ | ୧୧୦/୬୫ | ୪୧୧/୧୩୫୭ | ୦.୦୪୦ | ୦.୦୪୦ | ଘରବାରି | କଷ୍ଟ ସୁନା, ସ୍ୱା-ସୁରୁ ସୁନା, କୌଶଲ୍ୟା ସୁନା ସ୍ୱା- କଷ୍ଟ ସୁନା |
| ୭ | ୧୧୦/୬୬ | ୪୧୧/୧୩୫୮ | ୦.୦୪୦ | ୦.୦୪୦ | ଘରବାରି | କର୍ମ ସାଗର, ପି- ଚାପଧାରୀ ସାଗର, ରାସେଶ୍ୱରୀ ସାଗର, ସ୍ୱା- କର୍ମ ସାଗର |
| | | ମୋଟ ଏ. | ୦.୫୩୦ | ୦.୫୩୦ | | |

ସ୍ୱା/- ଅମିନ
Sd/- Land Acquisition Zone Officer
Khurda Road - Bolangir New B.G.
Rail Link Project, Boudh
ସ୍ୱା/- ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)
ପୂର୍ବତଟ ରେଳପଥ, ବୌଦ୍ଧ

OIPR : 24001/14/0105/2425



### ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ

**ସେବି-ଇଷ୍ଟର୍ଣ୍ଣ ରିଜିଓନାଲ ଅଫିସ, ଏଲଏଣ୍ଡଟି ଚ୍ୟାମ୍ବର୍ସ, ପଞ୍ଚମ ମହଲା, ୧୬ କାମାକ୍ ଷ୍ଟ୍ରୀଟ୍, କୋଲକାତା-୭୦୦୦୧୭**

**ଖୋଜି ପାଉନଥିବା ଖିଲାପକାରୀଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପ୍ରକାଶ**

ସିକ୍ୟୁଣିଟିଜ ଏଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ଆକ୍ଟ, ୧୯୯୨ର ଧାରା ୨୮ଏ ଅନୁଯାୟୀ, ଯାହା ଆୟକର ଆଇନ, ୧୯୬୧ର ଧାରା ୨୨୨ ସହିତ ପଢ଼ାଯିବ, ରିକଭରୀ ଅଫିସର, ସେବିଙ୍କ ପକ୍ଷରୁ ନିମ୍ନଲିଖିତ ଖିଲାପକାରୀମାନଙ୍କ ବିରୋଧରେ ରିକଭରୀ ସାର୍ଟିଫିକେଟ (ଆରସି) ବାହାର କରାଯାଇଛି । ଅବଶ୍ୟ, ଏହିସବୁ ଖିଲାପକାରୀମାନଙ୍କୁ ସେମାନଙ୍କର ଶେଷ ପରିଚିତ ଠିକଣାରେ ନୋଟିସ ଅଫ୍ ଡିମାଣ୍ଡ (ଏନଓଡି) ଜାରି କରାଯାଇ ପାରିନାହିଁ । ନିମ୍ନରେ ବର୍ଣ୍ଣିତ ଟେବୁଲରେ ଏହା ଦର୍ଶାଯାଇଛି :

| କ୍ର.ନଂ | ଖିଲାପକାରୀଙ୍କ ନାମ | ପାନ୍ | ଶେଷ ପରିଚିତ ଠିକଣା | ଆର୍‌ସି ନଂ. | ଏନଓଡି ତାରିଖ |
|---|---|---|---|---|---|
| ୧ | ଆଦର୍ଶ ୱେଲ୍‌ଥ ଭେଞ୍ଚରର୍ସ ଲିମିଟେଡ୍ | ଏଏ/ସିଏ୯୫୫୫ବି | ପ୍ଲଟ ନଂ. ୫୦୪/୨୩୧୦, କାନନ ବିହାର, ଫେଜ-୨, ଭୁବନେଶ୍ୱର ଖୋର୍ଦ୍ଧା, ଓଡ଼ିଶା-୭୫୧୦୩୧ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୨ | ବିଜୟ କୁମାର ରାଉତ | ଏଜେଏପିଆର୭୫୧୬୮ | ସା/ପୋ-ନାଟକାଇ, ଭାୟା-ନିଶ୍ଚିନ୍ତକୋଇଲି, ଜିଲ୍ଲା-କଟକ, ଓଡ଼ିଶା-୭୫୪୨୦୭ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୩ | ଗଣେଶ୍ୱର ମହନ୍ତ | ବିଏଭିପିଏମ୪୩୬୮କେ | ସା-ବେଲାପୋଷୀ, ପୋ-ନେଲୁଙ୍ଗ, କେନ୍ଦୁଝର ଓଡ଼ିଶା-୭୫୮୦୦୨ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୪ | ଦୀପକ କୁମାର ମହାନ୍ତି | ଏକେଓପିଏମ୧୯୮୮ପି | ସା/ପୋ-ଜେନାପୁର, ଥାନା-ଯାଜପୁର, ଜିଲ୍ଲା-ଯାଜପୁର ଓଡ଼ିଶା-୭୫୬୦୨୩ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୫ | ରମାକାନ୍ତ ମହାକୁଲ | ବଏଫଏଲ୍‌ପିଏମ୍‌୩୭୩୫ସି | ସା/ପୋ-ଭୋଜପୁର, ଥାନା-ଜମନକିରା, ଜିଲ୍ଲା-ସମ୍ବଲପୁର ଓଡ଼ିଶା-୭୬୮୨୨୩ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୬ | ଅନିଲ୍ ସିଂ | ବିଏଏମପିଏସ୍‌୦୦୮୨ଡି | ଏଲଆଇସି କଲୋନୀ, କଟକ ସଦର, ମଧୁପାଟଣା, କଟକ, ଓଡ଼ିଶା-୭୫୩୦୦୯ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୭ | ଚୌଧୁରୀ ନିରଞ୍ଜନ ପ୍ରଧାନ | ଏଆଇଏପିପି୩୬୭୭କ୍ୟୁ | ପ୍ଲଟ ନଂ. ୧୩୧, ରାଜାରାଣୀ ନଗର, ଭୁବନେଶ୍ୱର ଓଡ଼ିଶା-୭୫୧୦୧୪ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |
| ୮ | ବିଭୁତି ଭୂଷଣ ପଣ୍ଡା | ଏଇଏନ୍‌ପିଏନ୪୮୮୧ଆର | ସା/ପୋ- ଲେନ୍ଦୁରା, ଭଗବାନପୁର, ସାଲେପୁର, କଟକ, ଓଡ଼ିଶା-୭୫୪୨୦୩ | ଆରସି ୭୧୦୫, ୨୦୨୩ | ୩୧.୦୮.୨୦୨୩ |

ଉପରୋକ୍ତ ଖିଲାପକାରୀମାନଙ୍କୁ ରିକଭରୀ ଅଫିସରଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ସେମାନେ ଅକ୍ଟୋବର ୦୩, ୨୦୨୪ ସୁଦ୍ଧା ଉପର ବର୍ଣ୍ଣିତ ଠିକଣାରେ ଏକ ଚିଠି ପଠାଇବେ କିମ୍ବା recoveryero@sebi.gov.in ରେ ଏକ ଇମେଲ କରିବେ । ଅଧିକନ୍ତୁ ଯଦି କୌଣସି ବ୍ୟକ୍ତି ଉପର ବର୍ଣ୍ଣିତ ଖିଲାପକାରୀମାନଙ୍କ ଅବସ୍ଥିତି ସମ୍ପର୍କରେ ଅବଗତ ଥିବେ, ତାହାହେଲେ ସେ ସମ୍ପର୍କରେ ସଂପୂର୍ଣ୍ଣ ବିବରଣୀ ଏକ ଚିଠିରେ ଦର୍ଶାଇ ରିକଭରୀ ଅଫିସରଙ୍କ ନିକଟକୁ ଅକ୍ଟୋବର ୦୩, ୨୦୨୪ ସୁଦ୍ଧା ଉପରୋକ୍ତ ଠିକଣାରେ ପଠାଇପାରିବେ କିମ୍ବା recoveryero@sebi.gov.in କୁ ଇ-ମେଲ କରିପାରିବେ ।

**ତାରିଖ : ୧୮ ସେପ୍ଟେମ୍ବର ୨୦୨୪**
**ସ୍ଥାନ : କୋଲକାତା**
CBC 15204/11/0122/2425
**ରାଜକୁମାର କାଲୁରୀ**
**(ରିକଭରି ଅଫିସର)**

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୦୨)

-ବିଭୂତିଯୋଗଃ-

( ଶ୍ରୀଭଗବାନୁବାଚ )

**ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।**
**ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ।।୦୨।।**

(ଯଦି କହ ଏ ବିଷୟରେ ଏହା ପୂର୍ବରୁ ବହୁତ କୁହାଯାଇଛି, ପୁଣି କାହିଁକି କହୁଛ ? ଏହାର ଉତ୍ତରରେ କହୁଛନ୍ତି)-ଦେବତାମାନେ ଓ ଭୃଗୁ ପ୍ରଭୃତି ମହର୍ଷିମାନେ ମୋର ଉତ୍ପତ୍ତି ବିଷୟ ( ନାନାବିଧ ବିଭୂତିରେ ମୋର ଆର୍ବିଭାବ) ଜାଣନ୍ତି ନାହିଁ, କାରଣ ମୁଁ ଦେବତା ଓ ମହର୍ଷିମାନଙ୍କର ସର୍ବପ୍ରକାରେ ମଙ୍ଗଳକାରଣ, (ଅତଏବ ମୋର ଅନୁଭବ ବିନା ମୋତେ କେହି ଜାଣନ୍ତି ନାହିଁ) ।।୦୨।।

# ଖୋମୈନିଙ୍କ ବାଚାଳାମି

ସମ୍ପାଦକୀୟ

ଗାଜା ଏବଂ ମିଆଁମାର ସହିତ ଭାରତକୁ ଯୋଡି, 'ମୁସଲମାନମାନଙ୍କ ଦୁଃଖ' ଉପରେ ମନ୍ତବ୍ୟ ଦେଇ ଇରାନର ସର୍ବୋଚ୍ଚ ନେତା ଅୟୋତଲ୍ଲା ଅଲି ଖୋମୈନି ନିଜର ନିର୍ବୋଧତା ଏବଂ ଭ୍ରମାତ୍ମକ ମାନସିକତା ପ୍ରଦର୍ଶନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟରେ ଆୟତୋଲ୍ଲା ଅଲି ଖୋମୈନି କହିଛନ୍ତି ଯେ' ମିଆଁମାର, ଗାଜା, ଭାରତ କିମ୍ବା ଅନ୍ୟ କୌଣସି ସ୍ଥାନରେ ମୁସଲମାନ ଦୁଃଖ ଭୋଗୁଛନ୍ତି ଏବଂ ସେ ବିଷୟରେ ଆମେ ଚିନ୍ତା କରୁନାହୁଁ, ତା'ହେଲେ ଆମେ ନିଜକୁ ମୁସଲମାନ ବୋଲି ବିବେଚନା କରିପାରିବୁ ନାହିଁ । ଭାରତ ଖୋମୈନିଙ୍କ ଏ ପ୍ରକାର ମନ୍ତବ୍ୟକୁ ଦୃଢ ସ୍ୱରରେ ନିନ୍ଦା କରିଛି ଏବଂ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯାଇଛି । 'ଏଗୁଡିକ ଭୁଲ ସୂଚନା ଏବଂ ଗ୍ରହଣୀୟ ନୁହେଁ । ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ମନ୍ତବ୍ୟ ଦେଉଥିବା ଦେଶଗୁଡିକ ଅନ୍ୟମାନଙ୍କ ବିଷୟରେ କୌଣସି ଟିପ୍ପଣୀ କରିବା ପୂର୍ବରୁ ନିଜ ରେକର୍ଡକୁ ଦେଖିବା ଉଚିତ ବୋଲି ନୂଆଦିଲ୍ଲୀ କହିଛି ।' ଏହା ଏକ ନିଷ୍ଠୁର ବିଡ଼ମ୍ବନା ଯେ ଭାରତ ପରି ଗୋଟିଏ ଗଣତାନ୍ତ୍ରିକ ଦେଶ, ଯାହାର ସମ୍ବିଧାନ ସବୁବେଳ ସବୁ ଧର୍ମର ଲୋକଙ୍କ ପାଇଁ ସମାନ ଅଧିକାରର ଗ୍ୟାରେଣ୍ଟି ଦେଇଆସିଛି, ତାକୁ ଅୟୋତଲ୍ଲା ଅଲି ଖୋମୈନିଙ୍କ ପରି ଜଣେ ଧର୍ମାନ୍ଧ ବ୍ୟକ୍ତି, ବିନା କାରଣରେ ଓ ପ୍ରମାଣରେ ଏହିଭଳି ଏକ ଗୁରୁତର ବକ୍ତବ୍ୟ ଦେଉଛନ୍ତି । ବାସ୍ତବିକ ଏହା ଦୁଃଖର ବିଷୟ । ହୁଏତ ଖୋମୈନି ଭାବି ନେଉଛନ୍ତି ଯେ' ସମଗ୍ର ବିଶ୍ୱରେ, ମୁସଲମାନମାନେ ଗୋଟିଏ ପ୍ରକାରର ଅବସ୍ଥା ଦେଇ ଗତିକରନ୍ତି, କିନ୍ତୁ ଏହି ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭୁଲ ଏବଂ ଭାରତ ବର୍ଷରେ, ଧର୍ମକୁ ନେଇ କେବେବି ବାଛବିଚାର କରାଯାଏ ନାହିଁ, ଏଠାରେ ସମସ୍ତେ, ସୁଖରେ, ଶାନ୍ତିରେ ବସବାସ କରନ୍ତି । ତାଙ୍କର ମନ୍ତବ୍ୟ ସମ୍ପୂର୍ଣ୍ଣ ଭୁଲ ଏବଂ ଭାରତ ପାଇଁ ଗ୍ରହଣୀୟ ନୁହେଁ । ବରଂ ସେ ନିଜ ଦେଶରେ ସଂଖ୍ୟାଲଘୁ ଓ ମହିଳାଙ୍କ ଅବସ୍ଥାକୁ ନେଇ ଚିନ୍ତା କରିବା ଉଚିତ । ଅନ୍ୟ କାହାକୁ ଦୋଷ ଦେବା ପୂର୍ବରୁ, ନିଜ ଦେଶରେ ଥିବା ସଂଖ୍ୟାଲଘୁଙ୍କ ଅର୍ଥନୀତି, ସାମାଜିକ ସ୍ଥିତି, ସମ୍ମାନ ଉପରେ ଚିନ୍ତା କରିବା ଆବଶ୍ୟକ । ନିଜର ମୌଳିକ ଅଧିକାର ପାଇଁ, ଇରାନର ମହିଳାମାନେ ଯେଉଁ ଲଢେଇ କରିଥିଲେ, ତାକୁ ଇରାନ ପ୍ରଶାସନ ଦମନ କରିବା ପାଇଁ ମହିଳାମାନଙ୍କ ଉପରେ ଯେଉଁଭଳି ଅତ୍ୟାଚାର କଲେ, ତାହା ସାରା ବିଶ୍ୱ ଦେଖିଛି । ମହସା ଆମିନୀଙ୍କ ଦ୍ୱିତୀୟ ମୃତ୍ୟୁ ବାର୍ଷିକୀ ଅବସରରେ, ଅୟୋତଲ୍ଲା ଅଲି ଖୋମୈନିଙ୍କ ଏପ୍ରକାର ମନ୍ତବ୍ୟ ଆସିଥିଲା । ଇରାନର ୨୨ ବର୍ଷୀୟ ତରୁଣୀ ମହସା ଆମିନୀଙ୍କ ମୃତ୍ୟୁ ପୋଲିସ୍ ହେପାଜତରେ ହିଁ ହୋଇଥିଲା ଏବଂ ଅନୁପଯୁକ୍ତ ପୋଷାକ ପରିଧାନ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା । ତାଙ୍କ ମୃତ୍ୟୁ ଦେଶରେ ଅସନ୍ତୋଷର କାରଣ ହୋଇଥିଲା ଏବଂ ମହିଳାମାନେ ହିଜାବ ବିରୋଧୀ ବିରୋଧ ପ୍ରଦର୍ଶନ କରିଥିଲେ । ଏହା ପ୍ରଥମ ଘଟଣା ନୁହେଁ ଯେ ଇରାନର ସର୍ବୋଚ୍ଚ ନେତା ଭାରତୀୟ ମୁସଲମାନମାନଙ୍କ ଅବସ୍ଥା ଉପରେ ଏପରି ମନ୍ତବ୍ୟ ଦେଇଛନ୍ତି । ୨୦୧୯ରେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ରଦ୍ଦ ହେବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ପରବର୍ତ୍ତୀ ବର୍ଷ, ଖୋମୈନି ଭାରତୀୟ କର୍ତ୍ତୃପକ୍ଷଙ୍କୁ ନୂଆଦିଲ୍ଲୀ ପୃଷ୍ଠଭୂମିରେ ଉଗ୍ର ହିନ୍ଦୁମାନଙ୍କ ମୁକାବିଲା ଏବଂ ମୁସଲମାନମାନଙ୍କ ହତ୍ୟାକୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହାପୂର୍ବରୁ ୨୦୧୭ରେ, ଇଦ୍ ଅବସରରେ ଏକ ଭାଷଣରେ ସେ କାଶ୍ମୀରକୁ ବାହାରିନ ଏବଂ ୟେମେନ ସହ ତୁଳନା କରି ମୁସଲମାନ ଜଗତକୁ ଏହି ଅଞ୍ଚଳର ଲୋକଙ୍କୁ ସମର୍ଥନ କରିବାକୁ କହିଥିଲେ । ଏହି ଉଦାହରଣଗୁଡିକ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଏକ ସ୍ପଷ୍ଟ ହସ୍ତକ୍ଷେପ ପ୍ରଦର୍ଶନ କରେ । ତେବେ ଏବେକାର ଏହି ମନ୍ତବ୍ୟଗୁଡିକ ଜାମ୍ମୁ କାଶ୍ମୀର ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପୂର୍ବରୁ ଆସିଥିଲା , ହୁଏତ ଏହାର ଉଦ୍ଦେଶ୍ୟ ମତଦାତାଙ୍କୁ ତାଙ୍କ ମନ୍ତବ୍ୟ ମାଧ୍ୟମରେ ପ୍ରଭାବିତ କରିବା ପାଇଁ । ସମ୍ପୃକ୍ତ ଅଞ୍ଚଳର ରାଜନୈତିକ ଭାବନାକୁ ପ୍ରଭାବିତ କରିବାକୁ ଇରାନ ପ୍ରୟାସ କରିଛି । ସାଉଦି ଆରବ ପରି ସୁନ୍ନି-ପ୍ରାଧାନ୍ୟ ଶକ୍ତି ସହ ସନ୍ତୁଳନ ରକ୍ଷା କରିବାକୁ ଇରାନ ପ୍ରାୟତଃ ମୁସଲମାନ ଜଗତରେ, ବିଶେଷ କରି ସିଆ ଅଧ୍ୟୁଷିତ ଅଞ୍ଚଳରେ ନିଜର ସ୍ଥିତିକୁ ଦୃଢ କରିବାକୁ ଚେଷ୍ଟା କରିଆସୁଛି । ତେବେ, ଖୋମୈନିଙ୍କ ମନ୍ତବ୍ୟ ଭାରତ-ଇରାନ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଭାବିବା ଠିକ୍ ନୁହେଁ, କାରଣ ବେଶ କିଛି ବର୍ଷ ଧରି, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ ହେବାରେ ଲାଗିଛି । ନିକଟରେ, ମେ ମାସରେ ଯେପରି, ଇରାନର ଚାବାହାରରେ ସହିଦ ବେହେଶୀ ବନ୍ଦର ଟର୍ମିନାଲର କାର୍ଯ୍ୟ ପାଇଁ ଦୁଇ ଦେଶ ଏକ ଦୀର୍ଘକାଳୀନ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିନାମା ଦ୍ୱାରା, ପ୍ରଥମ ଥର ପାଇଁ ଭାରତ ଏକ ବିଦେଶୀ ବନ୍ଦରର ପରିଚାଳନା ଦାୟିତ୍ୱ ଗ୍ରହଣ କରିବ । ତା ସହିତ, କାହିଁ କେଉଁ କାଳରୁ, ଭାରତ ଏବଂ ଇରାନର ସାଂସ୍କୃତିକ ସମ୍ପର୍କ ରହିଛ । କୂଟନୈତିକ ମତଭେଦ ଦେଖାଗଲେ ମଧ୍ୟ, ଉଭୟ ଦେଶ କେବେ ବି ସମ୍ପର୍କ ଖରାପ ହେବାକୁ ଦେଇନାହାନ୍ତି , ବରଂ ସବୁ ସମୟରେ ସଂଯମତା ପ୍ରଦର୍ଶନ କରିଛନ୍ତି । ଏହା ସହିତ ବାଣିଜ୍ୟ ଏବଂ ସଂଯୋଗୀକରଣ ତେହେରାନ ସହିତ ନୂଆଦିଲ୍ଲୀର ସମ୍ପର୍କକୁ ପରିଭାଷିତ କରେ । ୨୦୨୨-୨୩ ମସିହାରେ, ଇରାନ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୨.୩୩ ବିଲିୟନ ଡ଼ଲାରରେ ପହଞ୍ଚିଛି । ତେଣୁ ସମ୍ପର୍କ ପ୍ରଭାବିତ ହେବାର ସମ୍ଭାବନା ନାହିଁ, କିନ୍ତୁ ଇରାନ ମୁଖ୍ୟ ମନ୍ତବ୍ୟ ତଥ୍ୟଭିତ୍ତିକ ହେବା ଆବଶ୍ୟକ ।

# ଜାତୀୟ ସେବା ଯୋଜନା ଦିବସର ଅନୁଚିନ୍ତା

## ଅଲେଖ ଚନ୍ଦ୍ର ସାମଲ

**ଜାତୀୟ ସେବା ଯୋଜନା ଅନ୍ତର୍ଗତ ଅନେକ ସେବା କାର୍ଯ୍ୟକ୍ରମ ବା ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ସହଯୋଗ ଓ ସହାନୁଭୂତିର ହାତ ନେଇ ପହଞ୍ଚିବା ପାଇଁ ଯେଉଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ତାହା ନିଶ୍ଚିତ ଭାବରେ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ।**

ଆଜି ଜାତୀୟ ସେବା ଯୋଜନା ଦିବସ ବା ନ୍ୟାସନାଲ ସର୍ଭିସ୍ ସ୍କିମ୍ ଡେ । ପ୍ରତିବର୍ଷ ସେପ୍ଟେମ୍ବର ୨୪ ତାରିଖକୁ ସମଗ୍ର ଭାରତବର୍ଷରେ ନ୍ତଜାତୀୟ ସେବା ଯୋଜନା' ଦିବସ ଭାବେ ପାଳନ କରାଯାଉଛି । ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଅର୍ଥନୀତିରେ ଜାତୀୟ ସେବା ଯୋଜନାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷକରି ଏହି ସେବା ଯୋଜନାର ଯୋଗଦାନର ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଛି ଯୁବବର୍ଗଙ୍କ ଉପରେ ।

ଜାତିର ଜନକ ସମସ୍ତଙ୍କ ନମସ୍ୟ ମହାତ୍ମା ଗାନ୍ଧିଙ୍କ ଏହି ସ୍ୱପ୍ନଟି ଥିଲା ଯେ ଶିକ୍ଷା ସହ ସମାଜ ସେବା ସଂଯୋଗ ହେଉ । ଯାହାଦ୍ୱାରା ଏହି ଦେଶର ବା ସମାଜର ଅଗଣିତ ଛାତ୍ରଛାତ୍ରୀ ସମାଜର ବିଭିନ୍ନ ବାସ୍ତବ ସମସ୍ୟା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇପାରିବେ । ଫଳରେ ସେମାନଙ୍କ ଭିତରେ ରହିଥିବା ଶିକ୍ଷାଭିମାନ ସ୍ୱତଃ ଦୂରୀଭୂତ ହୋଇପାରିବା ସହ ସେମାନେ ଆମ ଦେଶର ବିଭିନ୍ନ କ୍ରାନ୍ତିକାରୀ ଯୋଜନାରେ ନିଜର ଅବଦାନ ରଖିବାକୁ ସକ୍ଷମ ହେବେ । ମହାତ୍ମା ଗାନ୍ଧିଙ୍କ ଯୁଗାନ୍ତକାରୀ ଦୂରଦୃଷ୍ଟିର ପରିକଳ୍ପନାକୁ ପରବର୍ତ୍ତୀ ସମୟରେ ସରକାର ଗଭୀର ସମ୍ମାନବୋଧତାର ସହିତ ସ୍ୱାଧୀନତା ପରେ ବିଭିନ୍ନ କମିଟି ଓ କମିଶନ ଗଠନ କରି ଏହି ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ସକ୍ଷମ ହୋଇଥିଲେ ।

ଏହି କ୍ରମରେ ସବୁଠାରୁ ପରିଚିତ ଓ ଚର୍ଚ୍ଚିତ ଦେଶମୁଖ କମିଟି ଓ କୋଠାରୀ କମିଶନ ରିପୋର୍ଟ ଆଧାରରେ ପ୍ରସ୍ତୁତ ଚିଠାକୁ ସର୍ବଭାରତୀୟ କୁଳପତି ସମ୍ମିଳନୀରେ ସ୍ୱାଗତ କରାଗଲା । ଶେଷରେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଅନୁଦାନ କ୍ରମେ ମହାତ୍ମା ଗାନ୍ଧିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହେଲା ।

ଜାତୀୟ ସେବା ଯୋଜନା ଆଜି ଯୁଗାନ୍ତ ବିସ୍ତାରୀ । ଏହା କେବଳ ଭାରତର ବଡ଼ ବଡ଼ ଶିକ୍ଷାୟତନ ବା ଶିକ୍ଷା ପ୍ରତିଷ୍ଠାନ ନୁହେଁ ବରଂ ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଏହା ସମସ୍ତଙ୍କ ଦ୍ୱାରା ଲୋକାଦୃତ ହେଲାଣି । କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ନିଜ ସହଯୋଗ ରକ୍ଷା କରି ଏହି ଜାତୀୟ ସେବା ଯୋଜନା ଅନ୍ତର୍ଗତ ସ୍କିମରେ ପ୍ରଚୁର ଅନୁଦାନର ସହଯୋଗ ଦେଇ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛାତ୍ର ଓ ଯୁବବର୍ଗଙ୍କ ସହିତ ତାଳ ଦେଇ ଆଜିର ଝିଅମାନେ ଏହି କଲ୍ୟାଣକାରୀ ଯୋଜନାରେ ବି ନିଜକୁ ସାମିଲ କଲେଣି । ଜାତୀୟ ପ୍ରଗତିରେ ଏହି ସେବା ଯୋଜନାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ତଥା ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଏହା ବେଶ୍ ବ୍ୟାପକ ହୋଇପାରିଛି ।

ପ୍ରତିବର୍ଷ ଆଜିର ଦିନରେ ଭାରତର ଶିକ୍ଷାୟତନ ସହ ବିଭିନ୍ନ ସେବା ଅନୁଷ୍ଠାନରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ସେବା କାର୍ଯ୍ୟକ୍ରମ ସହ ଯୁବବର୍ଗଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ନୂଆ ନୂଆ ପ୍ରୋଜେକ୍ଟ ହାତକୁ ନିଆଯାଉଛି । ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଜନଧନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ସେବା ଯୋଜନାର ଅନ୍ୟତମ କଲ୍ୟାଣକାରୀ ଚିନ୍ତନ କୁହାଯାଇପାରେ । ମହାତ୍ମା ଗାନ୍ଧିଙ୍କ ପରିକଳ୍ପିତ ଏହି ଜାତୀୟ ସେବା ଯୋଜନାରେ ଆଜି ପୃଥିବୀର ବିଭିନ୍ନ ବଡ଼ ବଡ଼ ଶିକ୍ଷାୟତନ ଓ ସେବା ପ୍ରତିଷ୍ଠାନମାନେ ଅନେକ ସହଯୋଗ ପ୍ରଦାନ କରି ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ଭାରତରୁ ଏହି ବିଶେଷ ଫଳପ୍ରସୁ ଯୋଜନାକୁ ନିଜ ନିଜ ଶିକ୍ଷାୟତନରେ ବିଦ୍ୟାର୍ଥୀମାନଙ୍କ ଭିତରେ ଉପଲବ୍ଧି କରାଇବା ପାଇଁ ସେମାନଙ୍କ ପ୍ରତିନିଧି ମଣ୍ଡଳମାନଙ୍କୁ ନିୟମିତ ବ୍ୟବଧାନରେ ଭାରତ ପଠାଉଛନ୍ତି ।

ଜାତୀୟ ସେବା ଯୋଜନା ଅନ୍ତର୍ଗତ ଅନେକ ସେବା କାର୍ଯ୍ୟକ୍ରମ ବା ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ସହଯୋଗ ଓ ସହାନୁଭୂତିର ହାତ ନେଇ ପହଞ୍ଚିବା ପାଇଁ ଯେଉଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ତାହା ନିଶ୍ଚିତ ଭାବରେ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ । ଚଳିତବର୍ଷ ଭାରତରେ ଅନ୍ୟୁନ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀମାନେ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଶେଷ ଭାବେ ପାଳନ କରିବାକୁ ଯୋଜନା ରଖିଛନ୍ତି ।

ସେବାଯୋଜନା ଅନ୍ତର୍ଗତ ଶିକ୍ଷା ସହ ସେବାର ସଂଯୋଗ, ବ୍ୟକ୍ତି ସହ ରାଷ୍ଟ୍ରର, ଜୀବନ ସହ ଜୀବିକାର, ଗ୍ରାମ ସହ ସହରର ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦାୟିତ୍ୱ ସହ ଅଧିକାରର ସଂଯୋଗୀକରଣର ସମ୍ପର୍କକୁ ସମସ୍ତଙ୍କ ପାଇଁ ଆଦର୍ଶଣୀୟ ଅଭିମୁଖେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ।

ଆଜି ଜାତୀୟ ସେବା ଯୋଜନା ଦିବସ ଅବସରରେ ଏହି ଜାତି ତଥା ନିଜ ମାତୃଭୂମି ସର୍ବୋପରି ସମାଜର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ଓ ସହଯୋଗର ହାତ ବଢ଼ାଇବାର ସଂକଳ୍ପ ନେଲେ ଏହି ଦିବସଟି ନିଜ ଗୁରୁତ୍ୱ ରଖିବାକୁ ସମର୍ଥ ହେବ ।

**ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ମୋ-୯୪୩୭୨୫୭୧୨୩**

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ହେମନ୍ତ କୁମାର ପରିଡ଼ା

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ । ସନାତନ ସଂସ୍କୃତିର ଏହି ସାଧୁସନ୍ଥମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି । ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି । ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତ୍‌ମାର୍ଗ ପ୍ରଦର୍ଶନ କରିଆସିଛି । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ, ମହାତପସ୍ୱୀ । ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି ।

୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ । ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର । ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ । ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି । ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଜ୍ଞାନ କରୁଥିଲେ । ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର । ଜାତିର ପିତା ମହାତ୍ମା ଗାନ୍ଧି ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ । ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା ।

ତାଙ୍କ ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲାଦିନର ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତିତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ । ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା । ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ । ସମସ୍ତ ଆର୍କଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ । ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ । କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ । ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧ୍ୟାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ । ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା । କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି । ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା । ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ସେ ଗ୍ରହଣ କରିନେଇଥିଲେ । ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସର୍ବତ୍ର ବ୍ରହ୍ମ ଦର୍ଶନ କରୁଥିଲେ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ପଷ୍ଟ ଫୁଟି ଉଠୁଥିଲା । ସେ ଅଲୌକିକତାରେ ବିଶ୍ୱାସ କରୁନଥିଲେ । କିନ୍ତୁ ଭକ୍ତମାନଙ୍କ ଅନୁଭବରେ ତାଙ୍କର ଅନେକ ଅଲୌକିକତା ଅନୁଭୂତ ହେଉଥିଲା । ସେ ଥିଲେ ସେବାର ମୂର୍ତ୍ତିମନ୍ତ ବିଗ୍ରହ । ସମାଜରେ ସବୁଠାରୁ ପତିତ କୁଷ୍ଠରୋଗୀମାନେ ଥିଲେ ତାଙ୍କ ପାଇଁ ସାକ୍ଷାତ ନାରାୟଣ । ତାଙ୍କ ବଙ୍ଗଳାର ପାଚେରୀ ଚାରିପଟେ ସେ ଛୋଟ ଛୋଟ କୁଟୀର ନିର୍ମାଣ କରି ସେଠାରେ ସେହି ରୋଗୀମାନଙ୍କୁ ରଖି ନାରାୟଣ ଜ୍ଞାନରେ ସେବାପୂଜା କରୁଥିଲେ । ଏହି ଭାବରେ ସେ ଜୀବନ ସାରା ବ୍ରତୀ ଥିଲେ । ତାଙ୍କ ମାଆ ଥିଲେ ଜଣେ ମହୀୟସୀ ମହିଳା । ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା । ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ । ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଦ୍ଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, କ୍ଷତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପସମ ପାଇଁ ତତ୍ପର ହୋଇ ଉଠୁଥିଲେ । ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତମାନଙ୍କୁ ପଚାରିଲେ ଏହି କୁଣ୍ଡଗୁଡିକରେ କେତେ ଦିନ ହେବ ପାଣି ଦିଆଯାଇନାହିଁ । ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ । ଏହାକୁ ପାପର ପ୍ରାୟଶ୍ଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ । ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ଋଦ୍ଧିମନ୍ତ ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ, ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ । ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ । ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପେ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ । ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତମାନଙ୍କର ହୃଦୟ ଜିଣି ନେଇଥିଲେ । ମର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା । ନମ୍ରତା ତାଙ୍କର ଭୂଷଣ ଥିଲା । ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟାଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ । ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ । ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର ।

ସ୍ୱାମୀ ଚିନ୍ମୟାନନ୍ଦଜୀ ଗୀତାର ଜଣେ ପ୍ରଚଣ୍ଡ ପ୍ରବକ୍ତା ଭାବେ ସାରା ବିଶ୍ୱରେ ପରିଚିତ । ଏକଦା ଏକ ବିଶ୍ୱ ବିଦ୍ୟାଳୟରେ ଗୀତା ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ପ୍ରବଚନ ଦେଉଥିଲେ । ଜଣେ ପ୍ରଫେସର ଠିଆ ହୋଇ ପ୍ରଶ୍ନ କଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁ ଲକ୍ଷଣ ସବୁ କହୁଛନ୍ତି ଏପରି ବ୍ୟକ୍ତି କଣ ଏ ପୃଥିବୀରେ ଅଛନ୍ତି ? ସ୍ୱାମୀଜୀ ତତ୍‌କ୍ଷଣାତ୍ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ କଥା ଉଲ୍ଲେଖ କରିଥିଲେ । ସେ ଜଣେ ସ୍ଥିତପ୍ରଜ୍ଞ ଯୋଗୀ । 'ନର ଦେହେ ନାରାୟଣ ଭଳି' ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି । ସତରେ ସ୍ୱାମୀ ଚିଦାନନ୍ଦଙ୍କ ଭଳି ପରଦୁଃଖ କାତର 'ସର୍ବଭୂତ ହିତେ ରତା' ମହାତ୍ମା ଜଗତରେ ବିରଳ ।

ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା । ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ । ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ । ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ । ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ,ପରବର୍ତ୍ତୀ ସମୟରେ, ଗୁରୁ ଚିଦାନନ୍ଦ, ଶିବାନନ୍ଦଙ୍କ ରାସ୍ତାରେ ଯାଇ କୋଟି ପ୍ରାଣର ଦେବତା ହୋଇ ରହିଗଲେ ।

**ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,**
**ସେକ୍ଟର-୧୦, ସିଡିଏ, କଟକ,**
**ମୋ- ୮୭୬୩୧୦୭୧୨୬**

# ପୁଅ ଜୀଉନ୍ତିଆ ଦୂତୀବାହନ ଓଷା

## ଡ.ଅରୁନ୍ଧତୀ ଦେବୀ

ସନ୍ତାନ ପ୍ରତି ମାଆର ସ୍ନେହ ଅନନ୍ତ ଅସୀମ । ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ । କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା 'ଭ୍ରାତୃ ଦ୍ୱିତୀୟା'ରେ ପୂଜା କରିବସେ । ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ 'ଦୂତୀ ବାହନ' ବା 'ପୁଅ ଜିଉନ୍ତିଆ' ଭଳି ନାନାଦି ଓଷାବ୍ରତ । ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ । ଦରକାର ହେଲେ ସେ ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦିଏ। ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ ।

ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତିବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ ଓଷା । ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ । ଠିକ୍ ସେହିପରି ରାଜ୍ୟର କିଛି ଅଞ୍ଚଳରେ ଦୂତିବାହନ ଓଷା ବା ଦୂତୀୟ ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି । ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି । ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ । ଗାଁ ମଣିଷର ଚଳଣୀ ଓ ସଣ୍ଢଣାକୁ ଦୃଢ଼ କରିଥାଏ । ଏହି ଓଷା ମଣିଷଙ୍କ ଜୀବନଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର ପରିବେଶ ଗଢ଼ିତୋଳେ । ଦୂତିବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ ।

ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ । ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ । ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ । ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ । ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ । ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ । ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି । ସଞ୍ଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି । ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ । ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ । ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ । ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ । ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ । ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ ।

ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହିଁ ବ୍ୟବହୃତ ହୋଇଥାଏ । ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ । ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ । ସମସ୍ତେ ଭୋଗ ବାଢ଼ନ୍ତି । ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି । ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି । ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ । ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ । ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ । ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ ।

ଏହି ସମୟଟି ଅତ୍ୟନ୍ତ ଅଶୁଭ ସମୟ । କାରଣ ହରିଙ୍କ ଶୟନ ସାଙ୍ଗକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ । ୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ । ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ । ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ, ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ । ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ । ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖିଆଯାଏ । ଏହି ଘାଣ୍ଟର ସ୍ୱତନ୍ତ୍ରତା ହେଉଛି ଏଥିରେ ଅନେକ ଟଟକା ପନିପରିବା ସହ ଶାଗ ଓ ବିଭିନ୍ନ ଶସ୍ୟର ସମାହାର ହୋଇଥାଏ ଯାହାକି ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ ମଧ୍ୟ । ଖୁସିର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ସ୍ଥାନ ପାଇଛି ।

**କଟକ, ମୋ-୯୯୩୭୧୭୨୮୧୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟାୟିକ...

ଏଭଳି ଘଟଣା ଘଟିଲା ଶତହାର ଅନୁସନ୍ଧାନ କରାଯିବ । ଘଟଣାର କ୍ରମ କ'ଣ ଥିଲା, ଏହାଛଡା ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଓ ମାଡ କିଭଳି ଘଟିଲା ତାହା ମଧ୍ୟ ଅନୁଧ୍ୟାନ ହେବ । ଏତଦ୍‌ଭିନ୍ନ ଏଥିରେ କାହାର କିଛି ଭୂମିକା ଅଛି କି, କେଉଁ ବ୍ୟକ୍ତିବିଶେଷ, ଗୋଷ୍ଠୀ ବା କର୍ତ୍ତୃପକ୍ଷଙ୍କ ଭୂମିକା ନେଇ ଅନୁସନ୍ଧାନ ହେବ । ଅନ୍ୟକିଛି ଘଟଣା ସହ ଏହି ଭରତପୁର ଥାନା ଘଟଣାର ଲିଙ୍କ ଅଛି କି, ତାହାର ତଦନ୍ତ କରାଯିବ । ଯଦି ଘଟଣା ସହ ଆଉକିଛି ଜଡିତ ଥାନା ତେବେ ଏହାର ତଦନ୍ତ କରାଯିବ । ଭବିଷ୍ୟତରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନହୁଏ ସେନେଇ ପରାମର୍ଶ ଦିଆଯାଇଛି । ମହିଳା ଓ ନିରାପତ୍ତା ସୁରକ୍ଷା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି । କମିଶନଙ୍କ ମୁଖ୍ୟାଳୟ ଭୁବନେଶ୍ୱରରେ ହେବ । ଯଦି କମିଶନ ଆବଶ୍ୟକ ମଣିବେ ତେବେ ଅନ୍ୟ ସ୍ଥାନକୁ ଯାଇ ତଦନ୍ତ କରିପାରିବେ । ଗତକାଲି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରି ମାମଲାର ବିଚାର ବିଭାଗୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ଆଉ...

କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ସେଥିପାଇଁ ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ବୁଧବାର ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ(୭ରୁ ୧୧ ସେମି) ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି ରହିଛି । ୨୫ ଓ ୨୬ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼ ଓ କନ୍ଧମାଳ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

ସେହିପରି ଆଜି(ସୋମବାର) ଠାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିବା ଆରମ୍ଭ କରିଛି । ପଶ୍ଚିମ ରାଜସ୍ଥାନର ଓ କଚ୍ଛରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଛି । ଧୀରେ ଧୀରେ ସାରା ଦେଶରୁ କ୍ରମଶଃ ଫେରିଯିବା ପାଇଁ ପାଗ ପୂରା ଅନୁକୂଳ ରହିଛି । ତେବେ ଓଡ଼ିଶାରୁ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଏହା ସ୍ୱାଭାବିକ ଭାବେ ଫେରିଯିବ ମୌସୁମୀ ।

## ମୁଖ୍ୟମନ୍ତ୍ରୀଙ୍କୁ...

ଦିଆଯାଇଛି । ସମଗ୍ର ଦେଶରେ ଏହା ଏକ ଏପରି ମାମଲା ଯେଉଁଥିରେ ଦୁଇ ଦୁଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏପଟେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଅନ୍ୟଟି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଛି । ଭୁବନେଶ୍ୱରର ଯେଉଁ ଥାନାରେ ସିସିଟିଭି ନାହିଁ ସେହି ଥାନାରେ ସିସିଟିଭି ଲାଗିବ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି ।

## ହାଇକୋର୍ଟ...

ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଅକ୍ଟୋବର ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଏଥିସହ ପୁଲିସ୍ ଥାନାରେ ଅଭିଯୁକ୍ତଙ୍କ ପ୍ରତି କିପରି ବ୍ୟବହାର କରିବା ଦରକାର ସେଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ଯେଉଁ ଆଦେଶ ରହିଛି ତାହା କେତେଦୂର କାର୍ଯ୍ୟକାରୀ ହେଉଛି ସେ ସଂକ୍ରାନ୍ତରେ ମଧ୍ୟ ପରବର୍ତ୍ତୀ ଶୁଣାଣିରେ ଜଣାଇବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଆଜି ହାଇକୋର୍ଟ ଏହି ମାମଲାର ଶୁଣାଣି ବେଳେ ଏଜି ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷ ରଖୁଥିଲେ । ଭରତପୁର ଥାନା ଘଟଣାରେ ରାଜ୍ୟ ସରକାର ଗତ ୪/ ୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଅଦାଲତଙ୍କୁ ସୂଚନା ଦେଇଥିଲେ । ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ଏହି ଘଟଣାରେ ତୁରନ୍ତ ଭରତପୁର ଥାନାର କିଛି ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କିଛି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଏହି ଘଟଣାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି । ରାଜ୍ୟ ସରକାର ତୁରନ୍ତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସିସିଟିଭି କ୍ୟାମେରା ବସାଯିବା ଉପରେ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ରାଜ୍ୟରେ ମୋଟ୍ ୬୫୦ଟି ଥାନା ରହିଛି । ଏଥିରୁ ୫୯୩ଟି ଥାନାରେ ସିସିଟିଭି ଲାଗିଛି । ବାକି ୫୭ଟି ଥାନାରେ ସିସିଟିଭି ଲାଗିବା ପ୍ରକ୍ରିୟା ଜାରି ରହିଛି । ବିଶେଷକରି ଯେଉଁସବୁ ଥାନା ନୂଆକରି କରାଯାଇଛି ସେହିଭଳି ଥାନାରେ ସିସିଟିଭି ଲାଗିପାରିନି ବୋଲି ଶ୍ରୀ ଆଚାର୍ଯ୍ୟ ଅଦାଲତଙ୍କୁ ଅବଗତ କରିଥିଲେ । ହାଇକୋର୍ଟ ଏହାକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ୧୮୨...

ଇସ୍ରାଏଲ ସେନା ମୁଖପାତ୍ର କହିଛନ୍ତି ଯେ ନିକଟ ଭବିଷ୍ୟତରେ ହେଜେବୁଲ୍ଲା ପ୍ରଭାବ ଥିବା ଅଞ୍ଚଳରେ ଆହୁରି ଆକ୍ରମଣ କରାଯିବ । ସାଧାରଣ ଲୋକମାନେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାପାଇଁ କୁହାଯାଉଛି ।

## ବଜ୍ରପାତରେ...

ସେହିପରି ନୟାଗଡ଼ ଜିଲ୍ଲା ଗଣିଆ ଥାନା ପୂର୍ଣ୍ଣଚନ୍ଦ୍ରପୁର ଗାଁରେ ବଜ୍ରପାତରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି।ମୃତ ଚାଷୀଙ୍କ ନାମ ସୁରେଶ ଚନ୍ଦ୍ର ପ୍ରଧାନ (୫୨) । ବିଲରେ କାମ ସାରି ଘରକୁ ଫେରୁଥିବା ବାଟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେଶଙ୍କ ବିୟୋଗରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଗରିବ ଚାଷୀ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

## ଡାଉନ୍‌ଲୋଡ୍...

ତେବେ ଏହି ରାୟ ବିରୋଧରେ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନେକ ସଂଗଠନ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି କରି ଏଭଳି ରାୟ ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ । ଜଣେ ୨୮ ବର୍ଷୀୟ ବ୍ୟକ୍ତି ତାଙ୍କ ଫୋନ୍‌ରେ ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଡାଉନ୍‌ଲୋଡ୍ କରିବାର ଅଭିଯୋଗ ଆସିଥିଲା । ତାଙ୍କ ବିରୋଧରେ ହୋଇଥିବା ଅପରାଧିକ ମାମଲାକୁ କୋର୍ଟ ଖାରଜ କରିଦେଇଥିଲେ । ସୁପ୍ରିମ୍‌କୋର୍ଟ ଏହାକୁ ଆଜି ପୁନର୍ବାର ବାତିଲ କରିଛନ୍ତି । ଜଷ୍ଟିସ୍ ପାରିଡ଼ୱାଲା ପ୍ରଧାନ ବିଚାରପତିଙ୍କୁ ଏହି ରାୟ ପାଇଁ ଧନ୍ୟବାଦ ଦେଇଛନ୍ତି । ଏହି ରାୟଟି ପୋକ୍ସୋ ଆଇନ୍‌ର ଧାରା ୧୫ ଅନୁଯାୟୀ ଆସୁଛି । ପୋକ୍ସୋ ଆଇନ୍‌ରେ ସଂଶୋଧନ କରି ଚାଇଲ୍ଡ ପ୍ରୋନୋଗ୍ରାଫି ଶବ୍ଦ ସ୍ଥାନରେ ଚାଇଲ୍ଡ ସେକ୍ସୁଆଲ ଆବୁସିଭ୍ ଆଣ୍ଡ ଏକ୍ସପ୍ଲୋଟେଟିଭ୍ ମ୍ୟାଟେରିଆଲ ବା ଶିଶୁ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାର ସାମଗ୍ରୀ ଲେଖାଯାଉ ବୋଲି ପରାମର୍ଶ ଦେଇଥିଲେ । କୋର୍ଟ ପ୍ରାୟ ୨୦୦ ପୃଷ୍ଠାର ଏହି ରାୟ ଉଲ୍ଲେଖ କରିଛନ୍ତି । ଯେ ପର୍ଯ୍ୟନ୍ତ ଆଇନ୍‌ର ପରିବର୍ତ୍ତନ ସଂଶୋଧନ ସଂସଦାରେ ଅନୁମୋଦନ ନହୁଏ ସେ ପର୍ଯ୍ୟନ୍ତ ଏକ ନିୟମ ଆଣିବା ଉଚିତ୍ ବୋଲି କୋର୍ଟ କହିଛନ୍ତି । ପିଲାମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

## ଘଟଣାର...

ତାହା ଯଥେଷ୍ଟ ହୋଇନପାରେ ବୋଲି କହିଛନ୍ତି ଜଷ୍ଟିସ୍ ଦାଶ । କାରଣ, ପ୍ରଥମେ ଶୁଣାଣି ଆରମ୍ଭ ପୂର୍ବରୁ ଏଥିରେ ଜଡ଼ିତ ବିଭିନ୍ନ ପକ୍ଷଙ୍କଠାରୁ ସତ୍ୟପାଠ ମଗାଯିବ । ଏଥିରେ ୧୦ରୁ ୧୫ଦିନ ସମୟ ଚାଲି ଯାଇପାରେ । ଆଉ କିଛି ଲୋକ ଏଥିପାଇଁ ଅଧିକ ସମୟ ଲୋଡ଼ିପାରନ୍ତି । ତେଣୁ ସତ୍ୟପାଠ ଆସିବା ପରେ ଶୁଣାଣି ଆରମ୍ଭ ହେବ । ଗୋଟେ ପକ୍ଷ ନିଜ ପକ୍ଷ ରଖୁବା ପରେ ଅନ୍ୟ ପକ୍ଷ ତା' ଉପରେ ପ୍ରତିଜବାବ ରଖୁବା ଲାଗି ସମୟ ନେବେ । ଯଦି ପ୍ରତ୍ୟେକ ପକ୍ଷ ସହଯୋଗ କରନ୍ତି ତାହେଲେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଚେଷ୍ଟା କରିବେ ବୋଲି ସେ ଆଶା ରଖିଛନ୍ତି ।

## ରୋହିଣୀ...

ଆତୋଡା ନିକଟ ମହାନଦୀ ପଠା ଜଙ୍ଗଲ ଭିତରେ ଠାବ ହୋଇଥଲା ଅପମିଶ୍ରିତ କ୍ଷୀର ପ୍ରସ୍ତୁତ କମ୍ପାନୀ । ଅପମିଶ୍ରଣ ରୋହିଣୀ ନାମକ ଦୁଗ୍ଧ କମ୍ପାନୀରେ ଚଢ଼ାଉ କରିଥିଲା କମିଶନରେଟ ପୋଲିସ ଓ ଖାଦ୍ୟ ନିରାପତ୍ତା ବିଭାଗ ର ଟିମ୍ । ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିଲା କ୍ଷୀର । ଚଢ଼ାଉ ବେଳେ ଦୁଗ୍ଧ ପ୍ୟାକେଟ ଭିତରେ ଖାଇବା ଶୋଡ଼ା, କେମିକାଲ, ଦୂଷିତ ଜଳ ଏବଂ ଲୁଣ ମିଶାଯାଇ ପ୍ରସ୍ତୁତ ହେଉଥିଲା କ୍ଷୀର ପ୍ୟାକେଟ । ସ୍କିମ୍ଡ ଦୁଗ୍ଧ ପାଉଡର ସହ ମାତ୍ର ୨୦% କ୍ଷୀର ମିଶାଇ ସେଥିରୁ ପ୍ରସ୍ତୁତ କରାଯାଉଥିଲା ଦୁଗ୍ଧଜାତ ଦ୍ରବ୍ୟ । କ୍ଷୀରକୁ ବହଳିଆ କରିବା ପାଇଁ ଲୁଣ, ସ୍ୱଚ୍ଛ କରିବା ପାଇଁ କଷ୍ଟିକ୍ ଶୋଡା ଓ ରାସାୟନିକ ଦ୍ରବ୍ୟ ମିଶା ଯାଉଥିବା ଚଢ଼ାଉ ବେଳେ ଖାଦ୍ୟ ନିରାପତ୍ତା ଟିମ୍ ଜାଣିବାକୁ ପାଇଛି । ଏପରିକି ଏହି ଅପମିଶ୍ରଣ ଦୁଗ୍ଧ ଉତ୍ପାଦନ କରୁଥିବା କାରଖାନାଟି ରେଜିଷ୍ଟ୍ରେସନ୍ ହୋଇନଥିବା ଜଣାପଡିଛି । ଚଢ଼ାଉ ବେଳେ ରୋହିଣୀ ବ୍ରାଣ୍ଡରେ ବଜାରକୁ ଛଡ଼ା ଯାଉଥିବା ୧୫୬୦ ପ୍ୟାକେଟ (୫୦୦ମି.ଗ୍ରା) କ୍ଷୀର,୩୨୦ ପ୍ୟାକେଟ (୨୫୦ମି.ଗ୍ରା) ଦହି,୫୨୦ ପ୍ୟାକେଟ (୫୦୦ ମି .ଗ୍ରା) ଦହି ଜବତ କରିଛି ପୋଲିସ । କମ୍ପାନୀ ର ମାଲିକ ତେନ୍ତୋଳ ଅଞ୍ଚଳର ପ୍ରଦୀପ୍ତ କୁମାର ପରିଡ଼ାକୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି ବୋଲି ଜୋନ ୧ ର ଏସିପି ଅରୁଣ କୁମାର ସ୍ୱାଇଁ ସୁଚନା ଦେଇଛନ୍ତି ।

ଚଢ଼ାଉ ପରେ ଅପମିଶ୍ରିତ କ୍ଷୀର ପ୍ରସ୍ତୁତ କମ୍ପାନୀକୁ ସିଲ୍ କରାଯାଇ ପ୍ରସ୍ତୁତ ହେଉଥିବା କ୍ଷୀରକୁ ସାମ୍ପଲ ପାଇଁ ପଠାଯାଇଥିବା ସୂଚନା ମିଳିଛି । କେବଳ କ୍ଷୀର ନୁହେଁ ଦହି ଏବଂ ଲସି ମଧ୍ୟ ଏଠାରେ ପ୍ରସ୍ତୁତ କରାଯାଇ କଟକ, କେନ୍ଦ୍ରାପଡା, ଯାଜପୁର, ପୁରୀ ସହର ଭଳି ବିଭିନ୍ନ ଜିଲ୍ଲାକୁ ଏହା ବିକ୍ରୟ ପାଇଁ ପଠା ଯାଉଥିଲା । ତେବେ ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି । ଏହି ପ୍ରଡକ୍ଟ ଯେଉଁ ଯେଉଁ ଆଡ଼େ ବିକ୍ରି ହୋଇଛି ତାହା ଉପରେ ପୋଲିସ ଅନୁଧ୍ୟାନ କରୁଛି । ଏଭଳି ଅପମିଶ୍ରଣ ସାଧାରଣ ଜନଜୀବନ ଉପରେ ପ୍ରଭାବ ପକାଇବା ସହ ଜଳଜନିତ ରୋଗର ବାହକ ବୋଲି ଖାଦ୍ୟ ନିରାପତ୍ତା ଟିମ୍‌ର ଅଧିକାରୀ ଡକ୍ଟର ସତ୍ୟବ୍ରତ ମହାପାତ୍ର କହିଛନ୍ତି ।

## କାମ...

ଆଣ୍ଟିବାୟୋଟିକ୍ସର ଅପବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଉଛି । କୃଷି ଉପରେ ଏହି ଅପବ୍ୟବହାର ଯୋଗୁ ମାନବ ଶରୀରରେ ପ୍ରତିରୋଧକ କ୍ଷମତା ହ୍ରାସ ପାଉଛି । ଫଳରେ ଆଣ୍ଟିବାୟୋଟିକ୍ସ କାମ କରୁନାହିଁ ।

# ଟିଏସ୍‌ଏଫ୍ ସହଯୋଗରେ ସବାଇ ଘାସ କଳାକୃତି ପ୍ରଶିକ୍ଷଣ

ବାଲେଶ୍ୱର: ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ) ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ୧୪୦ ଜଣ ମହିଳାଙ୍କୁ ସଶକ୍ତ କରିବା ପାଇଁ ଚଉମୁଖ, ବିଲକୁମାରୀଓ ବଡାସରେ ତିନୋଟି ସବାଇ ଘାସ କଳାକୃତି (କ୍ରାଫ୍ଟ) ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି।ଏହି କେନ୍ଦ୍ରଗୁଡ଼ିକ ମହିଳାମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ସୃଷ୍ଟି କରିବା ଏବଂ ସେମାନଙ୍କ ଆର୍ଥିକ ସ୍ୱାଧୀନତା ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ପାରମ୍ପରିକ କାରିଗରୀ ସବାଇ ଘାସ ବୁଣାକାମରେ ପ୍ରଶିକ୍ଷଣପ୍ରଦାନ କରିବ ।ଏହି ଅବସରରେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସପିପିଏଲ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ), ବାଲେଶ୍ୱରର ୟୁନିଟ୍ ମୁଖ୍ୟପ୍ରମୋଦ କୁମାର ପାତ୍ରଙ୍କ ସମେତ ସ୍ଥାନୀୟ ସରପଂଚଙ୍କ ସହ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।ଏହି ପଦକ୍ଷେପ କେବଳ ଏକ ପାରମ୍ପରିକ କଳାକୁ ସଂରକ୍ଷିତ କରିବା ସହ ମହିଳାମାନଙ୍କୁ ଦକ୍ଷତା ପ୍ରଦାନ କରୁଛି ଯାହା ସେମାନଙ୍କୁ ବଜାରରେ ପ୍ରବେଶ କରିବାକୁ ସକ୍ଷମ କରିବ। ସବାଇ ଘାସ କ୍ରାଫ୍ଟ ପ୍ରଶିକ୍ଷଣକେନ୍ଦ୍ରଗୁଡ଼ିକ ଉଦ୍ୟୋଗର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସେଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳାମାନଙ୍କୁ ଉତ୍ପାଦ ବିକାଶ, ଗୁଣବତ୍ତା ବୃଦ୍ଧି ଏବଂ ବଜାର ସହିତ ସଂଯୋଗ କରିବାରେସାହାଯ୍ୟ କରିବ । ଏହି ପ୍ରଶିକ୍ଷଣ ବୁଣା କୌଶଳଠାରୁ ଆଗକୁ ଯାଇ ଉତ୍ପାଦ ଡିଜାଇନ, ଗୁଣାତ୍ମକ ଉନ୍ନତି ଏବଂ ବଜାର ପ୍ରବେଶ ଉପରେ ଗୁରୁତ୍ୱ ଦେଇ ମହିଳାମାନେ ଯେଭଳି ପ୍ରଭାବଶାଳୀ ଭାବରେପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଏବଂ ଦୀର୍ଘସ୍ଥାୟୀ ବ୍ୟବସାୟ ଉଦ୍ୟୋଗ ନିର୍ମାଣ କରିପାରିବେ ସେଥିରେ ସହାୟକ ହେବ।


**AFFIDAVIT**

By virtue of an Affidavit sworn before Notary public. Cuttack dated 25. 07. 2024, I kapura Bewa. W/o - late Nageswar Dandapat, permanent resident At- Chhatia. PO- Santarapur. PS - Ghatgaon. Dist-keonjhar ,Odisha. Pin- 758029 have changed my name / surname from karpura Dandpat to kapura Bewa, Henceforth I Shall be known as kapura Bewa for all purposes.

Sd/- kapura Bewa

**PARADIP PORT AUTHORITY**
**E & M DEPARTMENT**
**MATERIAL MANAGEMENT DIVISION**
NO-EM/MM/P/IOHP-08/2024/22
DT- 12/09/2024

Name of the work - Procurement of 3000 Meter Steel Cord Conveyor Belts,
Estimated Cost - Rs.2,59,52,850/-
Last Date & Time of Submission - 03/10/2024 1800 Hrs,
Log on to Gem Portal: www.gem.gov.in

Sd/- Sr. Dy. Materials Manager
Paradip Port Authority

PPA/PR/38/2024-2025 Dtd.19.09.2024

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ) ଚକ୍ରଧରପୁର, ଦ.ପୂ ରେଳପଥ ନିମ୍ନ ସୂଚୀତ କାର୍ଯ୍ୟ ସକାଶେ କ୍ର.ନଂ. ୧ ଓ କ୍ର. ନଂ. ୨ ପାଇଁ ସିଙ୍ଗଲ୍ ପ୍ୟାକେଟ୍ ସିଷ୍ଟମରେ ଓ୍ୱାର୍କସ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫର କୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ., ଟେଣ୍ଡର ନୋଟିସ୍ ନଂ ଓ କାର୍ଯ୍ୟର ନାମ ନିମ୍ନମତେ ହେବ : ୧. ଏମଇସିଏଚସିକେପି-୨୪-୨୫-୧୧ । ଆରଏସ୍‌ପି (ୱାଗନ) କାର୍ଯ୍ୟ ଅଧୀନରେ ୱାଗ ଗୁଡ଼ିକର ସିଟିଆରବି ଓଭର ହଲିଂ : ପିବି ଆଇଟମ ନଂ. ୧୨୭୧/୨୦୨୩-୨୪ ଅଧୀନରେ ୱାଗନର ଆରଓଏଚ୍ । ଟେଣ୍ଡର ମୂଲ୍ୟ : ଟ. ୨,୭୩,୯୪,୩୮୩.୪୦ । ବିଡ୍ ସିକ୍ୟୁରିଟି/ଇ.ଏମ.ଡି : ଟ. ୨,୮୨,୦୦୦/- । ୨. ଏମଇସିଏଚସିକେପି-୨୪-୨୫-୧୨ । କୋଚିଂ ଡିପୋ ଆରଓୟୁ ଠାରେ ୨ ବର୍ଷ ଅବଧି ପାଇଁ କୋଚ୍ ଗୁଡ଼ିକରେ ଥିବା ବାୟୋଲୋଜିକାଲ ଟଏଲେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଚୁକ୍ତି (ଏଏମସି) । ଟେଣ୍ଡରମୂଲ୍ୟ : ଟ.୮୩,୫୩,୪୧୭.୪୦ । ବିଡ୍‌ସିକ୍ୟୁରିଟି/ଇ.ଏମ୍.ଡି : ଟ. ୧,୬୭,୧୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଟ. ଉଭୟ ପାଇଁ ଶୂନ୍ୟ । ଟେଣ୍ଡର ଖୋଲା ସ୍ଥାନ : ସିନିୟର ଡିଏମ୍ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୧୪.୧୦.୨୦୨୪ ଅପରାହ୍ନ ୧୫ ଘଟିକା ଉଭୟ ଟେଣ୍ଡର ପାଇଁ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦତା/ ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ଥିବା ବାଞ୍ଛନୀୟ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । (PR-636)

**AFFIDAVIT**

I, Previously known as Siba Palei as per Voter I.D. All other records my name reveals as Sudarsan Palai, Shiba Palei & Sudarsan Palei is related to one man & same person. From today and onwards I shall be known as Sudarsan Palei S/o- Gobardhan Palei of vill- Kuhudi, P.S-Tangi, Dist. Khurda in all records.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated 01.07.2024,1, Ashoka Kumar Jena at-Jadi Sahi, near Delta IB, Unit-8, Bhubaneswar, Dist- Khordha, PIN-751012 hereby declare that I have changed my daughter's name from Ahana Kuladipa to Ahana Rani Jena. Henceforth, She shall be known as Ahana Rani Jena for all purposes.

**AFFIDAVIT**

By virtue of an affidavit sworn before dated-31.08.2024 susil sahoo, Address- resident of Vill Arasahi, Saradhapur, Dist: Nayagar, Odisha, PIN: 752068 declare that I have changed my name from susuni sahoo to susil sahoo. Henceforth, I shall be known as susil sahoo for all purposes.

Sd/- Susil sahoo

C-650
**OFFICE OF THE MUNICIPAL COUNCIL: BALANGIR**
Address : Office of the Municipal Council Balangir,
Opp. Of Rajendra park Balangir, Pin : 767001
Ph. No. : 06652 232720, Email ID : bgrmc1972@gmail.com
Letter No. 3771 // Date. 23.09.2024

**ଅଭିବ୍ୟକ୍ତି ପ୍ରକାଶନ**

ବଲାଙ୍ଗିର ପୌର ପରିଷଦ ଅଧିନରେ ଥିବା ୱାର୍ଡ ନଂ-୧୮ ସ୍ଥିତ ବିଜାଖମନ ଠାରେ ୨ ଗୋଟି କ୍ଷୁଦ୍ର ଜୈବସାର ପ୍ରକ୍ରିୟା କରଣ କେନ୍ଦ୍ର **(MCC)** ଓ ଏକ ଗୋଟି ବସ୍ତୁ ପୁନର୍ଲାଭ କେନ୍ଦ୍ର **(MRF)** ନୂତନ ଭାବେ ଗଠନ କରାଯାଇଅଛି । ଏହାର ପରିଚାଳନା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନମାନେ ଏହି ଅଭିବ୍ୟକ୍ତି ପ୍ରକାଶନ ରେ ଲେଖା ହୋଇଥିବା ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବ୍‌ସାଇଟ୍ **(www.balangir.nic.in)** କୁ ଯାଇ ତାର ସମସ୍ତ ବିବରଣୀ ପାଇପାରିବେ ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ବଲାଙ୍ଗିର ପୌରପାଳିକା

OIPR : 13169/11/0018/2425

**OFFICE OF THE PRINCIPAL**
**BRUNDABAN SUBUDHI COLLEGE**
DASPALLA, DIST-NAYAGARH, PIN-752084
PRINCIPAL PHONE No. 8637207746 email:bscollege.daspalla@gmail.com
"SA VIDYA JA BIMUKTAYE"
Letter No. 544/24 Date : 21.09.2024

**WALK IN INTERVIEW**

**A walk in interview for the posts of Lecturers in History, Philosophy, Chemistry and Botany and a sweeper will be conducted on dt. 29.09.2024 at 10.30 A.M. in the college premises. So interested candidate for the concerned posts may attend the interview with their original Testimonials.**

**No TA/DA is Allowed**

Sd/- Subash Chandra Nayak
Principal-Cum-Secretary
B.S. College, Daspalla

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department,
Govt. of Odisha
C-649
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ - ପାରାଦ୍ୱୀପ, ଜିଲ୍ଲା- ଜଗତସିଂହପୁର, ୭୫୪୧୪୨
At/Po- Paradeep, Dist- Jagatsinghpur (Odisha), Pin-754142

**e-Procurement Notice**

| | | |
|---|---|---|
| Tender Call Notice No. | : | 3969/ dt.20,09.2024 |
| Bid Identification No. | : | EO/PDPM/W_01/2024-25 |
| Tender ID | : | 2024_ORULB_105057 |
| Nature of Works | : | Civil Works |
| Number of Works | : | 37 |
| Tender Value | : | Rs. 2.63 Lakh to Rs. 14.86 Lakh |
| Available Period | : | dt.24.09.2024 from 17:00 hrs to dt. 08.10.2024 17:00 hrs |
| Tender Opening Date | : | dt.09.10.2024 al 11:00 AM |

Bidders are requested to read the NIT & DTCN at **www.tendersodisha.gov.in** carefully and participate wilh their Class-II or Class-III DSC before the closing date.

Sd/- Executive Officer
Paradeep Municipality

OIPR : 13120/11/0010/2425

**କଂପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆଙ୍କ କାର୍ଯ୍ୟାଳୟ**
**୯, ଦୀନଦୟାଲ ଉପାଧ୍ୟାୟ ମାର୍ଗ, ନୂଆଦିଲ୍ଲୀ**

**ଜାତୀୟ ପ୍ରବନ୍ଧ ଲିଖିନ ପ୍ରତିଯୋଗିତା- ୨୦୨୪**

କଂପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ଅଡିଟ୍ ଦିବସ ପାଳନ ସ୍ୱରୂପ ୪ ଅକ୍ଟୋବର ୨୦୨୪ ତାରିଖରେ ଜାତୀୟ ପ୍ରବନ୍ଧ ଲିଖିନ ପ୍ରତିଯୋଗିତା ଆୟୋଜନ କରୁଅଛନ୍ତି ।

ସମସ୍ତ କଲେଜର ଛାତ୍ରଛାତ୍ରୀ ଯେଉଁମାନେ କି ଏବେ କୌଣସି ଭାରତର କୌଣସି ବିଶ୍ୱବିଦ୍ୟାଳୟ ଦ୍ୱାର ସ୍ୱୀକୃତି ପାଇଥିବା କୌଣସି ଶିକ୍ଷାନୁଷ୍ଠାନରେ ଏବେ ଅଧ୍ୟୟନ କରୁଛନ୍ତି ସେମାନଙ୍କ ପାଇଁ ପ୍ରବନ୍ଧ ଲିଖିନ ପ୍ରତିଯୋଗିତା ପ୍ରଯୁଜ୍ୟ ଅଟେ । ଅଂଶଗ୍ରହଣକାରୀ ମାନଙ୍କର ବୟସ ୧ ଅଗଷ୍ଟ ୨୦୨୪ ସୁଦ୍ଧା ୨୩ ବର୍ଷରୁ ଅଧିକ ହୋଇନଥିବ ।

ଏହି ପ୍ରବନ୍ଧ ପ୍ରତିଯୋଗିତା ହିନ୍ଦୀ କିମ୍ବା ଇଂରାଜୀରେ ପାରମ୍ପରିକ ଭାବେ କଲମ ଓ କାଗଜରେ ପରିଚାଳିତ ହେବ, ଏଥିରେ ବଛା ବଛା କେନ୍ଦ୍ର ଯେଉଁଠାରେ ଆଇଏ ଆଣ୍ଡ ଏଡି କାର୍ଯ୍ୟାଳୟ ରହିଥିବ ସେଠାରେ ପ୍ରାର୍ଥୀମାନେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ପରୀକ୍ଷା ଦେଇପାରିବେ ।

ଏହି ପ୍ରତିଯୋଗିତା ଲାଗି ଅନ୍‌ଲାଇନ୍ ପଞ୍ଜିକରଣ **୧୪ ସେପ୍ଟେମ୍ବର ୨୦୨୪ ତାରିଖ ୧୨** ଘଟିକା ଠାରୁ ଖୋଲା ରହିଛି । ପଞ୍ଜିକରଣ ଓ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାପୂର୍ବକ **https://cagessaycompetition.co.in** ଦେଖିପାରିବେ କିମ୍ବା / ନିମ୍ନ ବର୍ଣ୍ଣିତ କ୍ୱିଆର କୋର୍ଡ ସ୍କାନ୍ କରିପାରିବେ ।

CBC-51101/11/0004/2425

**GOVERNMENT OF ODISHA : PANCHAYATI RAJ & DRINKING WATER DEPTT.**
**OFFICE OF THE PANCHAYAT SAMITI. SOHELA**
At-Sohela, Po-SOHELA. Dist - Bargarh. Pin-768033
E-mail : ori_sohela@nic.in
No. 2438 Dt. 21.09.2024
i-188

**National Competitive Bidding through e-procurement**
**Bid Identification No. 07 /2024-25**

The BDO . SOHELA on behalf of PANCHAYAT **SAMITI . SOHELA** invites Percentage bid **through** e-procurement in single cover **system** according to norm of e-Procurement **system** in on-line mode. Bid Documents consisting of work . Cost of tender Paper . **EMD** . Time of Completion . Class of Contractor and the set of Terms and conditions and other necessary documents can be seen in Govt **website** . i.e **www.tendersodisha.gov.in**

| | | | |
|---|---|---|---|
| 1. | Nature **of Work** | : | Building Construction work as mentioned in DTCN. |
| 2. | No. of works | : | 1 (One Nos.) |
| 3. | Estimate Cost | : | Rs. 22,86,317/- |
| 4. | Period of Completion | : | 150 Days |
| 5. | Class of Contractor | : | "B" or "C" Class |
| 6. | Dale & Time of availability of Bid Documents in the portal for Bidding. | : | 11.00 AM on dt.25-09-2024 up to 05.00 PM on dt.07-10-2024 |
| 7 | Last dale & time for receipt of Bids in the portal. | : | 07-10-2024 at 05.00 PM. |
| 8. | Bid opening Date | : | Dt. 08-10-2024 at 11.00 AM |

The bidders have to **participate** in online bidding **only,** further **details** can be seen from the website **https:// www . tendersodisha.gov .in**

Sd/- Block Development Officer
SOHELA

OIPR : 19411/11/0008/2425

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପିପିଲି**
**OFFICE OF THE PANCHAYAT SAMITI, PIPILI**
Phone : 06758-240746 : 06758-240745
e-Mail : ori-pipili@nic.in
No. : 4319 / Date : 21.09.2024
i-186

**"e" Procurement Notice**

Bid Documents consisting of Work, Estimated Cost. Cost of Tender Paper. EMD. time of completion. Class of Contractors and the set of terms and conditions of contract and other necessary documents can be seen in Govt, website i.e. **https://tendersodisha.gov.in .**

| | | | |
|---|---|---|---|
| 1. | Tender Reference No. | : | 10/ PSP/2023-24 |
| 2. | Name of the Work | : | Development of Pond at Dasia Bauri Pitha at Teisipur |
| 3. | No. of works | : | 1 Nos. |
| 4. | Estimated Cost | : | Rs.39,30,082/- |
| 5. | Earnest Money Deposit (EMD) | : | Rs. 39,301/- |
| 6. | Period of Completion | : | 180 Days |
| 7. | Date &Time of Bidding | : | 23/09/2024 at 11.00 AM |
| 8. | Last date & time for receipt Of bids in the portal | : | 03/10/2024 at 5.00 PM |
| 9. | Bids received online shall be opened on | : | 05/10/2023 at 10.00 AM |
| 10. | Name and address of the Officer inviting Bid | : | O/o-Block Development Officer. Pipili |

Further amendments, corrigendum or other communication regarding this letter will be available only on **https:// tendersodisha.gov.in** and will not be published in print media.

Sd/- Block Development Officer, Pipili

OIPR : 19373/11/0003/2425

**Government of Odisha**
**"e" Procurement Notice**
**OFFICE OF THE SUPERINTENDING ENGINEER,**
**RAYAGADA(R&B) DIVISION NO -I, RAYAGADA**
E-mail ID : sepwdrgda1@gmail.com
B-334

**Bid Identification No: RC (RANDB) RGD 08 / 2024-2025 (Online tender)**
**File No .E-II-C8- 28/2024 No. 7683 Dated 21-09-2024**

1. No. of the works:- 01 (One) Building Work only
2. Estimated Cost: - Rs. 25.60 Lakh
3. Cost of document:- Rs.6,000/-
4. Bid Security: - Rs.25,650/-
5. Class of Contractor:- 'C & B'-Class
6. The Bid documents will be available in the website **www.tendersodisha.gov.in from11.00 Hrs. of dated 05-10-2024 to 17.00 Hrs. of** dated **17-10-2024 for online bidding.**
7. Last date/Time for receipt of bids in the portal: - Upto17.00Hrs.of **Dated 17-10-2024**
8. Bids received **"on-line"** shall be **opened at 11.30 Hours on** dated **18-10-2024** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the *e-Procurement* portal: **"www.tendersodisha.gov.in".** Any Addendum/Corrigendum/Cancellation of tender can also be seen in the said website only.

Sd/- Executive Engineer
Rayagada (R&B) Division No-I

OIPR : 34040/11/0003/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**BALANGIR (R&B) DIVISION: BALANGIR**
Email- eepwd-bgr@rediffmail.com eepwd.bgr@gmail.com Ph. No. 06652-232374
B-336

**e - Procurement Notice**
**BID IDENTIFICATION No: BGR R&B/ 08 / 2024-25**
**No. 3496 II Dtd.20.09.24**

1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade/ Class registered with Central Government/' MES/ Railways for execution of Road / Building /Bridge works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 2. | Nature of Work | : | Bridge work/Chek dam work |
| 3. | No. of tender | : | Check dam work: 01 Nos. |
| 4. | Tender Cost | : | Rs.10. 000/- |
| 5. | Class of Contractor | : | "B" Class (Registered with CDMS) |
| 6. | Date & Time of sale & Receipt of Bids | : | From Dt.24.09.2024, 11.00 A.M. to Dt.08.10.2024 up to 05.00 P.M. |
| 7. | Date of opening Bid | : | Dt.09.10.2024 at 11.00 A.M. |

8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd/- Superintending Engineer
Balangir (R&B) Division

OIPR : 34028/11/0008/2425

**GOVERNMENT OF ODISHA: OFFICE OF THE CHIEF CONSTRUCTION ENGINEER,**
**BALANGIR (R&B) CIRCLE: BALANGIR**
Mail ID : - sepwdbalangir@gmail.com
B-321

**e - Procurement Notice**
**BID IDENTIFICATION No: CCE(R&B) BGR/01/ 2024-25**
**Letter No- 2554 // Dtd. 19.09.2024**

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **"B" & "A"** Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of tender | : | Building work-02 Nos. |
| 3. | Tender Cost | : | Rs.10, 000/- |
| 4. | Class of Contractor | : | **"B" & "A".** |
| 5. | Date & Time of sale & Receipt of Bids | : | From Dt. 03.10.2024, 10.00 A.M. to Dt. 17.10.2024 up to 05.00 P.M. |
| 6. | Date of opening Bid | : | Dt. 18.10.2024 at 11.00 A.M. |

7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in.** All future corrigendum will be available on ONLINE MODE only.

Sd/- Chief Construction Engineer
Balangir (R&B) Circle, Balangir

OIPR : 34028/11/0007/2425



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅନିୟମିତତାର ତଦନ୍ତ

କାକଟପୁର ,(ସବ୍ୟୁ) : କାକଟପୁର ବ୍ଲକ ଅନ୍ତର୍ଗତ କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୃଷ୍ଟି ଯୋଜନାରେ ବ୍ୟାପକ ଅନିୟମିତତା ଓ ତୋଷରପାତ ହେଉଥିବା କାକଟପୁର ବ୍ଲକ ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏପରିକି କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ୨/୩ମାସରେ ଥରେ ଲେଖାଏଁ ଛତୁଆ ଇତ୍ୟାଦି ବଣ୍ଟନ କରାଯାଇ ପ୍ରତି ମାସରେ ବଣ୍ଟନ ହେଉଥିବା ରେକର୍ଡରେ ଦର୍ଶାଯାଉଛି। କୁଣ୍ଢେଇ ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ଛୋଟରାୟପୁର ଅଙ୍ଗନବାଡ଼ି କେନ୍ଦ୍ରର ଅଭିଭାବକ ଅମରେଶ୍ୱର ନାୟକ କାକଟପୁର ବ୍ଲକ ବିଡ଼ିଓ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବିଡ଼ିଓ ବିଷ୍ଣୁ ଗୋବିନ୍ଦ ଘଟଣାର ତଦନ୍ତ କରିବାପାଇଁ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଛୋଟରାୟପୁର ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ଅବିଭାବକ ମାନଙ୍କଠାରୁ ସମସ୍ତ ତଥ୍ୟ ଶୁଣି ଶିଶୁଙ୍କ ଖାଦ୍ୟ ଚଣା, ମୁଡ଼ି,ଅଣ୍ଡା, ଛତୁଆ, ପ୍ରଭୃତି ଅଙ୍ଗନ ବାଡ଼ି ଗୃହରେ ନରଖି କର୍ମୀ ଜଣକ ତାଙ୍କ ନିଜସ୍ୱ ଗୃହରେ ରଖି ବଣ୍ଟନରେ ଅନିୟମିତତା କରୁଥିବା ଜାଣି ବିରକ୍ତି ପ୍ରକାଶ କରିବା ସହ ତାଗିଦ କରିଥିଲେ। କେତେକ ଶିଶୁ ଅଙ୍ଗନବାଡ଼ିରେ ନାମ ଲେଖାଇଥିଲେ ମଧ ଅନେକ ନିକଟସ୍ଥ ଶିଶୁ ମନ୍ଦିରରେ ପାଠ ପଢୁଥିବା ଓ ସେମାନେ ନିୟମିତ ଭାବରେ କେନ୍ଦ୍ରକୁ ଆସୁନଥିବା ଜଣା ପଡ଼ିଥିଲା। କେନ୍ଦ୍ର ଆରମ୍ଭରୁ ରୋଷେଇଆ ଓ ରୋଷଘର ଥିଲେ ମଧ ପିଲାଙ୍କୁ ରନ୍ଧାଖାଦ୍ୟ ନ ଦେଇ ପିଲାଙ୍କ ନାମରେ ଆସୁଥିବା ଅର୍ଥକୁ ହଡ଼ପ କରିଥିବା, ତଦନ୍ତ ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା।ଏ ସମସ୍ତ ଅଭିଯୋଗ ବିଷୟରେ କେନ୍ଦ୍ରକୁ ଯାଇ ଅବିଭାବକମାନଙ୍କ ସହ ଆଲୋଚନା କରି ଅଧିକ ତଦନ୍ତ ପାଇଁ ଖାତା ପତ୍ର ଜବତ କରିଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମେରୀ ମାଇକେଲ ଖେସ୍ ଙ୍କ ଠାରୁ ପ୍ରକାଶ। ରାଜନୈତିକ ପୃଷ୍ଠପୋଷକତାରେ କେତେକ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ପାଇଥିବାରୁ ସେମାନେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ସାଧାରଣରେ ଆଲୋଚନା ହେଉଛି। ତେଣୁ ଉପମୁଖ୍ୟ ମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳ କାକଟପୁର ବ୍ଲକର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ବିଧିବଦ୍ଧ ନିରପେକ୍ଷ ତଦନ୍ତ କରାଇ ସରକାରୀ ଅର୍ଥ ଓ ଶିଶୁ ମାନଙ୍କ ଖାଦ୍ୟ ତୋଷରପାତ କରିଥିବା କରିଥିବା କର୍ମୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ କାକଟପୁର ଦୁର୍ନୀତି ସଙ୍ଘର୍ଷ ମଞ୍ଚ ଶାଖା ପକ୍ଷରୁ କୈଳାଶ ଚନ୍ଦ୍ର ନାୟକ ଦୃଢ଼ ଦାବୀ କରିଛନ୍ତି ।

# ଭୁବନେଶ୍ୱରରେ ଅରୁନ୍ଧତୀ ଜୁଏଲର୍ସର ସପ୍ତମ ବାର୍ଷିକ ମହୋତ୍ସବ

ଭୁବନେଶ୍ୱର,(ସବ୍ୟୁ): ଓଡିଶାର ସର୍ବବୃହତ୍ତ ଓ ସର୍ବଶ୍ରେଷ୍ଠ ଜୁଏଲରୀ ବ୍ରାଣ୍ଡ, ଅରୁନ୍ଧତୀ ଜୁଏଲର୍ସ ତରଫରୁ ଭୁବନେଶ୍ୱର ,ଜନପଥ ଶାଖା ରେ ଗତ ସେପ୍ଟେମ୍ବର ୨୨ ତାରିଖରେ ସପ୍ତମ ବାର୍ଷିକ ଉତ୍ସବ ସଫଳତାର ସହିତ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ଅବସରେ, ଦୀର୍ଘ ୭ ବର୍ଷ ଧରି ଯୋଡି ହୋଇଥିବା ବହୁସଂଖ୍ୟକ ଗ୍ରାହକବନ୍ଧୁ,ଶୁଭେଚ୍ଛୁବୃନ୍ଦ ଓ ଅରୁନ୍ଧତୀ ପରିବାରର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ଅତି ଆଡମ୍ବରରେ ସୋରୁମର ବାର୍ଷିକ ଉତ୍ସବ ଅନୁଷ୍ଠିତ କରାଯାଇଥିଲା ।



ଏହି ଅବସରରେ, ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁ ମାନଙ୍କର ଅତୁଟ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅରୁନ୍ଧତୀ ଉପରେ ଥିବା ପ୍ରଗାଢ ବିଶ୍ୱାସ ହିଁ ଅରୁନ୍ଧତୀ ର ଏହି ୨୫ ବର୍ଷ ଜୟଯାତ୍ରା ର ସମ୍ବଳ ଛ ସେଥିପାଇଁ, ସମସ୍ତ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ପରିବାର ତରଫରୁ ହୃଦୟର ଗଭୀରତାରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଛି ।

ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅର୍କଷଣୀୟ ଅଫର ପ୍ରଦାନ କରାଯାଉଛି । ଏହି ଅଫର ମାଧ୍ୟମରେ HUID ଶୁଦ୍ଧତାଯୁକ୍ତ ସୁନାଗହଣାର ଗଢାମଜୁରୀ ଉପରେ ଫ୍ଲାଟ ୨୫ ପ୍ରତିଶତ, ରୁପାଗହଣାର ଗଢାମଜୁରୀ ଉପରେ ଫ୍ଲାଟ ୨୫ ପ୍ରତିଶତ ଓ ହୀରାଗହଣାର ହୀରାମୂଲ୍ୟ ଉପରେ ଫ୍ଲାଟ ୨୫ପ୍ରତିଶତ ରିହାତି ଗୋଟିଏ ସପ୍ତାହ ପାଇଁ ପାଇପାରିବେ ।

# ପୁସ୍ତକ ରାମାୟଣ ବନାମ ମହାଭାରତ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ) : ଇସ୍ଲାମ୍, ଖ୍ରୀଷ୍ଟିଆନ୍ ଓ ଅନ୍ୟ ପାଶ୍ଚାତ୍ୟ ଧର୍ମଠାରୁ ହିନ୍ଦୁଧର୍ମ ପୃଥକ। ବିବିଧତା ହିଁ ହିନ୍ଦୁ ଧର୍ମର ଅନନ୍ୟ ବିଭବ ବୋଲି କହିଛନ୍ତି ପ୍ରସିଦ୍ଧ ଲେଖକ ଓ ପୁରାଣବିତ୍ ଦେବଦତ୍ତ ପଟ୍ଟନାୟକ । ତାଙ୍କର ପୁସ୍ତକ ରାମାୟଣ ବନାମ ମହାଭାରତ ଉନ୍ମୋଚନ ଅବସରରେ ସେ କହିଥିଲେ ଯେ ଇସ୍ଲାମ୍ ଓ ଖ୍ରୀଷ୍ଟିଆନ୍ ଧର୍ମରେ ଗୋଟିଏ ହିଁ ମତବାଦକୁ ଏକମାତ୍ର ସତ୍ୟ ଭାବେ ବିହିତ କରାଯାଇଥିବାବେଳେ ହିନ୍ଦୁଧର୍ମରେ ସତ୍ୟର ସ୍ୱରୂପ ଭିନ୍ନଭିନ୍ନ । ହିନ୍ଦୁଧର୍ମ ଅନନ୍ତରେ ବିଶ୍ୱାସୀ ହୋଇଥିବାବେଳେ ପାଶ୍ଚାତ୍ୟ ଧର୍ମ ଏକରେ ବିଶ୍ୱାସୀ ।




ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ସ୍ଥାନୀୟ ହୋଟେଲ କ୍ରାଉନ୍ ସଭାକକ୍ଷରେ ଆୟୋଜିତ ଉନ୍ମୋଚନ ସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ହିଷ୍ଟ୍ରୀ ଶବ୍ଦର ହଜାର ହଜାର ବର୍ଷ ପୂର୍ବରୁ ଭାରତୀୟ ସଂସ୍କୃତିରେ ଇତିହାସ ଶବ୍ଦର ସଂରଚନା ସରିଛି । ଇତିହାସ ଓ ହିଷ୍ଟ୍ରୀ ସମାନାର୍ଥବୋଦକ ଶବ୍ଦ ନୁହେଁ । ରାମାୟଣ ଓ ମହାଭାରତ ଇତିହାସ । ସେଥିରେ କବିର କଳ୍ପନା ରହିଛି ସତ, କିନ୍ତୁ ଏହାକୁ ଲେଖିଥିବା ବ୍ୟକ୍ତି ନିଜେ ସେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଏବଂ ନିଜେ ସେ କାହାଣୀର ଜଣେଜଣେ ପାତ୍ର । ପୁରାଣ ଶୁଣାକଥା ହୋଇଥିବାବେଳେ ରାମାୟଣ ଓ ମହାଭାରତ ଆଖିଦେଖା କଥା । ପୁରାଣ ଲେଖିଥିବା ବ୍ୟକ୍ତି ସେ କାହାଣୀକୁ ପ୍ରତ୍ୟକ୍ଷ କରିନାହାନ୍ତି । କିନ୍ତୁ ବାଲ୍ମିକୀ ନିଜେ ରାମାୟଣକୁ ଦେଖିଛନ୍ତି ଓ ଏହାର ପାତ୍ର ଭାବେ ଉଭା ହୋଇଛନ୍ତି । ଅନୁରୂପ ଭାବେ ବ୍ୟାସ ନିଜେ ମହାଭାରତ ଦେଖିଛନ୍ତି ଏବଂ ଏହାର ପାତ୍ର ପାଲଟିଛନ୍ତି । କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍ଘାଟନ କରିଥିଲେ । ବିଶିଷ୍ଟ କଥାଶିଳ୍ପୀ ଓ ସ୍ତମ୍ଭକାର ଗୌରହରି ଦାସ । ରାମାୟଣ ବନାମ ମହାଭାରତର ଅନୁବାଦକ ତଥା କବି ତପନ କୁମାର ପଣ୍ଡାଙ୍କ ସହ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକ ତାଙ୍କର ପୁସ୍ତକ, ଧର୍ମ, ସମାଜ ଓ ରାଜନୀତି ଆଦି ବିଭିନ୍ନ ପ୍ରସଙ୍ଗରେ ନିଜର ମତ ବିନିମୟ କରିଥିଲେ। ଶେଷରେ ସେ ଉପସ୍ଥିତ ଜନତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଉତ୍ସବ ପରିଚାଳନା କରିଥିଲେ କବି ତଥା ଅନୁଷ୍ଠାନର ସହମହାପ୍ରବନ୍ଧକ ପବିତ୍ର ମୋହନ କର ।

# ଦିବ୍ୟ ଚେତନ ପୁସ୍ତକ ସହସ୍ରାଂଶୁ ଲୋକାର୍ପିତ

କଟକ,(ସବ୍ୟୁ): କଟକ ମର୍କତ ନଗର ସେକ୍ଟର-୮ଠାରେ 'ଭାଷା ପ୍ରକାଶନ'ପକ୍ଷରୁ 'ସହସ୍ରାଂଶୁ : ଏକ ଦିବ୍ୟ ଚେତନ' ପୁସ୍ତକ ଉନ୍ମୋଚନ ଓ ସହସ୍ରାଂଶୁ ଉଦଗାତାଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଧ୍ୟାତ୍ମିକ ଗବେଷକ ତଥା ବୈଦିକ ବିଶ୍ୱବିଦ୍ୟାଳୟ ତିରୁବନ୍ନାମଲାଇର କୁଳପତି ପ୍ରଫେସର ହରିହର କାନୁନ୍‌ଗୋ ଯୋଗଦେଇ କହିଲେ - ଅଧ୍ୟାତ୍ମିକ ଭାବଧାରା ଓ ଆତ୍ମଚେତନବୋଧ ସମଗ୍ର ମାନବୀୟ ସଂସ୍କୃତିକୁ ବଳିଷ୍ଠ କରିଥାଏ । 'ସହସ୍ରାଂଶୁ : ଏକ ଦିବ୍ୟ ଚେତନ' ପୁସ୍ତକ ଆମ ବାଣୀ ଭଣ୍ଡାରରେ ଆତ୍ମଚେତନ ସୃଷ୍ଟି କରିବାରେ ସହାୟ ହେବ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ନାଟ୍ୟକାର ସଞ୍ଜି କୁମାର ପଟ୍ଟନାୟକ ଯୋଗଦେଇଥିଲେ । ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ କହିଲେ - ସେବା ଓ ସମର୍ପଣ ଭାବ ମଣିଷର ସଂସ୍କାର ଆଣିଥାଏ । ସମସ୍ତେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ବ୍ରତୀ ହେବା ଉଚିତ ଛ ସମ୍ମାନିତ ବକ୍ତା ଭାବରେ 'ନବକାକଳି'ର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ । ପୁସ୍ତକର ସମ୍ପାଦିକା ଡକ୍ଟର ବୈଜୟନ୍ତୀମାଳା ଶତପଥୀ କହିଲେ - ସହସ୍ରାଂଶୁ ଯଥାର୍ଥରେ ସୂର୍ଯ୍ୟ ପରି ଆଲୋକ ବର୍ତ୍ତିକା ଥିଲେ । ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ତାଙ୍କ ଜୀବନର ବ୍ରତ ଥିଲା । ପ୍ରଧାନଶିକ୍ଷକ ବିଜୟ କୁମାର ନାଥ ପୁସ୍ତକ ସମୀକ୍ଷା କରିଥିଲେ । ଅଧ୍ୟାପିକା ପ୍ରଜ୍ଞାଲୀନ୍ ସାହୁ ସଂଯୋଜନା କରିଥିଲେ ।



# ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି

# ୨୮ ଅଭିଯୋଗର ସମାଧାନ କଲେ ଖୋର୍ଦ୍ଧା ଜିଲ୍ଲାପାଳ

ଭୁବନେଶ୍ୱର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଧକ୍ଷତା କରି ଭୁବନେଶ୍ୱର ବ୍ଲକର ବିଭିନ୍ନ ଆପତ୍ତି ଅଭିଯୋଗ ନେଇ ଆସିଥିବା ଜନସାଧାରଣ ମାନଙ୍କର ସମସ୍ୟା ସମାଧାନ ଦିଗରେ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସେ କହିଲେ ଯେ ରାଜ୍ୟ ସରକାର ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲା ଓ ବ୍ଲକ୍ ସ୍ତରରେ ଲୋକମାନେ କିଭଳି ତୁରନ୍ତ ନ୍ୟାୟ ପାଇବେ ସେଥି ପାଇଁ ପ୍ରାଧାନ୍ୟ ଦେଉଛନ୍ତି । ଏଣୁ କୌଣସି ଅଧିକାରୀଙ୍କ ନିକଟରେ ଯେଉଁଭଳି ଅଭିଯୋଗ ସମାଧାନରେ ବିଳମ୍ବ ନହୁଏ ସେଥି ପ୍ରତି ସଜାଗ ରହି କାର୍ଯ୍ୟ କରିବା ସହ ନିଷ୍ଠା ଓ ଆନ୍ତରିକତା ସହକାରେ ସେମାନଙ୍କ ପାଖକୁ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶିତ ଦରଖାସ୍ତ ଗୁଡ଼ିକୁ ତୁରନ୍ତ ସମାଧାନ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଆଜିର ଅଭିଯୋଗ ପ୍ରକୋଷ୍ଠରେ ମୋଟ ୨୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ, ୭ ଗୋଟି ଗ୍ରାମାଞ୍ଚଳ ସମସ୍ୟା ଜନିତ ଏବଂ ୧ ଗୋଟି ଅଭିଯୋଗର ଜିଲ୍ଲାପାଳ ତତ୍କାଳ ସମାଧାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ୫ ଏ ସିପି , ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା, ସହକାରୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# କଳାହାଣ୍ଡି ଜିଲ୍ଲା ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ

# ନବୀନ ଦେଲେ ଗୁରୁମନ୍ତ୍ର, ଶକ୍ତିଶାଳୀ ହେବ ବିଜେଡି

ଭୁବନେଶ୍ୱର,(ସବ୍ୟୁ):ଶଙ୍ଖଭବନରେ ଆୟୋଜିତ କଳାହାଣ୍ଡି ଜିଲ୍ଲା ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଜେଡିସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଜିଲ୍ଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । ଆଗାମୀ ଦିନରେ କିଭଳି ଜିଲ୍ଲାରେ ବିଜେଡି ସଂଗଠନକୁ ମଜଭୁତ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଭାରେ ନବୀନ ପଟ୍ଟନାୟକ କହିଥିଲେ, ଗତ ୨୪ ବର୍ଷରେ ବିଜେଡି ସରକାର ବହୁ ଭଲ କାମ କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନ କ୍ଷେତ୍ରରେ ଓଡ଼ିଶା ବହୁ ଅଗ୍ରଗତି କରିଛି । ଭୋକର ଭୂଖଣ୍ଡ ଭଳି ଅପବାଦ ପାଇଥିବା କଳାହାଣ୍ଡି ଆଜି ବିଭିନ୍ନ କୃଷି ଉତ୍ପାଦନରେ ଉତ୍କର୍ଷ ଲାଭ କରିଛି । ଯାହାର ଫଳ ସ୍ୱରୂପ ଓଡ଼ିଶା ଆଜି ଧାନ ଉତ୍ପାଦନରେ ଦେଶରେ ତୃତୀୟ ସ୍ଥାନରେ ପହଞ୍ଚି ପାରିଛି । ଏଥି ସହ ଜନସାଧାରଣଙ୍କ ସହିତ ରହି ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରିବାକୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟ କର୍ତ୍ତା ସମ୍ମିଳନୀରେ ଜିଲ୍ଲାସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତି, ମହିଳା ଜିଲ୍ଲା ସଭାନେତ୍ରୀ ଲଳିତା ନାୟକ, ଜିଲ୍ଲାର ବିଭିନ୍ନ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ହୋଇସଂଗଠନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

ଏହି ସଭାରେ ପୂର୍ବତନ ମନ୍ତ୍ରୀତଥା ବିଜେଡି ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଆଗାମୀ ଦିନରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁସଂଗଠିତ ହୋଇ ରାଜ୍ୟରେ ଥିବା ବିଜେପି ସରକାର ବିରୋଧରେ ଲଢ଼େଇ ଜାରି ରଖିବ ।



# ରାଜଧାନୀରେ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ନଭେମ୍ବର ୮ରୁ

ଭୁବନେଶ୍ୱର,(ସବ୍ୟୁ): ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ମହୋତ୍ସବର ଭବ୍ୟ ଆୟୋଜନ କରାଯାଉଛି । ନଭେମ୍ବର ମାସ ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ସଂସ୍କୃତି, ନୀତି, କାନ୍ତି ଓ ଶ୍ରୀଜଗନ୍ନାଥ ଚେତନାକୁ ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ପାଇଁ ଭୁବନେଶ୍ୱର ନୂଆପଲ୍ଲୀ ସ୍ଥିତ କସ୍ତୁରବା ପଡିଆ ଠାରେ ଅନୁଷ୍ଠିତ ହବ ଏହି କାର୍ଯ୍ୟକ୍ରମ

ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ଦୁର୍ଲଭ ୨୪ ବେଶ, ୫୬ ଭୋଗ ପ୍ରଦର୍ଶନୀ ଓ ଆନନ୍ଦ ବଜାର ମାହାତ୍ମ୍ୟ ବର୍ଣ୍ଣନା, ପଞ୍ଚଦିବସୀୟ ଓ ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ (ସ୍କନ୍ଦ ପୁରାଣ ଉକ୍ତ), ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ପୁସ୍ତକ ଓ ହସ୍ତଶିଳ୍ପ ଆଦିର ପ୍ରଦର୍ଶନୀ ମହୋତ୍ସବ ପରିସର ରେ ସ୍ଥାନ ପାଇବ ସାରା ଭାରତବର୍ଷ ରୁ ସାଧୁ ସନ୍ଥ ଙ୍କ ସମାବେଶ ତଥା ଭକ୍ତ ମାନଙ୍କୁ ବ୍ରହ୍ମଚେତନା ସହିତ ଆଶୀର୍ବାଦ ପ୍ରଦାନ କରିବେ । ଜଗନ୍ନାଥ ସଂସ୍କୃତିର ଓ ମହିମାର ବରିଷ୍ଠ ପ୍ରଚାରକ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ର ପଞ୍ଚ ଦିବସ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ପ୍ରଭୁ ଜଗନ୍ନାଥଙ୍କର ମହିମା ଓ ସଂସ୍କୃତିର ଗୁଣ ଗାନ କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି ।

ସେହିପରି ପ୍ରଭୁ ଜଗନ୍ନାଥଙ୍କ ସେବକ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ, ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ମଣ୍ଡଳ ସଦସ୍ୟ, ବିଧାୟକ, ପ୍ରଶାସକ, ତଥା ରାଜ୍ୟର ଅନେକ ବୁଦ୍ଧିଜୀବୀ ମାନଙ୍କୁ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯିବ ଶ୍ରୀକ୍ଷେତ୍ର ଧାମ ପୁରୀ ବଡ଼ଦେଉଳରେ ଥିବା ବିଭିନ୍ନ ନିଯୋଗର ସେବାୟତ ମାନଙ୍କୁ ଯୋଗଦାନ କରି, ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଆଧାରିତ ଜ୍ଞାନଚର୍ଯ୍ୟା ନିମନ୍ତେ ସ୍ୱତନ୍ତ୍ର ଓ ସମସ୍ତ ରୀତି ନୀତିରେ କମିଟି ତରଫରୁ ନିମନ୍ତ୍ରଣ କରା ଯିବ ବୋଲି ସଭାପତି ଶ୍ରୀ ଜଗନ୍ନାଥ ପ୍ରଧାନ ପ୍ରକାଶ କରିଥିଲେ ।



ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ୨୦୨୪ କୁ ଆକର୍ଷଣୀୟ କରିବା ନିମନ୍ତେ, ସୁ ଉଚ୍ଚ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ମା ଲକ୍ଷ୍ମୀ, ମା ବିମଳାଙ୍କ ମନ୍ଦିରର ଅବିକଳ ତୋରଣ, ମହୋତ୍ସବର ମୁଖ୍ୟ ପ୍ରବେଶ ପଥକୁ ସିଂହଦ୍ୱାର ଓ ମେଘନାଦ ପାଚେରୀ ସଦୃଶ୍ୟ ନିର୍ମାଣ ନିମନ୍ତେ ଶିଳ୍ପୀ ଆଲୋକ ସାହୁ ଓ ଶିଳ୍ପୀ ଚନ୍ଦନ କୁମାରଙ୍କୁ ଦାୟିତ୍ୱ ଦିଆ ଯାଇଥିବା ଏହି ସାମ୍ବାଦିକ ସମ୍ମିଳନୀ ରେ କମିଟିର ମୁଖ୍ୟ ସଂଯୋଜକ ତଥା କୋଷାଧକ୍ଷ ରଞ୍ଜିତ କର୍ମୀ ସୂଚନା ଦେଇଥିଲେ । ନୟାପଲ୍ଲି ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ପରିଚାଳନା କମିଟିର ଅଧକ୍ଷ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, କାର୍ଯ୍ୟକାରୀ ଅଧକ୍ଷ ତଥା ପୂର୍ବତନ ବିଧାୟକ ଡକ୍ଟର ଦିଲୀପ ଶ୍ରୀଚନ୍ଦନ ସୂଚନା ପ୍ରଦାନ କରିଛନ୍ତି ।

ସେହିପରି ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଉପସଭାପତି ଆଦିତ୍ୟ ପାଢୀ, ସଂଯୋଜକ ରାମକୃଷ୍ଣ ପଣ୍ଡା, ଉପସଭାପତି ନାରାୟଣ ମହାପାତ୍ର ମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ସମ୍ମିଳନୀ ରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ, ରୋଟାରିଆନ ସୁଧାଂଶୁ ଶେଖର ହରିଚନ୍ଦନ, କଳ୍ପତରୁ ଖୁଣ୍ଟିଆ, ଜଲିଲ ଖାନ, ସମରେନ୍ଦ୍ର ଜେନା, ସଞ୍ଜୟ ସାହୁ, ରାଜଲକ୍ଷ୍ମୀ ରାଉତରାୟ ଦଇତାପତି ଭବାନୀ ପ୍ରସାଦ ଦାସ ମହାପାତ୍ର କୋର୍ପୋରେଟର ବନ୍ଦିତା ପାଲ, କୋର୍ପୋରେଟର ବିଜୟଲକ୍ଷ୍ମୀ ସାହୁ, କୋର୍ପୋରେଟର ଅମରେଶ ଜେନା, ଚିତ୍ରସେନ ବେହେରା, ମନୋରଞ୍ଜନ ବାରିକ, ବିଶିଷ୍ଟ ଶିକ୍ଷାବିତ ପବିତ୍ର ରାଉତରାୟ, ନଟବର ସାମନ୍ତରାୟ, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା ।

# କମ ଖର୍ଚ୍ଚରେ ସ୍ୱାସ୍ଥ୍ୟ ବୀମା ସହିତ

# ଗୁଣାତ୍ମକ ସ୍ୱାସ୍ଥ୍ୟଯତ୍ନକୁ ସୁଲଭ କରାଯାଇଛି

ଭୁବନେଶ୍ୱର,(ସବ୍ୟୁ): ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ଅନେକ ସମୟରେ ଅତର୍କିତ, ଭୟଙ୍କର ହୋଇଥାଏ ଏବଂ ବେଳେବେଳେ ଗୁରୁତର ମଧ୍ୟ ହୁଏ। ଏକଥା ଭୁଲିଯିବା ଉଚିତ ନୁହେଁ ଯେ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଆପଣଙ୍କର ଆର୍ଥିକ ବ୍ୟବସ୍ଥାରେ ଆଞ୍ଚ ଆଣିବାକୁ ଯଥେଷ୍ଟ, ତେଣୁ ସ୍ୱାସ୍ଥ୍ୟ ବୀମାର ଏକ ସୁରକ୍ଷା ଏ କ୍ଷେତ୍ରରେ ଏକମାତ୍ର ବିଚାରବନ୍ତ ଉପାୟ ହୋଇପାରିବ ।

ସିଦ୍ଧାର୍ଥ ସିଂଘଲ, ବିଜିନେସ୍ ହେଡ- ହେଲ୍‌ଥ ଇନସ୍ୟୁରାନ୍ସ, ପଲିସୀବଜାର ଡଟ୍ କମ୍ କହିଛନ୍ତି, 'ଅନେକ ଆୟକାରୀ ବର୍ଗ ହୁଏତ ଏକ ପଲିସୀ ଖରିଦ କରିବା ନିମନ୍ତେ ଅର୍ଥ ଖର୍ଚ୍ଚକୁ ଏକ ପ୍ରତିବନ୍ଧକ ଭାବରେ ବିବେଚନା କରିପାରନ୍ତି । ଏହି ପ୍ରସଙ୍ଗରେ ନିୟୁତାଧିକ ଲୋକଙ୍କୁ ଉକ୍ତ ପ୍ରତିବନ୍ଧକ ଅତିକ୍ରମ କରିବା ନିମନ୍ତେ ବୀମା ଶିଳ୍ପ ଏଭଳି ପ୍ଲାନଗୁଡିକର ଡିଜାଇନ କରିଛି ଯାହା କମ୍ ଖର୍ଚ୍ଚ ବିଶିଷ୍ଟ ତଥାପି ପୂର୍ଣ୍ଣାଙ୍ଗ । ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ପରିସ୍ଥିତି ଭିନ୍ନ ଏବଂ ତାଙ୍କର ଚିକିତ୍ସାଗତ ଆବଶ୍ୟକତା ମଧ୍ୟ ଭିନ୍ନ। ଏହି ପ୍ଲାନ୍‌ଗୁଡିକ ଏହିସବୁ ବହୁବିଧ ଆବଶ୍ୟକତାକୁ ମନ ମଧ୍ୟରେ ରଖି ଡିଜାଇନ କରାଯାଇଛି ।

ତେଣୁ ଏଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ନିମନ୍ତେ ୫ ଲକ୍ଷ ଟଙ୍କା ବୀମାକୃତ ରାଶିରୁ ଆରମ୍ଭ କରି ଏକ ସୁଲଭ ପ୍ଲାନ୍ ଖରିଦ କରିବାକୁ ପରାମର୍ଶ ଦିଆଯାଉଛି। ପ୍ରିମିୟମ ସବୁଠାରୁ କମ୍ ମାସକୁ ୩୫୦ ଟଙ୍କାରୁ ଆରମ୍ଭ ହେଉଛି ଅଥବା ଦିନକୁ ୧୧-୧୨ ଟଙ୍କା ଦେବାକୁ ପଡୁଛି । ଏହା ଏକ ନୋ-ଫ୍ରିଲ ପ୍ଲାନ ଯାହା ଆପଣ ଜରୁରୀକାଳୀନ ହସପିଟାଲରେ ଭର୍ତ୍ତି ହେବା ସମୟରେ ଆପଣଙ୍କର ଆବଶ୍ୟକତା ପୂରଣ କରିପାରିବ ।

ଭାରତୀୟ ସମ୍ପ୍ରଦାୟକୁ ମୋଦିଙ୍କ ଉଦ୍‌ବୋଧନ

# ବିକଶିତ ଭାରତ ପାଇଁ ସହଯୋଗ କର



ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟୁୟର୍କର ଲଙ୍ଗ ଆଇଲ୍ୟାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ବିଶାଳ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ୧୫ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ । ଭାରତୀୟମାନେ ପ୍ରଧାନମନ୍ତ୍ରୀଙ୍କୁ ଅତ୍ୟନ୍ତ ଭବ୍ୟ ଏବଂ ଉତ୍ସାହର ସହ ସ୍ୱାଗତ କରିଥିଲେ ।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଭାରତ-ଆମେରିକା ସମ୍ପର୍କରେ ଭାରତୀୟ ଆମେରିକୀୟ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିଥିଲେ ଏବଂ ଦୁଇ ପ୍ରମୁଖ ଗଣତନ୍ତ୍ର ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରପତି ବାଇଡେନଙ୍କ ସହ ତାଙ୍କ ଡେଲାୱେର ସ୍ଥିତ ବାସଭବନରେ ତାଙ୍କର ସାକ୍ଷାତ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ । ଆମେରିକା ପ୍ରତି ଭାରତୀୟ ସମ୍ପ୍ରଦାୟର ବିଶ୍ୱାସ ଏହି ଅସାଧାରଣ କାର୍ଯ୍ୟରେ ପ୍ରତିଫଳିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ତାଙ୍କର ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ଭାରତର ଉନ୍ନତି ପାଇଁ ନିଜକୁ ସମର୍ପିତ କରି ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଐତିହାସିକ ତୃତୀୟ ଥର ପାଇଁ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି ବୋଲି ସେ କହିଥିଲେ । ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ପ୍ରତିଷ୍ଠା, ୨୫୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା, ଏହାର ଅର୍ଥନୀତିକୁ ପଞ୍ଚମ ସ୍ଥାନକୁ ନେବା ଏବଂ ବିଶ୍ୱ ଅର୍ଥନୀତିରେ ତୃତୀୟ ସ୍ଥାନ ପାଇଁ ପ୍ରୟାସ କରିବା ଭଳି ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ପ୍ରଧାନମନ୍ତ୍ରୀ କହିଥିଲେ, ସଂସ୍କାର ସହିତ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଉଦ୍ଭାବନ, ଉଦ୍ୟୋଗ, ଷ୍ଟାର୍ଟଅପ୍, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ୍ ସଶକ୍ତୀକରଣ ଅଭିବୃଦ୍ଧି ଓ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଦେଶରେ ନୂତନ ଶକ୍ତିର ଆବିର୍ଭାବ ବିଷୟରେ ସେ ଉଲ୍ଲେଖ କରିଥିଲେ । ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଏବଂ ସବୁଜ ପରିବର୍ତ୍ତନର ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀ ପ୍ରଭାବ ଉପରେ ସେ ଆଲୋକପାତ କରିଥିଲେ । ବିଶ୍ୱ ଅଭିବୃଦ୍ଧି, ସମୃଦ୍ଧି, ଶାନ୍ତି ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବା, ଜଳବାୟୁ ପରିବର୍ତ୍ତନର ମୁକାବିଲା, ଉଦ୍ଭାବନ, ଯୋଗାଣ ଏବଂ ମୂଲ୍ୟ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ଦକ୍ଷତା କେନ୍ଦ୍ରଗୁଡ଼ିକରେ ଥିବା ବ୍ୟବଧାନ ପୂରଣ କରିବାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଆଜି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ସ୍ୱର ଅଧିକରୁ ଅଧିକ ଶୁଣିବାକୁ ମିଳୁଛି । ବୋଷ୍ଟନ ଓ ଲସ୍ ଆଞ୍ଜେଲସରେ ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇଟି ନୂତନ ଭାରତୀୟ ଦୂତାବାସ ଏବଂ ହ୍ୟୁଷ୍ଟନ ବିଶ୍ୱବିଦ୍ୟାଳୟରେ ତାମିଲ ଅଧ୍ୟୟନର ଏକ ଥିରୁଭାଲ୍ଲୁଭର ଚେୟାର ଖୋଲିବା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଭାରତ ଏବଂ ଆମେରିକାରେ ଥିବା ଏହାର ପ୍ରବାସୀଙ୍କ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହେବ । ସେ କହିଥିଲେ ଯେ ଭାରତ ଓ ଆମେରିକା ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ପ୍ରବାସୀ ଭାରତୀୟଙ୍କ ଶକ୍ତି ବହୁତ ଗୁରୁତ୍ୱପୂର୍ଣ୍ଣ ହେବ ।

## ମଙ୍କିପକ୍ସର 'କ୍ଲେଡ୍ ୧ବି' ଭାରିଆଣ୍ଟ ଚିହ୍ନଟ




ନୂଆଦିଲ୍ଲୀ : ଆଫ୍ରିକୀୟ ଦେଶରେ ଘାତକ ସାଜିଥିବା ମଙ୍କିପକ୍ସର ନୂଆ ଭାରିଆଣ୍ଟ 'କ୍ଲେଡ୍ ୧ବି'ରେ ଜଣେ ଭାରତୀୟ ଯୁବକ ଚିହ୍ନଟ ହୋଇଛନ୍ତି । ଗତ ଅଗଷ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଙ୍କିପକ୍ସର ନୂଆ ଭାରିଆଣ୍ଟ 'କ୍ଲେଡ୍ ୧ବି'କୁ ହେଲଥ ଏମର୍ଜେନ୍ସି ରୂପେ ଘୋଷଣା କରିଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, କେରଳର ଜଣେ ୩୮ ବର୍ଷୀୟ ଯୁବକ ମଙ୍କିପକ୍ସର ନୂଆ ଭାରିଆଣ୍ଟ 'କ୍ଲେଡ୍ ୧ବି'ରେ ଚିହ୍ନଟ ହୋଇଛନ୍ତି । ଏହା ଦେଶର ପ୍ରଥମ ଘଟଣା । ତାଙ୍କ ପୂର୍ବରୁ ଦୁଇ ଜଣ ବ୍ୟକ୍ତି ମଙ୍କିପକ୍ସରେ ଚିହ୍ନଟ ହୋଇଥିଲେ । କିନ୍ତୁ ସେମାନଙ୍କର ନୂଆ ଭାରିଆଣ୍ଟ ନଥିଲା । ସୂଚନା ଅନୁସାରେ, ସଂକ୍ରମିତ ଯୁବକ ଗତ ସପ୍ତାହରେ ୟୁନାଇଟେଡ ଆରବ ଏମିରେଟ୍ସ ଯାଇଥିଲେ । ସେଠାରୁ ଫେରିବା ପରେ ତାଙ୍କ ନମୂନା ପରୀକ୍ଷଣ ହୋଇଥିଲା । ପରୀକ୍ଷା ରିପୋର୍ଟରେ ସେ ମଙ୍କିପକ୍ସର ନୂଆ ଭାରିଆଣ୍ଟ 'କ୍ଲେଡ୍ ୧ବି'ରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି । ପ୍ରକାଶ ଥାଉକି, ଆଫ୍ରିକୀୟ ଦେଶରେ ମଙ୍କିପକ୍ସ ମାମଲା ବଢିଚାଲିଛି ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରର ସଫଳତା କହିଲେ ନଡ୍ଡା



ନୂଆଦିଲ୍ଲୀ (ପିଆଇବି) : ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଉଲ୍ଲେଖ କରି କେନ୍ଦ୍ର ସ୍ୱସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ଗବେଷଣା ବିଭାଗ (ଡିଏଚଆର)ର ୧୦୦ ଦିନିଆ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଘୋଷଣା କରିଛନ୍ତି । ସେ କହିଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିନବତା, ମହାମାରୀ ପ୍ରସ୍ତୁତି ଏବଂ ସ୍ୱଦେଶୀ ଚିକିତ୍ସା ସମାଧାନର ବିକାଶରେ ପରିବର୍ତ୍ତନମୂଳକ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ, ଯାହା ଏକ ସୁସ୍ଥ, ଅଧିକ ସ୍ଥିର ଏବଂ ଆତ୍ମନିର୍ଭର ଭାରତ ନିର୍ମାଣରେ ସହାୟକ ହେବ ।

ଗତ ୧୦୦ ଦିନ ମଧ୍ୟରେ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ଦ୍ୱାରା ମେଡ୍ ଟେକ୍ ମତ୍ର, ମହାମାରୀ ପ୍ରସ୍ତୁତି ପାଇଁ ଜାତୀୟ ଏକ ସ୍ୱାସ୍ଥ୍ୟ ମିଶନ (ଏନଓଏଚଏମ)

ସମନ୍ୱିତ ଗବେଷଣା ଓ ନୈଦାନିକ ପ୍ରୟୋଗଶାଳା (ଆଇଆରଡିଏଲ୍) ଔଷଧର ବିକାଶ କାର୍ଯ୍ୟକ୍ରମ ଓ ପ୍ରମାଣ ଭିତ୍ତିକ ମାର୍ଗଦର୍ଶିକା କେନ୍ଦ୍ର ଓ ରିସର୍ଚ୍ଚ ଟୁ ଆକ୍ସନ ଭର୍ଟିକାଲ ଭଳି ଅନେକ ପଦକ୍ଷେପ ନିଆଯାଇଛି । ଡିଏଚଆରର ସଚିବ ତଥା ଆଇସିଏମଆରର ଡିଜି ଡକ୍ଟର ରାଜୀବ ବହଲ କହିଛନ୍ତି ଯେ ଏହି ପ୍ରୟାସ ଏବଂ ସାମ୍ପ୍ରତିକ ସଫଳତା ଉଦ୍ଭାବନ ଏବଂ ଗବେଷଣା ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଆଗେଇ ନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ଭବିଷ୍ୟତ ପାଇଁ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ ।






ନୂଆଦିଲ୍ଲୀ ଠାରେ ଆୟୋଜିତ ୧୦ମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ବୈଠକରେ ଲୋକସଭା ବାଚସ୍ପତି ଓମ୍‌ବିର୍ଲା ଉଦ୍‌ବୋଧନ ଦେଉଛନ୍ତି

## କଙ୍ଗନାଙ୍କୁ କଂଗ୍ରେସର ଚେତାବନୀ

ନୂଆଦିଲ୍ଲୀ : ହିମାଚଳ ପ୍ରଦେଶର କ୍ଷମତାସୀନ କଂଗ୍ରେସ ସରକାର ବେଆଇନ ଭାବେ ବିପର୍ଯ୍ୟୟ ପରିଚାଳନା ପାଇଁ ଆସୁଥିବା ପାଣ୍ଠିକୁ ସୋନିଆ ଗାନ୍ଧିଙ୍କ ପାଖକୁ ପଠାଉଥିବା ସାଂସଦ କଙ୍ଗନା ଅଭିଯୋଗ କରିଥିଲେ ।ଏହା ଉପରେ ହିମାଚଳର ପୂର୍ତ୍ତ ବିଭାଗ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କଙ୍ଗନାକୁ ନିଜ ବୟାନ ଫେରାଇ ନେଇ କ୍ଷମା ମାଗିବାକୁ ଚେତାବନୀ ଦେଇଛନ୍ତି । ନଚେତ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ ବୋଲି ମଧ୍ୟ ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଯଦି କଙ୍ଗନା ନିଜ ବୟାନ ପ୍ରତ୍ୟାହାର ନ କରନ୍ତି, ତା'ହେଲେ ଆମେ ତାଙ୍କ ନାଁରେ ମାନହାନୀ କେସ କରିବୁ । ସେ କେଉଁ ଆଧାରରେ ଏପରି ବୟାନ ଦେଲେ? ସୋନିଆ ଗାନ୍ଧିଙ୍କ ଭଳି ନେତ୍ରୀଙ୍କ ସମ୍ପର୍କରେ ସେ ଏତେ ବଡ଼ କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କେନ୍ଦ୍ରରୁ ଆସୁଥିବା ଟଙ୍କା କିମ୍ବା ରାଜ୍ୟର ବିକାଶ ପାଣ୍ଠିକୁ ସୋନିଆ ଗାନ୍ଧିଙ୍କୁ ଦିଆଯିବା ବୟାନ ଅତ୍ୟନ୍ତ ନିର୍ବୋଧତାର ପରିଚୟ । ମୁଁ କଙ୍ଗନାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଛି ଯେ ଟଙ୍କାଟିଏ ମଧ୍ୟ ସ୍ଥାନାନ୍ତର ହୋଇଥିବାର ପ୍ରମାଣ ଦିଅନ୍ତୁ । ଯଦି ପ୍ରମାଣ ଦେଇପାରିବେ ନାହିଁ । ତା'ହେଲେ ନିଜର ଭିତ୍ତିହୀନ ଅଭିଯୋଗ ପାଇଁ ସୋନିଆ ଗାନ୍ଧିଙ୍କୁ କ୍ଷମା ମାଗନ୍ତୁ ।

## ୩୪ ମାମଲାରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କୋହଳ ଦଣ୍ଡ

ନୂଆଦିଲ୍ଲୀ: ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଳବାଇ ସମେତ ବିଭିନ୍ନ ସରକାରୀ ବିଭାଗ କେନ୍ଦ୍ରୀୟ ଭିଜିଲାନ୍ସ କମିସନ(ସିଭିସି)ଙ୍କ ପରାମର୍ଶକୁ ଅଣଦେଖା କରିଛନ୍ତି । ପ୍ରକୃତରେ, ସରକାରୀ ବିଭାଗଗୁଡିକ ନିୟମ ପାଳନ ନ କରିବାର ୩୪ଟି ପ୍ରମୁଖ ମାମଲା ସିଭିସି ଚିହ୍ନଟ କରିଛି । ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗଙ୍କ ପରାମର୍ଶକୁ ଅଣଦେଖା କରାଯାଇଛି । ଏଥିମଧ୍ୟରୁ ସର୍ବାଧିକ ସାତୋଟି ମାମଲା କୋଇଲା ମନ୍ତ୍ରଣାଳୟ ସହ ଜଡିତଛ ସେହିଭଳି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ରେ ପାଞ୍ଚଟି, ଆଇଡିବିଆଇ ବ୍ୟାଙ୍କରେ ଚାରିଟି, ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ତିନୋଟି ଏବଂ ଶକ୍ତି ମନ୍ତ୍ରଣାଳୟ ଏବଂ ଏନବିସିସି (ଭାରତ) ଲିମିଟେଡ୍ ଅଧୀନରେ ଦୁଇଟି ଲେଖାଏଁ ମାମଲା ରହିଛି ଯେଉଁଥିରେ ସିଭିସି ପରାମର୍ଶକୁ ଅଣଦେଖା କରାଯାଇଛି ।

ସିଭିସିଙ୍କର ପରାମର୍ଶକୁ ଅଣଦେଖା କରିବା ପାଇଁ ସିକ୍ୟୁରିଟି ପ୍ରିଣ୍ଟିଂ ଆଣ୍ଡ ମେଣ୍ଟିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍, ଇଲେକ୍ଟ୍ରୋନିକ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଇସିଆଇଏଲ), ନ୍ୟାସନାଲ ଫର୍ଟିଲାଇଜର୍ ଲିମିଟେଡ୍, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ବିରୋଧରେ ମଧ ଗୋଟିଏ ଲେଖାଏଁ ମାମଲା ରହିଥିଲା । କମିଶନଙ୍କ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବା ସଜାଗତା ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ଏବଂ ଭିଜିଲାନ୍ସ ପ୍ରଶାସନର ନିରପେକ୍ଷତାକୁ କ୍ଷୁର୍ଣ୍ଣ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

କୋଇଲା ମନ୍ତ୍ରଣାଳୟର ପରାମର୍ଶକୁ ପାଳନ ନ କରିବାର ଏକ ବିସ୍ତୃତ ବିବରଣୀ ଦେଇ ସିଭିସି କହିଛି ଯେ ଭାରତ କୋକିଂ କୋଇଲା ଲିମିଟେଡ୍ (ବିସିସିଆଇ)ର ଜଣେ ଅଧିକାରୀ, ଜଣେ ମୁଖ୍ୟ ପରିଚାଳକ, ତିନିଜଣ ପରିଚାଳକ ଏବଂ ଜଣେ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଥିଲା । ଏହି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦଣ୍ଡିତ ହୋଇଥିବା ସତ୍ତ୍ୱେ ପ୍ରକଳ୍ପ ଅଧିକାରୀ, ମୁଖ୍ୟ ପରିଚାଳକ, ତିନିଜଣ ପରିଚାଳକ ଏବଂ ନିର୍ଦ୍ଦେଶକ ସମ୍ପୃକ୍ତ ଆପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ । ଜୁନ୍ ୨୦୨୨ରୁ ଜୁନ୍ ୨୦୨୩ମଧ୍ୟରେ ଜାରି କରାଯାଇଥିବା ନିର୍ଦ୍ଦେଶ ମାଧ୍ୟମରେ ସମସ୍ତ ଅଧିକାରୀଙ୍କୁ କ୍ଷମା ଦିଆଯାଇଥିଲା ।

## ୱାକଫ ସଂଶୋଧନ ବିଲ୍ ୨୦୨୪ : ଜବାବ ରଖିଲେ କିରେନ ରିଜିଜୁ

ନୂଆଦିଲ୍ଲୀ : ୱାକଫ ସଂଶୋଧନ ବିଲ୍ ୨୦୨୪ ବିଷୟରେ ସୋମବାର ସଂସଦକୁ ସମ୍ବୋଧିତ କରିବାବେଳେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ଏହି ବିଲ୍ ବିଷୟରେ ଭୁଲ ତଥ୍ୟ ପ୍ରଚାର କରାଯାଉଛି । ବିଶେଷକରି ମୁସଲମାନଙ୍କ ଜମିକୁ ସରକାର ଦଖଲ କରୁଛନ୍ତି ବୋଲି ଅଭିଯୋଗ ବନ୍ଦ ହେବା ଆବଶ୍ୟକ ।

ସେ କହିଛନ୍ତି ଅନେକ ମୁସଲମାନ ସଂଗଠନ ଏହି ବିଲକୁ ନେଇ ସମର୍ଥନ ଜଣାଇଛନ୍ତି । ରିଜିଜୁ କହିଛନ୍ତି, ୱାକଫ ସଂଶୋଧନ ବିଲ୍ ପାଇଁ ସଂସଦୀୟ କମିଟି ରେକର୍ଡ ସଂଖ୍ୟକ ସୁପାରିଶ ଗ୍ରହଣ କରିଛି । ଏହାକୁ ଯାଞ୍ଚ ପାଇଁ ମିଳିତ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି । କିଛି ଲୋକ ମିଥ୍ୟା ପ୍ରଚାର କରୁଛନ୍ତି ଯେ ସରକାର ମୁସଲମାନଙ୍କ ଜମି ଛଡ଼ାଇ ନେଉଛନ୍ତି । ଏହି ପ୍ରଚାର ବନ୍ଦ ହେବା ଜରୁରୀ । ଜେପିସି ଦ୍ୱାରା ଜାରି ଆଲୋଚନା ୱାକଫ୍ ଆକ୍ଟରେ ସଂସ୍କାର ଆଣିବା ପାଇଁ ଏକ ବ୍ୟାପକ ପ୍ରୟାସର ଏକ ଅଂଶ ଯାହାକି ୱାକଫ୍ ସମ୍ପତ୍ତିଗୁଡିକ ସମ୍ପ୍ରଦାୟର ହିତ ପାଇଁ ବ୍ୟବହୃତ ହୋଇଛି କି ନାହିଁ ନିଶ୍ଚିତ କରିବ । ୱାକଫ୍ (ସଂଶୋଧନ) ବିଲର ମୁଖ୍ୟ ଦିଗଗୁଡିକ ହେଉଛି ରେକର୍ଡଗୁଡ଼ିକର ଡିଜିଟାଇଜେସନ୍, କଠୋର ଅଡିଟ୍, ଅତିକ୍ରମଣ ପାଇଁ ଉତ୍ତମ ଆଇନଗତ ପ୍ରତିକାର ଏବଂ ୱାକଫ୍ ପରିଚାଳନାର ବିକେନ୍ଦ୍ରୀକରଣ । ଏହି କମିଟି ୨୬ ସେପ୍ଟେମ୍ବରରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଭିନ୍ନ ହିତାଧିକାରୀଙ୍କ ସହ ପାଞ୍ଚଟି ରାଜ୍ୟରେ ଅନୌପଚାରିକ ଆଲୋଚନା କରିବେ ଏବଂ ୱାକଫ ଆକ୍ଟରେ ପ୍ରସ୍ତାବିତ ସଂଶୋଧନକୁ ପ୍ରଣୟନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ୬୦୦,୦୦୦ରୁ ଅଧିକ ପଞ୍ଜୀକୃତ ୱାକଫ ସମ୍ପତ୍ତିର ତଦାରଖ କରିବେ । ମୂଳତଃ ୧୯୯୫ର ୱାକଫ ଆକ୍ଟ ଦ୍ୱାରା ପରିଚାଳିତ ଏହି ନିୟମ ଦୀର୍ଘ ଦିନ ଧରି ପରିଚାଳନା, ଦୁର୍ନୀତି ଏବଂ ଅତିକ୍ରମଣ ପ୍ରସଙ୍ଗର ସମ୍ମୁଖୀନ ହୋଇଥିଲା । ୱାକଫ୍ (ସଂଶୋଧନ) ବିଲ୍, ୨୦୨୪ ଡିଜିଟାଲାଇଜେସନ୍, ବର୍ଦ୍ଧିତ ସ୍ୱଚ୍ଛତା ଏବଂ ବେଆଇନ ଭାବରେ ଅଧିକୃତ ସମ୍ପତ୍ତି ପୁନରୁଦ୍ଧାର ପାଇଁ ଆଇନଗତ ଧାରା ସହିତ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛି । ସଂଶୋଧନଗୁଡ଼ିକ ବ୍ୟବହାରିକ, ପ୍ରଭାବଶାଳୀ ଏବଂ ସମ୍ପ୍ରଦାୟର ଆବଶ୍ୟକତା ଅନୁଯାୟୀ ସୁନିଶ୍ଚିତ କରିବାକୁ ଏହି ପରାମର୍ଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । ଆସନ୍ତା ସଂସଦ ଅଧିବେଶନର ପ୍ରଥମ ସପ୍ତାହ ଶେଷ ସୁଦ୍ଧା କମିଟି ଏହାର ରିପୋର୍ଟ ଲୋକସଭାରେ ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି ।

## ବଜ୍ରାଘାତରେ ୬ କଲେଜ ଛାତ୍ରଙ୍କ ସମେତ ୮ ମୃତ

ରାୟପୁର : ଛତିଶଗଡ଼ର ରାଜନନ୍ଦଗାଁରେ ଏକ ଦୁଃଖଦ ଘଟଣା ଘଟିଛି । ବଜ୍ରପାତ ହେବାରୁ ୮ ଜଣଙ୍କର ଅସମୟରେ ଜୀବନ ଚାଲିଯାଇଛି । ମୃତକଙ୍କ ମଧ୍ୟରେ ୬ ଜଣ ଛାତ୍ର ଥିବା ଜଣାପଡ଼ିଛି । ମୃତ ଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ । ପରୀକ୍ଷା ଦେଇ ଫେରିବା ବାଟରେ ବଜ୍ରପାତ ହୋଇଥିଲା । ସୂଚନା ଅନୁସାରେ, ସେମାନେ ଗଛ ତଳେ ଥିବା ଏକ ଅସ୍ଥାୟୀ ଘରେ ଆଶ୍ରୟ ନେଇଥିଲେ । ସେହି ସ୍ଥାନରେ ଅନ୍ୟ ପଥଚାରୀ ମଧ୍ୟ ଆଶ୍ରୟ ନେଇଥିଲେ । ଏହି ବଜ୍ରପାତ ହେବାରୁ ଛାତ୍ରମାନଙ୍କ ସହ ଆଶ୍ରୟ ନେଇଥିବା ଅନ୍ୟ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

## ବାୟୁ ପ୍ରଦୂଷଣ ଉପରେ ଉଚ୍ଚସ୍ତରୀୟ ଟାସ୍କଫୋର୍ସ

ନୂଆଦିଲ୍ଲୀ : ଦିଲ୍ଲୀ-ଏନସିଆରରେ ବାୟୁର ଗୁଣବତ୍ତା ଖରାପ ହେବା ସମସ୍ୟାର ସମାଧାନ ପାଇଁ ଅଂଶୀଦାରମାନଙ୍କ ପ୍ରସ୍ତୁତି ଆକଳନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର ଆଜି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବିଶେଷ କରି ଶୀତ ଋତୁ ପାଖେଇ ଆସୁଥିବା ବେଳେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାନ ଫସଲ ଅପଶିଷ୍ଟ ପୋଡ଼ିବା, ଯାନବାହନ ହେଉଥିବା ଅଙ୍ଗାରକାମ୍ଳ ନିର୍ଗମନ, ସଡ଼କ ଓ ନିର୍ମାଣସ୍ଥଳୀରୁ ସୃଷ୍ଟ ଧୂଳି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜେଲ ଜେନେରେଟର (ଡିଜି) ସେଟ୍ ସମେତ ବିଭିନ୍ନ ଉତ୍ସରୁ ସୃଷ୍ଟି ହେଉଥିବା ପ୍ରଦୂଷଣର ମୁକାବିଲା ଲାଗି ଚାଲିଥିବା ପ୍ରୟାସର ସମୀକ୍ଷା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଶୀତ ଋତୁରେ ବାୟୁର ଗୁଣବତ୍ତା ଖରାପ ହେବାରୁ ଏହାକୁ ରୋକିବା ପାଇଁ ସମସ୍ତ ସଂପୃକ୍ତ ଏଜେନ୍ସି ଦ୍ୱାରା ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି)କୁ କଡ଼ାକଡ଼ି ଓ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ ।

# ଚନ୍ଦ୍ରପୃଷ୍ଠରେ ପ୍ରାଚୀନ ଗର୍ତ୍ତ ଆବିଷ୍କାର କଲା ପ୍ରଜ୍ଞାନ



ବେଙ୍ଗାଲୁରୁ: ୨୦୨୩ରେ ଭାରତର ଚନ୍ଦ୍ରଯାନ-୩ ଅଭିଯାନ ସଫଳତାର ସହ ଚନ୍ଦ୍ରରେ ଶେଷ ହୋଇଥିଲେ ହେଁ ଏହା ନୂଆ ନୂଆ ଅନୁସନ୍ଧାନ ଜାରି ରଖିଛି । ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରୁ ପ୍ରଜ୍ଞାନ ରୋଭର ପଠାଇଥିବା ତଥ୍ୟକୁ ବ୍ୟବହାର କରି ଏକ ପ୍ରାଚୀନ କ୍ରେଟର ଆବିଷ୍କାର କରାଯାଇଛି । ପ୍ରଜ୍ଞାନ ରୋଭର ଚନ୍ଦ୍ରରେ ଅବତରଣ ସ୍ଥଳ ନିକଟରେ ୧୬୦ କିଲୋମିଟର ଚଉଡ଼ା ପୋତି ଯାଇଥିବା ପ୍ରାଚୀନ ଗାତକୁ ଚିହ୍ନଟ କରିଛି । ଫିଜିକାଲ ରିସର୍ଚ୍ଚ ଲାବୋରେଟୋରୀ ସାଇନ୍ସ ଡାଇରେକ୍ଟର ସଦ୍ୟତମ ସଂସ୍କରଣରେ ଏହି ତଥ୍ୟ ପ୍ରକାଶ ପାଇଛି । ଚନ୍ଦ୍ରପୃଷ୍ଠର ସବୁଠାରୁ ବଡ଼ ଓ ପୁରାତନ ଅବବାହିକା ଦକ୍ଷିଣ ମେରୁ-ଏଟକେନ୍ ଅବବାହିକାଠାରୁ ପ୍ରାୟ ୩୫୦ କିଲୋମିଟର ଦୂରରେ ଥିବା ଏହି ଲ୍ୟାଣ୍ଡିଂ ସାଇଟ୍ ରେ ପର୍ସଭିରେନ୍ସ ରୋଭର୍ ଉଚ୍ଚଭୂମି ଅତିକ୍ରମ କରିବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ହୋଇଥିଲା । ଏହା ବିଶ୍ୱାସ କରାଯାଏ ଯେ ଦକ୍ଷିଣ ମେରୁ-ଏଟକେନ୍ ଅବବାହିକା ନିର୍ମାଣ ପୂର୍ବରୁ ଏହି କ୍ରେଟର ସୃଷ୍ଟି ହୋଇଥିଲା, ଯାହା ଏହାକୁ ଚନ୍ଦ୍ରର ସର୍ବପୁରାତନ ଭୂତତ୍ତ୍ୱିକ ଢାଞ୍ଚା ରେ ପରିଣତ କରିଥିଲା । କ୍ରେଟରର ବୟସ ହେତୁ, ପରବର୍ତ୍ତୀ ପ୍ରଭାବ, ବିଶେଷକରି ଦକ୍ଷିଣ ମେରୁ-ଏଟ୍କେନ୍ ଘଟଣାଦ୍ୱାରା ଏହା ପୋତି ହୋଇଯାଇଥିଲା ଏବଂ ସମୟ କ୍ରମେ ଧୀରେ ଧୀରେ କ୍ଷୟ ହୋଇଛି । ପର୍ସଭିୟରନ୍ସ ରୋଭରର ନେଭିଗେସନ୍ ଏବଂ ହାଇ-ରିଜୋଲ୍ୟୁସନ୍ ଅପ୍ଟିକାଲ କ୍ୟାମେରା ଦ୍ୱାରା ନିଆଯାଇଥିବା ଫଟୋରୁ ଏହି ପ୍ରାଚୀନ କ୍ରେଟରର ଗଠନ ଜଣାପଡିଥିଲା, ଯାହା ଚନ୍ଦ୍ରର ଭୂତତ୍ତ୍ୱିକ ଇତିହାସ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂତ୍ର ପ୍ରଦାନ କରିଥିଲା ।

## ମିସ ୟୁନିଭର୍ସ ଇଣ୍ଡିଆ-୨୦୨୪ର ବିଜୟିନୀ ରିୟା



ଜୟପୁର : ଗତ ରବିବାର ରାଜସ୍ଥାନର ରାଜଧାନୀ ଜୟପୁରରେ ଅନୁଷ୍ଠିତ ହୋଇଥିବା ମିସ ୟୁନିଭର୍ସ ଇଣ୍ଡିଆ-୨୦୨୪ରେ ଗ୍ରାଣ୍ଡ ଫିନାଲେରେ ରିୟା ସିଂଘା ବିଜୟିନୀ ହୋଇଛନ୍ତି । ୧୦ବର୍ଷ ତଳେ ଅର୍ଥାତ ୨୦୧୫ରେ ମିସ ୟୁନିଭର୍ସ ଇଣ୍ଡିଆର ବିଜୟିନୀ ହୋଇଥିବା ଉର୍ବଷି ରେତେଲା ରିୟାଙ୍କୁ ମିସ ୟୁନିଭର୍ସ ଇଣ୍ଡିଆ-୨୦୨୪ର ମୁକୁଟ ପିନ୍ଧାଇଥିଲେ । ୫୧ଜଣ ବଛାବଛା ସୁନ୍ଦରୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଆଗକୁ ବିଥିବା ରିୟା ଏଣିକି ଅନ୍ତର୍ଜାତୀୟ ମିସ ୟୁନିଭର୍ସ ପ୍ରତିଯୋଗୀତାରେ ଭାରତକୁ ପ୍ରତିନିଧିତ୍ୱ କରିବେ । ମିସ ୟୁନିଭର୍ସ ଇଣ୍ଡିଆ ୨୦୨୪ର ମୁକୁଟ ଜିତିଥିବା ୧୯ ବର୍ଷୀୟ ରିୟା ସିଂଘା ଗୁଜୁରାଟର ଜଣେ ଜଣାଶୁଣା ମଡେଲ୍ । ସେ ସୋସିଆଲ ମିଡିଆରେ ଖୁବ ସକ୍ରିୟ । ଇନଷ୍ଟାଗ୍ରାମରେ ତାଙ୍କର ୪୦ହଜାରରୁ ଅଧିକ ଅନୁସରଣକାରୀ ଅଛନ୍ତି । ତାଙ୍କର ଷ୍ଟାଇଲ୍ ଏବଂ ସୌନ୍ଦର୍ଯ୍ୟ ହେତୁ ସେ ପ୍ରଶଂସକଙ୍କ ମଧ୍ୟରେ ଲୋକପ୍ରିୟ ରହୁନ୍ତି । ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ୍ ଜିତିବା ପରେ ତାଙ୍କ ପ୍ରଶଂସକମାନେ ଆହୁରି ବୃଦ୍ଧି ପାଇ ଯାଇଛନ୍ତି ।

# ଏସିଆନ୍ ବିଚ୍ ସିପକ୍ ଟାକ୍ର
# ଥବୀରଙ୍କୁ ବ୍ରୋଞ୍ଜ



ଭୁବନେଶ୍ୱର, ୨୩।୯ (ସବ୍ୟୁ) : ୨୩ ବର୍ଷରୁ କମ୍ ଏସିଆନ୍ ବିଚ୍ ସିପକଟାକ୍ର ଚାମ୍ପିଅନସିପରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପଦକ ବିଜୟୀ ଭାରତୀୟର ସଦସ୍ୟ ଥିଲେ ଓଡ଼ିଶା ତଥା କିସ୍‌ର ଥବୀର ନାଏକ । ବ୍ରୋଞ୍ଜ ପଦକ ସଫଳତା ହାସଲ କରି ଥବୀର ରାଜ୍ୟର ଗୌରବ ବଢ଼ାଇଛନ୍ତି । ଚୀନର କୁଇଙ୍ଗଡାଓରେ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୋଟ୍ ୮ଟି ଦେଶ ଯଥା ଥାଇଲାଣ୍ଡ, କୋରିଆ, ଭିଏତନାମ୍, ଫିଲିପାଇନ୍ସ, ମାଲେସିଆ, ଭାରତ, ଚୀନ ଏବଂ ଇରାକ୍ ଅଂଶଗ୍ରହଣ କରିଥିଲେ ।

ପ୍ରଥମ ଲିଗ୍ ମ୍ୟାଚରେ ଭାରତ ୨-୦ରେ ଚୀନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚରେ ଭାରତ ୧-୨ ପଏଣ୍ଟ ବ୍ୟବଧାନରେ ମାଲେସିଆ ନିକଟରୁ ପରାଜିତ ହୋଇଥିଲା। ତୃତୀୟ ଲିଗରେ ଭାରତୀୟ ଦଳ ୨-୦ ପଏଣ୍ଟରେ ଇରାକକୁ ପରାଜିତ କରି ଆଗକୁ ବଢ଼ିଥିଲା। ସେମିଫାଇନାଲରେ ଭାରତୀୟ ଦଳ ୦-୨ରେ ଥାଇଲାଣ୍ଡ ନିକଟରୁ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଥିଲା। କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରାଜ୍ୟ ସଂଘ ସମ୍ପାଦକ ପୃଥୀରାଜ ସାହୁ ପ୍ରମୁଖ ଥବୀର ନାଏକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ନ୍ୟୁଜିଲାଣ୍ଡକୁ ଜଳକା କଲା ଶ୍ରୀଲଙ୍କା



ଗାଲେ, ୨୩।୯(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଭାରତ ତା'ର ସ୍ଥିତିକୁ ମଜବୁତ କରିବାରେ ଲାଗିଛି । ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନରେ ହରାଇବା ପରେ ଭାରତ ଫାଇନାଲ ଖେଳିବା ଦିଗରେ ଆଉ ପାଦେ ଆଗକୁ ବଢ଼ିଛି ।

ସେହିପରି ଶ୍ରୀଲଙ୍କା ମଧ୍ୟ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ଚମତ୍କାର ଢଙ୍ଗରେ ହରାଇ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରଖିଛି । ଭାରତର ବିଜୟ ପ୍ରତିଶତ ପଏଣ୍ଟ ୭୧.୬୭ ରହିଥିବା ବେଳେ ଶ୍ରୀଲଙ୍କା ୫୦% ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି । ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୬୨.୫୦ ରହିଛି ।

ଗାଲେରେ ଖେଳା ଯାଉଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟକୁ ଶ୍ରୀଲଙ୍କା ୬୩ ରନରେ ଜିତି ନେଇଛି । ଶେଷ ଦିନରେ ଧନଞ୍ଜୟ ଡି'ସିଲଭାଙ୍କ ଦଳ ବିଜୟ ହାସଲ କରିଛି । ଶ୍ରୀଲଙ୍କା ପାଇଁ ପ୍ରଭାତ ଜୟସୂରିୟା ୨୦୪ ରନରେ ୯ଟି ୱିକେଟ ନେଇ ବିଜୟର ନାୟକ ସାଜିଛନ୍ତି ।

ଶ୍ରୀଲଙ୍କା ପ୍ରଥମ ଇନିଂସରେ କାମିନ୍ଦୁ ମେଣ୍ଡିସଙ୍କ ୧୧୪ ରନ ବଳରେ ସମସ୍ତ ୱିକେଟ ହରାଇ ୩୦୫ ରନ କରିଥିଲା । ଏହାର ଜବାବରେ ନ୍ୟୁଜିଲାଣ୍ଡ ୩୪୦ ରନ କରି ଗୁରୁତ୍ୱପୂର୍ଣ୍ଣ ୩୫ ରନର ଲିଡ ପାଇଥିଲା । ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ୩୦୯ ରନ କରିବାକୁ ମ୍ୟାଚ୍ ଜିତିବା ପାଇଁ ନ୍ୟୁଜିଲାଣ୍ଡକୁ ୨୭୫ ରନର ଟାର୍ଗେଟ ମିଳିଥିଲା ।

ହେଲେ ଶ୍ରୀଲଙ୍କାର ସ୍ପିନ ଜାଲରେ ଭ୍ରମଣକାରୀ ଦଳର ବ୍ୟାଟରମାନେ ଫସି ଯାଇଥିଲେ । ରଚିନ ରବୀନ୍ଦ୍ର ଶେଷ ଯାଏ ୯୨ ରନ କରି ଅଗ୍ରଣୀ ଥିଲେ ହେଁ ଦଳକୁ ଜିତାଇ ପାରି ନଥିଲେ । ଶେଷ ଦିନରେ ନ୍ୟୁଜିଲାଣ୍ଡର ୯ମ ବ୍ୟାଟର ଭାବେ ଆଉଟ ହୋଇଥିଲେ । ତାଙ୍କ ୱିକେଟ ମଧ୍ୟ ପ୍ରଭାତ ନେଇଥିଲେ । ସେହିପରି ଶେଷ ବ୍ୟାଟର ଭାବେ ୱିଲିୟମ ଓରୌରକେ ମଧ୍ୟ ପ୍ରଭାତଙ୍କ ଶିକାର ବନିଥିଲେ । ପ୍ରଥମ ଇନିଂସରେ ସେ ୪ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ୫ ସଫଳତା ପାଇଛନ୍ତି ।

ଏହି ବିଜୟ ପରେ ଶ୍ରୀଲଙ୍କା ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡକୁ ତଳକୁ ଠେଲି ତୃତୀୟ ସ୍ଥାନରେ ପହଞ୍ଚି ଯାଇଛି । ନ୍ୟୁଜିଲାଣ୍ଡର ବିଜୟ ପ୍ରତିଶତ ପଏଣ୍ଟ ୪୨.୮୬କୁ ଖସି ଯାଇଛି । ଇଂଲଣ୍ଡ ୪୨.୧୯ ସହ ୫ମ, ବାଂଲାଦେଶ ୩୯.୨୯ସହ ୬ଷ୍ଠ, ୩୮.୮୯ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ୭ମ, ପାକିସ୍ତାନ ୮ମ ଓ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି ।

# ସର୍ବଭାରତୀୟ ଆଜାଦ କପ୍ ଫୁଟବଲ
# ଚିରାଗ ଏକାଦଶ ଚାମ୍ପିଅନ



କରଞ୍ଜିଆ, ୨୩।୯(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଢେଇଭୋଳ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଥିଲା ଫାଇନାଲ ମ୍ୟାଚ । ଏହି ମ୍ୟାଚ ଚିରାଗ ଏକାଦଶ ଓ ତେଣ୍ଟପୋଷି ମଧ୍ୟରେ ଅନୁଷ୍ଠିତ ହୋଇଥଲା। ଏଥିରେ ଚିରାଗ ଏକାଦଶ ଶୁକୁଳୀ ୨/୦ ଗୋଲ ରେ ବିଜୟ ହୋଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୮ ଟି ଟିମ ଅଂଶ ଗ୍ରହଣ କରିଥିଲେ। ସୋମବାର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବେ ବିଜେପି ପଶ୍ଚିମ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ ଓ ମୁଖ୍ୟବକ୍ତା ଭାବେ ଓସିଏର ପୂର୍ବତନ ଉପସଭାପତି ନବ ଚରଣ ପଟ୍ଟନାୟକ ଯୋଗ ଦେଇ ବିଜେତା ଦଳ ଚିରାଗ ଏକାଦଶ ଦଳକୁ ନଗଦ ଏକ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉପ ବିଜେତା ତେଣ୍ଟପୋଷି ଦଳକୁ ୭୦ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାଚକୁ ରେଫରି ଭାବେ ଉତ୍କଳ କେଶରୀ ବେହେରା ପରିଚାଳନା କରିଥିବା ବେଳେ ଲାଇନ୍ ରେ ଶଶିକାନ୍ତ ଦାସିଆ ଓ ଦିଲ୍ଲୀପ ରାଉତ ସହଯୋଗ କରିଥିଲେ। ପାଗର ପ୍ରତିକୂଳ ସ୍ଥିତିରେ ମଧ ହଜାର ହଜାର ଫୁଟ ବଲ୍ ପ୍ରେମୀ ଖେଳକୁ ଉପଭୋଗ କରାଇଥିଲେ ।

# ରିଲିଜ ହେଲା ମହିଳା
# ଟି-୨୦ ବିଶ୍ୱକପ ଥିମ ସଙ୍ଗ

ନୂଆଦିଲ୍ଲୀ, ୨୩।୯(ଏଜେନ୍ସି) : ଅନ୍ତର୍ଜାତୀୟ କ୍ରିକେଟ ପରିସଦ(ଆଇସିସି) ପକ୍ଷରୁ ମହିଳା ଟି୨୦ ବିଶ୍ୱକପ ଥିମ ସଙ୍ଗ ରିଲିଜ କରାଯାଇଛି । ଗୀତର ଶୀର୍ଷକ ହ୍ୱାଟଏଭର ଇଟ ଟେକସ ରହିଥିବା ବେଳେ ଭାରତର ଲୋକପ୍ରିୟ ମହିଳା ପପ ଗ୍ରୁପ ଡବ୍ଲ୍ୟୁଆଇଏସଏଚ ଏହାକୁ ଗାଇଛନ୍ତି । ଏହି ଗୀତରେ ଭାରତୀୟ ଟିମର ଉପଅଧିନାୟିକା ସ୍ମୃତି ମାନ୍ଧନା ଓ ଜେମିମା ରୋଡ୍ରିଗୁଏଜଙ୍କ ହୁକ ଷ୍ଟେପକୁ ସାମିଲ କରାଯାଇଛି । ମହିଳା କ୍ରିକେଟ ସାରା ବିଶ୍ୱରେ ତାର ଛାପ ଛାଡି ସାରିଛି । ଏହାକୁ ଲୋକପ୍ରିୟ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି । ୟୁଏଇରେ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟରେ ୧୦ଟି ଟିମ ଅଂଶଗ୍ରହଣ କରିବେ । ସେପ୍ଟମ୍ବର ୨୮ରୁ ଅକ୍ଟୋବର ୧୮ ପର୍ଯ୍ୟନ୍ତ ଅଭ୍ୟାସ ମ୍ୟାଚ ଖେଳାଯିବ । ପ୍ରତ୍ୟେକ ଟିମ ୪ଟି ଗ୍ରୁପ ମ୍ୟାଚ ଖେଳିବ । ଏହା ପରେ ୧୭ ଓ ୧୮ ଅକ୍ଟୋବରରେ ସେମିଫାଇନାଲ ଏବଂ ୨୦ରେ ଫାଇନାଲ ମ୍ୟାଚ ଖେଳାଯିବ । ଅକ୍ଟୋବର ୪ରେ ଦୁବାଇରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ତାର ଅଭିଯାନ ଆରମ୍ଭ କରିବ । ଏହା ପରେ ୬ରେ ପାକିସ୍ତାନକୁ, ୯ରେ ଶ୍ରୀଲଙ୍କାକୁ ଏବଂ ୧୩ରେ ଅଷ୍ଟ୍ରେଲିଆକୁ ଟିମ ଇଣ୍ଡିଆ ଭେଟିବ ।



# ଜାତୀୟ ଟେନିସ ବଲ କ୍ରିକେଟ
# ୨୯ରେ ଓଡ଼ିଶା ଟିମ୍‌ର ଚୟନ

ଭୁବନେଶ୍ୱର,୨୩।୯(ସବ୍ୟୁ): ଆସନ୍ତା ନଭେମ୍ବର ମାସ ୧୮ତାରିଖରୁ ୨୧ ଯାଏ ୩୫ତମ ଜାତୀୟ ସିନିୟର ଟେନିସବଲ ଚାମ୍ପଅନସିପ ଆୟୋଜିତ ହେବ । ଜମ୍ମୁ-କଶ୍ମୀରର ଶ୍ରୀନଗର ଠାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ । ସବୁଥର ପରି ଏଥର ମଧ ଓଡ଼ିଶା ଏଥିରେ ଭାଗ ନେବ । ଏହାପୂର୍ବରୁ ଖେଳାଳି ଚୟନ ମଧ କରାଯିବ ।

ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ଓଡ଼ିଶା ଜାତୀୟ ସିନିୟର ଖେଳାଳି (ମହିଳା ଓ ପୁରୁଷ ) ଚୟନ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୨୯ରେ ହେବ । ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ଚୟନ ହେବ ।

ସକାଳ ୭ରୁ ଚୟନ ପ୍ରକ୍ରିୟା ଆରମ୍ଭ ହେଉଛି । ତେଣୁ ଜାତୀୟ ଦଳ ପାଇଁ ଖେଳିବାକୁ ଚାହୁଁଥିବା ଖେଳାଳିମାନେ ନିଜ ନିଜ ଆଧାର କାର୍ଡ ଧରି ଧାର୍ଯ୍ୟ ସମୟ ପୂର୍ବରୁ ଆଇଆରସି ଭିଲେଜର ଏଲଏଲସିସି ଗ୍ରାଉଣ୍ଡରେ ରିପୋର୍ଟିଂ କରିପାରିବେ । ପ୍ରଥମେ ପଞ୍ଜୀକରଣ କରାଯିବ ଓ ଏହାପରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ । ଯଦି କେହି ଠିକଣା ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏନର ଯୁଗ୍ମ ସଚିବ ସୋମନାଥ ପରିଡ଼ା(ମୋବାଇଲ ନମ୍ବର-୭୩୮୧୦୭୧୦୮୪)ଙ୍କ ସହ ଯୋଗାଯୋଗ କରିପାରିବେ ।

ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନକୁ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ ଓ କ୍ରୀଡ଼ା ଓ ଯୁବ ବ୍ୟାପାର ଦ୍ୱାରା ମାନ୍ୟତା ପ୍ରଦାନ କରିଛନ୍ତି ।



# ଜାତୀୟ ରଗବୀ ଦଳରେ କିସ୍‌ର ୬



ଭୁବନେଶ୍ୱର, ୨୩।୯(ସବ୍ୟୁ): ୧୮ ବର୍ଷରୁ କମ୍ ଏସିଆନ୍ ରଗବୀ ଚାମ୍ପିଅନସିପ୍ ନିମନ୍ତେ ଘୋଷଣା ହୋଇଥିବା ଭାରତୀୟ ବାଳକ ଓ ବାଳିକା ଦଳରେ କିସ୍‌ର ୬ଜଣ ସ୍ଥାନ ପାଇଛନ୍ତ । ଏହି ପ୍ରତିଯୋଗିତା ମାଲେସିଆର ଜୋହୋରରେ ଚଳିତ ମାସ ୨୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଜାତୀୟ ଜୁନିୟର ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ବାଳକରେ ଚରଣ ହେମ୍ବ୍ରମ(ଅଧିନାୟକ), ଭରତ ପୁଜାରୀ, ବିଦ୍ୟାଧର ମାଝି ଓ ପ୍ରଦୀପ କଅଁର ତଥା ବାଳିକାରେ ବାସୀ ହୋ(ଅଧିନାୟକ) ଓ ମନୀଶା ମାଝି ସ୍ଥାନ ପାଇଛନ୍ତ । ପଶ୍ଚିମବଙ୍ଗର କୋଲକାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ ସେଣ୍ଟରେ ଅଗଷ୍ଟ ୨ରୁ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଛନ୍ତି ।

# ଗୁଜରାଟକୁ ହରାଇଲା ସର୍ଦ୍ଦନ

ଯୋଧପୁର, ୨୩।୯(ଏଜେନ୍ସି): ଯୋଧପୁରର ବର୍କତୁଲ୍ଲା ଖାନ୍ ଷ୍ଟାଡିୟମରେ ଚାଲିଥିବା ଲିଜେଣ୍ଡସ୍ ଲିଗ୍ କ୍ରିକେଟରେ ସୋମବାର ସର୍ଦ୍ଦନ ସୁପର ଷ୍ଟାର ଓ ଗୁଜରାଟ୍ ଗ୍ରେଟସ୍ ଭେଟାଭେଟି ହୋଇଛନ୍ତି । ରୋମାଞ୍ଚଭରା ଏହି ମ୍ୟାଚରେ ସର୍ଦ୍ଦନ ସୁପର ଷ୍ଟାର ୨୬ରନ୍‌ରେ ଗୁଜରାଟ ଗ୍ରେଟ୍‌ସକୁ ହରାଇଛି । ସର୍ଦ୍ଦନ ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ ୱିକେଟ୍ ହରାଇ ୧୪୪ରନ୍ କରିଥିଲା। ଜବାବରେ ଗୁଜରାଟ ଗ୍ରେଟ୍‌ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୧୮ରନ୍ କରିବାକୁ ସକ୍ଷମ ହୋଇଥିଲା । ରୋମାଞ୍ଚ ଭରା ଏହି ମ୍ୟାଚରେ ଗୁଜରାଟ ଦଳ ଟସ୍ ଜିତି ସର୍ଦ୍ଦନ ସୁପର ଷ୍ଟାରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପାର୍ଥିବ ପଟେଲଙ୍କ ସହ ମାର୍ଟିନ ଗୁପଟିଲ ପାଳି ଆରମ୍ଭ କରିଥିଲେ ମଧ ଦଳର ଆରମ୍ଭ ସନ୍ତୋଷ ଜନକ ନଥିଲା। ପାର୍ଥୀବ ପଟେଲ ୪ରନ୍, ଗୁପଟିଲ ୨୨ରନ୍, ମାସାକାଜା ୨୦ରନ୍, କେଦାର ଜାଦବ ୧ରନ, ନେଗୀ ୨ରନ, କାର୍ତ୍ତିକ ୧୮ରନ ତଥା ଚତୁରାଙ୍ଗ୍ ଡି ସିଲଭା ଅପରାଜିତ ୫୩ରନ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୧୪୪ରନ୍ କରି ୯ ୱିକେଟ୍ ହରାଇଥିଲା । ଗୁଜରାଟର ମାନନ୍ ଶର୍ମାଙ୍କୁ ସର୍ବାଧିକ ୬ ୱିକେଟ ସଫଳତା ମିଳିଥିଲା । ୧୪୫ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ପକ୍ଷରୁ ଶିଖର ଧାୱନ ସର୍ବାଧିକ ୫୨ରନ୍, ମନନ ଶର୍ମା ୧୦ ଓ ମର୍ଣ୍ଣ ଭାନ୍ ୧୫ରନ୍ କରିଥିଲେ । ବୋଲିଂରେ ସର୍ଦ୍ଦନର ପବନ ନେଗି ୩ଟି ଓ ଅବଦୁଲ ରଜାକ୍ ୨ଟି ୱିକେଟ୍ ସଫଳତା ହାସଲ କରିଥିଲେ ।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ




# ଓଡିଶା ସିନିୟର ମହିଳା ହକି ଚାମ୍ପିଅନସିପ ଆରମ୍ଭ

ଭୁବନେଶ୍ୱର,୨୩।୯(ସବ୍ୟୁ),: ହକି ଆସୋସିଏସନ ଓଡିଶା ପକ୍ଷରୁ ସିନିୟର ମହିଳା ଚାମ୍ପିଅନସିପ ସ୍ଥାନୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ଚାମ୍ପିଅନସିପରେ ୧୦ଟି ଟିମ ଅଂଶଗ୍ରହଣ କରୁଛନ୍ତି । ସୋମବାର ଅନୁଷ୍ଠିତ ମୁକାବିଲାରେ ନୟାଗଡ ୫-୦ ଗୋଲରେ ସମ୍ବଲପୁରକୁ, ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ୮-୦ ଗୋଲରେ କେନ୍ଦ୍ରାପଡାକୁ, ଦେଓଗଡ ୬-୦ରେ ରାୟଗଡାକୁ, ଓଡିଶା ସେକ୍ରେଟାରୀଏଟ ୫-୦ ଗୋଲରେ ଏସଏମଏସ ହକି ଏକାଡେମୀକୁ, ଢେଙ୍କାନାଳ ୬-୦ ଗୋଲରେ ଗଜପତିକୁ, ଓଡିଶା ପୋଲିସ ୫-୦ ଗୋଲରେ କୋରାପୁଟକୁ ଏବଂ ଗାଙ୍ଗପୁର ହକି ଆସୋସିଏସନ ୭-୦ ଗୋଲରେ ଝାରସୁଗୁଡାକୁ ପରାସ୍ତ କରିଛି । ସେପ୍ଟମ୍ବର ୨୬ରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ । ଓଡିଶାରେ ହକିର ଯେଉଁଭଳି ଉନ୍ନତି ଘଟୁଛି ସେଥିନେଇ ବ୍ୟକ୍ତିଗତ ଭାବେ ବେଶ ଖୁସୀ ଅଛି ବୋଲି ହକି ଆସୋସିଏଶନ ଅଫ ଓଡିଶାର ସଭାପତି ଦିଲୀପ ତିର୍କୀ କହିଛନ୍ତି । ରାଜ୍ୟର ହକି ପ୍ରତିଭାକୁ ଚିହ୍ନଟ କରିବା ପାଇଁ ଏହି ଚାମ୍ପିଅନସିପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ମ୍ୟାଚଗୁଡିକ ଏକତରଫା ହୋଇଥିବା ବେଳେ ଆଗକୁ ଏହା ବେଶ ରୋମାଂଚକର ହେବ ବୋଲି ଆଶା କରାଯାଉଛି ।

# ବିକାଶ ସ୍କୁଲ ବାସ୍କେଟବଲ ଚାମ୍ପିଅନ



ବରଗଡ଼, ୨୩।୯ (ସବ୍ୟୁ) : କଟକର ବାରବାଟୀ ଷ୍ଟାଡିୟମ୍‌ରେ ସେଣ୍ଟ ଜାଭିୟର୍ ହାଇସ୍କୁଲ୍ ଆନୁକୂଲ୍ୟରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର୍-୨ ପ୍ରତିଯୋଗିତାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର (ଅଣ୍ଡର୍-୧୪ ଛାତ୍ର)ସ୍ୱର୍ଣ୍ଣପଦକ ଓ ୧୭ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ ପଦକ ଜିତି ଚାମ୍ପିଅନ୍ ହୋଇ ବିଦ୍ୟାଳୟର ଗୌରବକୁ ବଢ଼ାଇଛନ୍ତି । ବିଦ୍ୟାଳୟର ଏହି ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଡି.ମୂରଲୀ କ୍ରୀଷ୍ଣା ଖୁସି ବ୍ୟକ୍ତ କରିବା ସହ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଦ୍ୟାଳୟର ମୁଖ୍ୟ ଦ୍ୱାରରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ମୁଖ୍ୟ କ୍ରୀଡ଼ା ପ୍ରଶିକ୍ଷକ ପିତାମ୍ବର ପ୍ରଧାନ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବିଜୟୀ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଇଥିଲେ ।

ତାରିଖରୁ ୨୧ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ବିଦ୍ୟାଳୟର ବାସ୍କେଟ୍‌ବଲ୍ କ୍ରୀଡ଼ା ପ୍ରଶିକ୍ଷିକା ପୁନମ୍ କିରୋଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ଆସନ୍ତା ୧୪ ଅକ୍ଟୋବର୍‌ରୁ ୨୦ ଅକ୍ଟୋବର୍ ୨୦୨୪ ପର୍ଯ୍ୟନ୍ତ ଜନ୍ ମିଲ୍‌ଟନ୍ ପବ୍ଲିକ୍ ସ୍କୁଲ୍, ଆଗ୍ରା (ୟୁ.ପି.)ରେ ହେବାକୁ ଥିବା ଜାତୀୟ ସ୍ତରୀୟ ବାସ୍କେଟ୍‌ବଲ୍ ପ୍ରତିଯୋଗିତାରେ ବିକାଶ ଆବାସିକ ବିଦ୍ୟାଳୟ ଅଣ୍ଡର-୧୪ ବାଳକ ଦଳ ଭାଗ ନେବେ । ଜାତୀୟ ସ୍ତରୀୟ ଏହି ସଫଳତା ପାଇଁ ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ରୀଡା ଭିତ୍ତିଭୂମି ବିକାଶରେ ଜିନ୍ଦଲ ଫାଉଣ୍ଡେସନର ଅବଦାନ

କେନ୍ଦୁଝର, ୨୩।୯ (ସବ୍ୟୁ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି), ଭାରତର ଏକ ପ୍ରସିଦ୍ଧ ଶିଳ୍ପ ଶକ୍ତି । ଏହାର ସାମାଜିକ ବାହୁ ଜିନ୍ଦଲ ଫାଉଣ୍ଡେସନ ମାଧ୍ୟମରେ କ୍ରୀଡା ଭିତ୍ତିଭୂମି ବିକାଶ ତଥା ଆଥଲେଟମାନଙ୍କର ପୋଷଣରେ ବିଶେଷ ଭୂମିକା ଗ୍ରହଣ କରିଛି। ବିଶେଷକରି କିଓନଜାର ଏବଂ ସୁନ୍ଦରଗଡର ଆଦିବାସୀ ପ୍ରାଧାନ୍ୟ ଜିଲ୍ଲାମାନଙ୍କରେ ଓଡ଼ିଶା। ଜେଏସପି ଅଧ୍ୟକ୍ଷ ତଥା ସାଂସଦ (ଲୋକସଭା)ଙ୍କ ନେତୃତ୍ୱରେ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷ ଏସ୍ ଶାଲୁ ଜିନ୍ଦଲ, ଏହି କ୍ରୀଡା ପଦକ୍ଷେପ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଛି । କ୍ରୀଡା ବ୍ୟତୀତ ଜିନ୍ଦଲ ଫାଉଣ୍ଡେସନ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପାନୀୟ ଜଳ, ପରିମଳ ଏବଂ ଓଡ଼ିଶା ତଥା ଦେଶର ଅନ୍ୟାନ୍ୟ ରାଜ୍ୟରେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ଅଛି। ଫାଉଣ୍ଡେସନ ଟପ୍-ନଚ୍ ଟ୍ରେନିଂ ସେଣ୍ଟର, ଜାତୀୟ ସ୍ତରର କୋଚ୍‌ଙ୍କ ଦ୍ୱାରା ପରିଚାଳିତ ସୁବିଧା, ପୁଷ୍ଟିକର ଖାଦ୍ୟ, ପୋଷାକ, ପରିବହନ ଏବଂ ଆଥଲେଟଙ୍କ ପାଇଁ ଶିକ୍ଷାଗତ ସହାୟତା ଯୋଗାଇଥାଏ । ଜିନ୍ଦଲ ଫାଉଣ୍ଡେସନର ଉଦ୍ୟମ ଯୋଗୁଁ ଏହି ଅଞ୍ଚଳର ଆଥଲେଟମାନେ ଯେପରିକି ବାବୁଲୁ ମୁଣ୍ଡା, ମଞ୍ଜୁ ମୁଣ୍ଡା, ରେମାଶ ମୁଣ୍ଡା, ଏବଂ ଶ୍ୱେତାଣୀ ମହନ୍ତା ବ୍ରାଜିଲ, ବ୍ରୁନେଇ, ଚୀନ୍ ଏବଂ ମସ୍କୋରେ ଓ ଟୁର୍ଣ୍ଣାମେଣ୍ଟରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିତି ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ନିକଟରେ ଜିନ୍ଦଲ ଫାଉଣ୍ଡେସନ କେଓନଜାର ଜିଲ୍ଲାର ସିଆଲିଜୋଡାଠାରେ ଏକ ଉନ୍ନତ ୱୁଶୁ ପ୍ରଶିକ୍ଷଣ କେନ୍ଦ୍ର ଏବଂ ସୋୟାବାଲିରେ ୬୦ ଶଯ୍ୟା ବିଶିଷ୍ଟ କ୍ରୀଡା ହଷ୍ଟେଲ ପ୍ରତିଷ୍ଠା କରିଥିଲା। ଏହି ତାଲିମ କେନ୍ଦ୍ର ୩୫୦ ଯୁବକ ଏବଂ ଯୁବତୀଙ୍କୁ ଯୋଗାଉଥିବା ବେଳେ ହଷ୍ଟେଲରେ ୬୦ ଜଣ ମନୋନୀତ ପ୍ରତିଭାବାନ ଯୁବ ଆଥଲେଟ୍‌ଙ୍କ ପାଇଁ ବ୍ୟାପକ ଆବାସିକ ସୁବିଧା ଉପଲବ୍ଧ ଅଛି। ଯାହା ସେମାନଙ୍କୁ ଉଭୟ କ୍ରୀଡା ଏବଂ ଏକାଡେମିକ୍ସରେ ଉନ୍ନତ କରିବାକୁ ସକ୍ଷମ କରିଥାଏ । ଏକ ଦଶନ୍ଧିରୁ ଅଧିକ ସମୟ ଧରି ଜିନ୍ଦଲ ଫାଉଣ୍ଡେସନ ଓଡିଶା ରାଜ୍ୟ ୱୁଶୁ ଆସୋସିଏସନ ସହଯୋଗରେ କେଓନଜାର ଜିଲ୍ଲାର ଉସୁକୁ ପ୍ରୋତ୍ସାହିତ କରି ଏହାକୁ ଓଡିଶାର କ୍ରୀଡା ପାଇଁ ଏକ ପ୍ରମୁଖ ହବରେ ପରିଣତ କରିଥିଲା। ଫାଉଣ୍ଡେସନର ଅଦମ୍ୟ ସମର୍ଥନ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଆଥଲେଟମାନେ ସମ୍ପ୍ରତି ଅନ୍ତର୍ଜାତୀୟ ଉସୁ ପ୍ରତିଯୋଗିତାରେ ୪ ଟି ସ୍ୱର୍ଣ୍ଣ ଏବଂ ୨ ଟି ରୌପ୍ୟ ପଦକ ଜିତିଛନ୍ତି । ଏଥିସହ, ଖେଲୋ ଇଣ୍ଡିଆ ଏବଂ ଜାତୀୟ ଉସୁ ଚାମ୍ପିଅନସିପ୍ ଭଳି ସମ୍ମାନଜନକ ଜାତୀୟ ସ୍ତରୀୟ ଉସୁ ଇଭେଣ୍ଟରେ ଏହି ଆଥଲେଟମାନେ ୧୩୦ ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୨୧୨ ଟି ଜାତୀୟ ପଦକ ହାସଲ କରିଛନ୍ତି ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି